# ଧରିତ୍ରୀ DHARITRI


49 ୪୯

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୬/୨୦୨୨ (୧୬ ପୃଷ୍ଠା) | Rayagada, Tuesday, December 6/2022 | Page 16 ₹ 7.00 | ★

୧୨ଶ ଭାଗ ୨୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada | VOLUME 12 ISSUE 297 ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f You Tube

# ଧରିତ୍ରୀ
DHARITRI

୪୯

ମଙ୍ଗଳବାର, ଡିସେମ୍ବର ୬/୨୦୨୨ | Tuesday, December 6/2022 | ପୃଷ୍ଠା-୧




**ମନ ମୁତାବକ କାମ ମିଳୁନି**

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କୁ ତାଙ୍କ ମନ ମୁତାବକ କାମ ମିଳୁ ନ ଥିବା ସେ କହିଛନ୍ତି। ୧୨

୧୦ **ଶେଫାଳୀ ବର୍ମା ଅଧିନାୟିକା ମନୋନୀତ**

୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଓପନିଂ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟିକା କରାଯାଇଛି।



## ବଙ୍ଗୋପସାଗରରେ ଭୂକମ୍ପ

**ନୂଆଦିଲ୍ଲୀ,୫ା୧୨:** ଓଡ଼ିଶା ଉପକୂଳରୁ ୪୩୪ କିଲୋମିଟର ଦୂର ବଙ୍ଗୋପସାଗରରେ ସୋମବାର ସକାଳ ୮ଟା ୩୨ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି (ଏନ୍‌ସିଏସ୍) ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପ ପ୍ରଭାବରେ ଓଡ଼ିଶାର ଉପକୂଳ ଜିଲାରେ ସମୁଦ୍ରିକ ବନ୍ୟା କିମ୍ବା କ୍ଷୟକ୍ଷତିର ଖବର ମିଳିନାହିଁ। ଏନ୍‌ସିଏସ୍ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି କରାଯାଇ ନ ଥିଲା। ପଶ୍ଚିମବଙ୍ଗର ହଳଦିଆଠାରୁ ୩୭୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ଗତବର୍ଷ ଅଗଷ୍ଟ ୨୪ରେ ଚେନ୍ନାଇ ଉପକୂଳରୁ ୩୦୦ କିଲୋମିଟର ଦୂର ବଙ୍ଗୋପସାଗରରେ ୫.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଇଣ୍ଡୋନେସିଆ ଭଳି କେନ୍ଦ୍ରୀୟ ବଙ୍ଗୋପସାଗର ଭୂକମ୍ପ ସକ୍ରିୟ ଜୋନ୍ ନୁହେଁ। ☞ପୃଷ୍ଠା-୨


ORI-HOME
www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295


**ଆଜିର ସମ୍ପାଦକୀୟ**

**କର୍ମର ଫଳ**





ହକି ବିଶ୍ୱକପ୍ ଟ୍ରଫି ଟୁର୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ଟ୍ରଫି ହସ୍ତାନ୍ତର କରୁଛନ୍ତି।

# 'ହକି ବିଶ୍ୱକପ୍ ସ୍ମରଣୀୟ ହେବ'

**ଟ୍ରଫି ଟୁର୍ ଆରମ୍ଭ**

**୧୩ ରାଜ୍ୟ ଭ୍ରମଣ କରିବ**

ଭୁବନେଶ୍ୱର, ୫ା୧୨ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ଟ୍ରଫି ଟୁର୍ କାର୍ଯ୍ୟକ୍ରମ ସୋମବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ୍ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିଛନ୍ତି। "ଟ୍ରଫି ଟୁର୍ ସାରା ଭାରତରେ ହକି ବିଶ୍ୱକପ୍ ପ୍ରତି ଲୋକଙ୍କ ମନରେ ଉଦ୍ଦୀପନା ସୃଷ୍ଟି କରିବ ବୋଲି ମୋର ଆଶା। ୧୬ଟି ଦଳକୁ ନେଇ ଭୁବନେଶ୍ୱର ଓ ରାଉରକେଲାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ଅଂଶଗ୍ରହଣକାରୀ ଦଳ ଏବଂ ପ୍ରଶଂସକଙ୍କ ପାଇଁ ସ୍ମରଣୀୟ ହେବ" ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ☞ପୃଷ୍ଠା-୨

# କାମକୁ ନୁହେଁ ଆଣ୍ଟି ରାଗିଂ ସେଲ୍

ଭୁବନେଶ୍ୱର, ୫ା୧୨ (ବ୍ୟୁରୋ)





**ବର୍ଷକରେ ୬୦ ମାମଲା**

- ଯୁଜିସି ଗାଇଡ୍‌ଲାଇନ୍ ମାନୁନାହାନ୍ତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ
- କଠୋର ଆଭିମୁଖ୍ୟ ଦେଖାନ୍ତୁ ରାଜ୍ୟ ସରକାର, ଉଚ୍ଚ ଶିକ୍ଷା ବିଭାଗ

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ବର୍ତ୍ତମାନ ଏକ ଗୁରୁତର ସମସ୍ୟା ହୋଇ ଛିଡ଼ା ହୋଇଛି। ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ କ୍ୟାମ୍ପସ୍ ଧୀରେ ଧୀରେ ଅପରାଧପ୍ରବଣ ହୋଇପଡୁଛି। ରାଗିଂ ରୋକିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ୨୦୦୯ରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଣ୍ଟି ରାଗିଂ ସେଲ୍ ଗଠନକୁ ବାଧ୍ୟତାମୂଳକ କରିଛନ୍ତି। ହେଲେ ରାଜ୍ୟ ସରକାର, ଶିକ୍ଷା ବିଭାଗ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ତାହା ଫଳପ୍ରସୂ ହୋଇପାରୁ ନାହିଁ। ରାଗିଂମୁକ୍ତ କ୍ୟାମ୍ପସ ପାଇଁ ସରକାର ନିର୍ଦ୍ଦେଶ ଦେଇ ଚୁପ୍ ବସିଥିବାବେଳେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତାହାକୁ କେବଳ କାଗଜ, କଲମରେ ସୀମିତ ରଖୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସେଲ୍ ଗଠନ ହୋଇ ନାହିଁ। ଯେଉଁଠି ରହିଛି, ତାହା କେଉଁଠି ଠିକ୍‌ରେ କାମ କରୁ ନାହିଁ, ତ ଆଉ କେଉଁଠି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ରାଗିଂ ଭଳି ସ୍ପର୍ଶକାତର ଘଟଣା ବଢ଼ି ଚାଲିଛି। ବହୁ ଘଟଣା ଲୁଚି ଯାଉଥିବାବେଳେ କିଛି ଚର୍ଚ୍ଚାକୁ ଆସୁଛି। ତେବେ ଖୁବ୍ କମ୍ ରାଗିଂ ଅଭିଯୋଗ ଉଚ୍ଚ କର୍ତ୍ତୃପକ୍ଷ ବା ୟୁଜିସି ନିକଟରେ ପହଞ୍ଚୁଛି।

୨୦୨୧ରୁ ୨୦୨୨ ମଧ୍ୟରେ ୟୁଜିସିରେ ରାଗିଂ ସଂକ୍ରାନ୍ତ ୬୦ଟି ମାମଲା ପଞ୍ଜୀକରଣ ହୋଇଛି। ବିଜେବି କଲେଜ ରାଗିଂ ଘଟଣା ପରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତତ୍ପରତା ଦେଖାଇଥିଲା। ସମସ୍ତ କଲେଜରେ ଆଣ୍ଟି ରାଗିଂ ସେଲ୍ ଗଠନ ଓ ରାଗିଂ ନଜରକୁ ଆସିଲେ ଦୃଢ଼ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୁରୀ ଜିଲାର ନିମାପଡ଼ା ଓ ଗଞ୍ଜାମ ଜିଲାର ଏକାଧିକ ଶିକ୍ଷାନୁଷ୍ଠାନରେ ରାଗିଂ ଘଟଣା ରାଜ୍ୟ ସରକାରଙ୍କ ପ୍ରକୃତ ଆଭିମୁଖ୍ୟକୁ ପଦାରେ ପକାଇଥିଲା। ଏଯାଏ ରାଜ୍ୟରେ ରାଗିଂକୁ ନେଇ ଯେଉଁସବୁ ଅଭିଯୋଗ ହୋଇଛି, ସମସ୍ତ ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। କିଛି ଘଟଣାରେ କଲେଜ କର୍ତ୍ତୃପକ୍ଷ ଦୋଷଛଡ଼ା ହେବା ପାଇଁ ପଦକ୍ଷେପ ନେଉଥିଲେ ମଧ୍ୟ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଉଠୁଛି। ଅଭିଯୋଗ ଆଣୁଥିବା ଛାତ୍ରୀଛାତ୍ରଙ୍କୁ ହଇରାଣ କରାଯିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ପହଞ୍ଚାଇବା ଭଳି ପରିସ୍ଥିତି ସୃଷ୍ଟି କରାଯାଉଛି। ସେମାନଙ୍କ ପାଠପଢ଼ାରେ କ୍ଷତି ପହଞ୍ଚାଯାଉଛି। ଫଳରେ ରାଗିଂ କରୁଥିବା ଛାତ୍ରୀଛାତ୍ରଙ୍କୁ ସାହସ ମିଳିଯାଉଛି। ସବୁଆଡୁ ଅସହାୟ ହୋଇପଡିବା ପରେ ରାଗିଂର ଶିକାର ଛାତ୍ରୀଛାତ୍ର ଶେଷରେ ଆତ୍ମହତ୍ୟା ପନ୍ଥାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ରାଗିଂ ହେଉଥିଲା, ହେଲେ ଏବେ ସ୍କୁଲରେ ବି ରାଗିଂ ପଶିଲାଣି। ତେଣୁ ସରକାର ରାଗିଂମୁକ୍ତ କ୍ୟାମ୍ପସ ପାଇଁ କଠୋର ଆଇନ ପ୍ରଣୟନ କରିବା ସହ ଦୃଢ଼ ଆଭିମୁଖ୍ୟ ରଖିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

ରାଗିଂ ଯୋଗୁ ଗତ ଜୁଲାଇରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚହଳ ପକାଇଦେଇଥିଲା। ତାଙ୍କ ରୁମ୍‌ରୁ ମିଳିଥିବା ହାତଲେଖା ନୋଟ୍ ଏବଂ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, କେତେଜଣ ସିନିୟର ଛାତ୍ରୀ ରାଗିଂ ଓ ସେମାନଙ୍କ ପୁରୁଷ ବନ୍ଧୁଙ୍କ ନିର୍ଯାତନା ସହି ନ ପାରି ରୁଚିକା ଆତ୍ମହତ୍ୟା କରିଥିଲେ। ଏହା ଜଣାପଡ଼ିବା ପରେ ଛାତ୍ର ସଙ୍ଗଠନଠାରୁ ଆରମ୍ଭ କରି ରାଜନୈତିକ ଦଳଗୁଡ଼ିକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରିକି ରୁଚିକାଙ୍କ ପରିବାର ଲୋକ ନ୍ୟାୟ ପାଇଁ କଲେଜ ସମ୍ମୁଖରେ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୨

# ପଦ୍ମପୁରରେ ୮୦.୫% ମତଦାନ



**ଭୋଟିଂରେ ରେକର୍ଡ, ୮ରେ ଗଣତି**

ବରଗଡ଼ ଅଫିସ୍/ପଦ୍ମପୁର (ଡି.ଏନ.ଏ.)/ ଭୁବନେଶ୍ୱର,୫ା୧୨(ବ୍ୟୁରୋ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ସୋମବାର ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଇଲେକ୍‌ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ରେ ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ଆସନ୍ତା ୮ ତାରିଖରେ ଭୋଟଗଣତି ହେବ। ସୋମବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବାବେଳେ ୩୧୯ ବୁଥରେ ୨.୫୭ ଲକ୍ଷ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ଭୋଟଗ୍ରହଣ ପ୍ରକ୍ରିୟା ଅପରାହ୍ନ ୪ଟା ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ କେତେକ ସ୍ଥାନରେ ସନ୍ଧ୍ୟା ୬ଟା ଯାଏ ମତଦାନ ହୋଇଛି। ସନ୍ଧ୍ୟା ୬ଟା ୧୮ ସୁଦ୍ଧା ☞ପୃଷ୍ଠା-୨

# ୪୮ ଘଣ୍ଟାରେ ବାତ୍ୟା ଆଶଙ୍କା

**ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୫ା୧୨(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଅବପାତ(ଡିପ୍ରେସନ)ରେ ପରିଣତ ହେବ। ଏ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହାର ୨୪ ଘଣ୍ଟା ପରେ ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ବାତ୍ୟା ରୂପ ନେବ। ଆସନ୍ତା ୮ ତାରିଖ ରାତିରେ ବାତ୍ୟା ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ଆଶଙ୍କା ରହିଛି। କିନ୍ତୁ ଓଡ଼ିଶା ଉପରେ ବାତ୍ୟାର ସିଧା ପ୍ରଭାବ ପଡ଼ିବ ନାହିଁ। ତେବେ ୯ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ନୟାଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହାଛଡ଼ା ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ଦିନକ ପରେ ବାତ୍ୟା ସମ୍ପର୍କରେ ଚିତ୍ର ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରାଜ୍ୟରେ ଶୀତ ସାମାନ୍ୟ ଅଧିକ ଅନୁଭୂତ ହୋଇଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୧୨.୪, ସୁନ୍ଦରଗଡ଼ ୧୨.୮, ଝାରସୁଗୁଡ଼ା ୧୨.୬, କୋରାପୁଟ ୧୩ ଓ କେନ୍ଦୁଝରରେ ୧୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

**ଏକ୍‌ଜିଟ୍ ପୋଲ୍**

# ଗୁଜରାଟରେ ଭାଜପା, ହିମାଚଳରେ କଂଗ୍ରେସ

**ଏଏପି ଦଖଲକୁ ଯିବ ଏମ୍‌ସିଡି**

ନୂଆଦିଲ୍ଲୀ,୫ା୧୨

ସଦ୍ୟ ଅନୁଷ୍ଠିତ ଗୁଜରାଟ ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ପୁଣି ଥରେ ବିଜୟୀ ହୋଇପାରେ। ଏଠାରେ ଭାଜପା ୧୩୧ ଆସନ ଦଖଲ କରି ଲଗାତର ସପ୍ତମ ଥର ପାଇଁ ସରକାର ଗଢ଼ିବା ନେଇ ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସ ଅନୁସାରେ, କଂଗ୍ରେସକୁ ୪୧ ଏବଂ ରାଜ୍ୟରେ ନୂଆକରି ଭାଗ୍ୟ ପରୀକ୍ଷା କରୁଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୭ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିପାରେ। ହିମାଚଳ ପ୍ରଦେଶରେ ଭାଜପାକୁ କଂଗ୍ରେସ କଡ଼ା ଟକ୍କର ଦେଇଛି। ଏହି ରାଜ୍ୟରେ ଶାସକ ଭାଜପା ୩୫ ଓ କଂଗ୍ରେସ ୨୯ ଆସନ ଦଖଲ କରିବା ନେଇ ବିଭିନ୍ନ ସୂତ୍ରରୁ ଆକଳନ କରାଯାଇଛି। ଅନ୍ୟପକ୍ଷେ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ନିର୍ବାଚନରେ କେନ୍ଦ୍ରଶାସିତ ଅଞ୍ଚଳର ଶାସକ ଏଏପିକୁ ବଡ଼ ସଫଳତା ମିଳିପାରେ। ୧୫ ବର୍ଷ ଧରି ଭାଜପା ଦଖଲରେ ଥିବା ଏମ୍‌ସିଡିର ମୋଟ ୨୫୦ ଆସନ ମଧ୍ୟରୁ ଏଏପି ୧୫୪, ଭାଜପା ୮୪ ଓ କଂଗ୍ରେସ ୬ ଆସନ ଦଖଲ କରିବ ବୋଲି ବୁଥ୍‌ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସରୁ ଜଣାପଡ଼ିଛି। ତେବେ 'ଏକ୍‌ଜିଟ୍ ପୋଲ୍' ସବୁବେଳେ 'ଏକ୍‌ଜେକ୍ଟ ପୋଲ୍' ସାବ୍ୟସ୍ତ ହୋଇ ନ ଥାଏ। ଏମ୍‌ସିଡି ନିର୍ବାଚନ ଫଳାଫଳ ଆସନ୍ତା ୭ରେ ଏବଂ ଗୁଜରାଟ ଓ ହିମାଚଳ ବିଧାନସଭା ନିର୍ବାଚନର ପରିଣାମ ୮ ତାରିଖରେ ଆସିବା ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ।

ଦୀର୍ଘ ୨୭ ବର୍ଷ ଧରି ଗୁଜରାଟରେ କ୍ଷମତାସୀନ ଥିବା ଭାଜପା ଉପରେ ରାଜ୍ୟବାସୀ ପୁନର୍ବାର ଆସ୍ଥା ପ୍ରକଟ କରିଛନ୍ତି। ବିଧାନସଭାର ମୋଟ ଆସନ ସଂଖ୍ୟା ୧୮୨ ହୋଇଥିବାବେଳେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୯୨। ଡିସେମ୍ବର ୧ରେ ☞ପୃଷ୍ଠା-୨









**ଗୁଜରାଟ ସିଟ୍ ସଂଖ୍ୟା: ୧୮୨ ସଂଖ୍ୟାଗରିଷ୍ଠତା: ୯୨**

| ସୂତ୍ର | ଭାଜପା | କଂଗ୍ରେସ+ଏନ୍‌ସିପି | ଏଏପି |
|---|---|---|---|
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୧୧୭-୧୪୦ | ୩୪-୫୧ | ୬-୧୩ |
| ରିପବ୍ଲିକ୍ ଟିଭି ପି-ମାର୍କ | ୧୨୮-୧୪୮ | ୩୦-୪୨ | ୨-୧୦ |
| ଟିଭି୯ ଗୁଜରାଟୀ | ୧୨୫-୧୩୦ | ୪୦-୫୦ | ୩-୫ |
| - | - | - | - |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୧୩୧(+୩୨) | ୪୧(-୩୭) | ୭(+୭) |

**ହିମାଚଳ ପ୍ରଦେଶ ସିଟ୍ ସଂଖ୍ୟା: ୬୮ ସଂଖ୍ୟାଗରିଷ୍ଠତା: ୩୫**

| ସୂତ୍ର | ଭାଜପା | କଂଗ୍ରେସ | ଏଏପି |
|---|---|---|---|
| ଆଜ୍ ତକ୍-ଆକ୍ସିସ୍ ମାଇଁ ଇଣ୍ଡିଆ | ୨୪-୩୪ | ୩୦-୪୦ | ୦ |
| ଇଣ୍ଡିଆ ଟିଭି-ମାଟ୍ରିକ୍ | ୩୫-୪୦ | ୨୬-୩୧ | ୦ |
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୩୨-୪୦ | ୨୭-୩୪ | ୦ |
| ରିପବ୍ଲିକ୍ ଟିଭି ପି-ମାର୍କ | ୩୪-୩୯ | ୨୮-୩୩ | ୦-୧ |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୩୫(+୯) | ୨୯(+୮) | ୦ |

**ଦିଲ୍ଲୀ ଏମ୍‌ସିଡି ୱାର୍ଡ: ୨୫୦ ସଂଖ୍ୟାଗରିଷ୍ଠତା: ୧୨୬**

| ସୂତ୍ର | ଭାଜପା | କଂଗ୍ରେସ | ଏଏପି |
|---|---|---|---|
| ଆଜ୍ ତକ୍-ଆକ୍ସିସ୍ ମାଇଁ ଇଣ୍ଡିଆ | ୬୯-୯୧ | ୩-୭ | ୧୪୯-୧୭୧ |
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୭୦-୯୨ | ୪-୭ | ୧୫୯-୧୭୫ |
| ଟାଇମ୍ସ ନାଓ-ଇଟିଜି | ୮୪-୯୪ | ୬-୧୦ | ୧୪୬-୧୫୬ |
| ଜି ନ୍ୟୁଜ୍ ବାର୍କ | ୮୨-୯୪ | ୮-୧୪ | ୧୩୪-୧୪୬ |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୮୪(-୮୪) | ୬(-୨୨) | ୧୫୪(+୧୧୦) |

# କୋଭିଡ୍ ଭୂତାଣୁ ମନୁଷ୍ୟକୃତ



**ଉହାନ ଲାବ୍ ବୈଜ୍ଞାନିକଙ୍କ ସୂଚନା**

**ଚାଇନାକୁ ଜୈବପ୍ରଯୁକ୍ତି ଦେଇଥିଲା ଆମେରିକା**

ନୂଆଦିଲ୍ଲୀ,୫ା୧୨

କୋଭିଡ୍ ଭୂତାଣୁ ମନୁଷ୍ୟକୃତ ଏବଂ ଏହା ଚାଇନାର ବିବାଦୀୟ ଉହାନ୍ ଗବେଷଣାଗାରରୁ ଲିକ୍ ହୋଇଥିଲା। ଉକ୍ତ ଲାବ୍‌ରେ କାର୍ଯ୍ୟ କରିଥିବା ଆମେରିକାର ଜଣେ ବୈଜ୍ଞାନିକ ଏହି ବିସ୍ମୟକର ତଥ୍ୟ ପ୍ରଘଟ କରିଛନ୍ତି। ଦୁଇବର୍ଷ ପୂର୍ବେ ଚାଇନା ପରିଚାଳିତ ଗବେଷଣା ସଂସ୍ଥା ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ରୁ କୋଭିଡ୍ ଭୂତାଣୁ ଲିକ୍ ହୋଇଥିଲା ବୋଲି ଆମେରିକା ଗବେଷକ ଆଣ୍ଡ୍ରୁ ହଫ୍‌ଙ୍କ ବିବୃତିକୁ ଉଦ୍ଧାର କରି ନ୍ୟୁୟର୍କ ପୋଷ୍ଟ ଖବର ପ୍ରକାଶ କରିଛି। ମହାମାରୀ ବିଶେଷଜ୍ଞ ହଫ୍‌ଙ୍କ ପୁସ୍ତକ 'ଦି ଟ୍ରୁଥ୍ ଏବାଉଟ୍ ଉହାନ'ବ୍ରିଟେନ ଟାବଲଏଡ୍ 'ଦି ସନ୍'ରେ ପ୍ରକାଶିତ ହୋଇଛି। ଏଥିରେ ହଫ୍ ଉଲ୍ଲେଖ କରିଛନ୍ତି, ଉହାନ ଲାବ୍‌ରେ ଆମେରିକା ସରକାରଙ୍କ ପାଣ୍ଠିରେ କରୋନା ଭୂତାଣୁ ଉପରେ ଗବେଷଣା ଚାଲିଥିଲା।

ପୂର୍ବରୁ ନ୍ୟୁୟର୍କର ଇକୋହେଲ୍‌ଥ ଆଲିଆନ୍ସର ଉପାଧ୍ୟକ୍ଷ ଥିବା ହଫ୍ ସଂକ୍ରାମକ ରୋଗ ଉପରେ ଗବେଷଣା କରୁଥିଲେ। ତାଙ୍କ କହିବା ଅନୁଯାୟୀ ଚାଇନାରେ ଭୂତାଣୁ ଉପରେ ଚାଲିଥିବା ଗବେଷଣାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିଲା। ଫଳରେ ଉହାନ୍ ଲାବ୍‌ରୁ ଭୂତାଣୁ ଲିକ୍ ହେଲା ବୋଲି ସେ କହିଛନ୍ତି। ମହାମାରୀ ବ୍ୟାପିବା ସମୟରେ ଉହାନ ଲାବ୍‌ରୁ ଏହାର ସୃଷ୍ଟି ହୋଇଥିବା ନେଇ ବିତର୍କ ଚାଲିଥିବାବେଳେ ଚାଇନା ସରକାର ଏବଂ ଲାବରେଟୋରି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇ ଆସୁଥିଲା। ସେଠାରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍) ପାଣ୍ଠିରେ ବାଦୁଡ଼ି ଶରୀରରେ ଥିବା ☞ପୃଷ୍ଠା-୨

“ଜି୨୦ ସମ୍ମିଳନୀ ଲୋଗୋରେ ବ୍ୟବହୃତ ପଦ୍ମ ଫୁଲ ଛବି ରାଜନୈତିକ ଦଳ ଆଡ଼କୁ ଇଙ୍ଗିତ କରୁଛି। ଏହା ବଦଳରେ କେନ୍ଦ୍ର ସରକାର ଯେକୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଉଚିତ୍ ଥିଲା।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲବଙ୍ଗଲତା ଫୁଲ ଚହଟା**
**ଫୁଲ କେଉଁଦିନ ଫୁଟିବ**
**ଅନାଇଣ କଳ ବୟସ ଗଲା**
**କାନ୍ତ କେଉଁଦିନ ଫେରିବ?**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘଦିନ ଧରି ପ୍ରେମିକଙ୍କୁ ପ୍ରତୀକ୍ଷା କରି ହତାଶ ହୋଇପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଉ ଚୋର, କଖାରୁ ଚୋର**
**ଚୋରାଉ ଚୋରାଉ ବଡ଼ ଚୋର।**

ବାଳକ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ଅଭ୍ୟାସରେ ପରିଣତହୁଏ। ସେହି ସମୟରୁ ଶାସନ ନ କଲେ ସମୟକ୍ରମେ ସେ ବଡ଼ ଚୋର ପାଲଟି ଯିବାର ସମ୍ଭାବନା ରହିଥାଏ। ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରି ଦେଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


ପ୍ରଥମ ପୃଷ୍ଠାରୁ...


## କାମକୁ ନୁହେଁ ଆଣ୍ଟି...

ବଦଳରେ ସେମାନଙ୍କୁ ଶେଷରେ ପୋଲିସ ଲଗାଇ ଉଠାଇ ନିଆଗଲା। ନିକଟରେ ବୁଧବାର ବିଧାନସଭା ଶୀତ ଅଧିବେଶନ ଚାଲିଥିବା ସମୟରେ ଝିଅକୁ ନ୍ୟାୟ ଦାବିରେ ରୁଚିକାଙ୍କ ମା’ ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ, ସୁରକ୍ଷାକର୍ମୀ ତାଙ୍କୁ ଉଠାଇ ନେଇଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଦୋଷୀ ଛାତ୍ରୀଛାତ୍ର ବଡ଼ ବଡ଼ିଆଙ୍କ ସମ୍ପର୍କୀୟ ହୋଇଥିବାରୁ ଓ ରାଜ୍ୟର ପ୍ରମୁଖ କଲେଜକୁ ବଦନାମରୁ ରକ୍ଷା କରିବା ପାଇଁ ପୂରା ଯୋଜନାବଦ୍ଧ ଭାବେ ଘଟଣାକୁ ଚପାଇ ଦିଆଗଲା। ଏହି ଘଟଣାରେ ପୋଲିସର କାର୍ଯ୍ୟଧାରା ଓ କଲେଜ କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ଶିକ୍ଷା ବିଭାଗର ନିଷ୍କ୍ରିୟତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଆହୁରି ମଧ୍ୟ ସେହି ମାସରେ ବିଜେବି କଲେଜରେ ଆଉଏକ ରାଗିଂ ଅଭିଯୋଗକୁ ମଧ୍ୟ ଚପାଇ ଦିଆଗଲା। ଯୁକ୍ତ୨ ବାଣିଜ୍ୟ ଛାତ୍ର ରୁଦ୍ର ନାରାୟଣ ରାଗିଂ ଅଭିଯୋଗ ଆଣିଥିଲେ ମଧ୍ୟ ତାହାକୁ କେହି ଶୁଣି ନ ଥିଲେ। ସେହିଭଳି ଭୁବନେଶ୍ୱରର ବେସିକ ସାଇନ୍ସ କଲେଜର ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ର ସୋମନାଥ ସେଠୀ ମଧ୍ୟ ରାଗିଂର ଶିକାର ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ସେପଟେ ଗତମାସରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ରୋଜାଲିନ ବିଶ୍ୱାଳ ରାଗିଂ ଅଭିଯୋଗ କରିଥିବାରୁ ଏବେ ତାଙ୍କୁ ପାଠପଢ଼ାରୁ ବଞ୍ଚିତ ହେବାକୁ ପଡିଛି। ତାଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲରେ ତାଙ୍କୁ ଦୀର୍ଘ ତିନିମାସ ଧରି ରାଗିଂ କରାଯାଇଥିଲା। ତାହା ଅସହ୍ୟ ହେବାରୁ ଗତ ଅକ୍ଟୋବର ୩୦ରେ ଘରେ ଜଣାଇବା ସହିତ ପରିବାର ସଦସ୍ୟଙ୍କ ସହ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଘଟଣାକୁ ଚାପିବାକୁ ଉଦ୍ୟମ କରାଗଲା। ପୋଲିସ ଜୋର ଜବରଦସ୍ତ ହଷ୍ଟେଲରେ ଥିବା ଜିନିଷ ପତ୍ର ଦେଇ ତାଙ୍କୁ ବିଦା କରିଦେଲା। କଲେଜ କର୍ତ୍ତୃପକ୍ଷ, ପୋଲିସ ଏବଂ ଗଣଶିକ୍ଷା ମନ୍ତ୍ରୀ ମିଳିତ ଭାବରେ ଷଡ଼ଯନ୍ତ୍ର କରୁଥିବା ସେ ଓ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସବୁଠାରୁ ସମ୍ବେଦନଶୀଳ କଥା ହେଲା, ପୀଡିତା ଛାତ୍ରୀ ନ୍ୟାୟ ପାଇଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇଛନ୍ତି। ‘ମୋତେ ପାଠ ପଢ଼ିବାକୁ ଦିଅ’ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ନିକଟରେ ବ୍ରହ୍ମପୁରରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଷଷ୍ଠ ଶ୍ରେଣୀର ଛାତ୍ର ରାଗିଂ ଶିକାର ହୋଇଥିଲେ। ସିନିୟର ଛାତ୍ରମାନେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିବା ପରେ ୮ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେହିପରି ବ୍ରହ୍ମପୁରର ଏକ ପୁରାତନ ମହାବିଦ୍ୟାଳୟରେ ଜଣେ ଯୁକ୍ତ୨ ଛାତ୍ରୀଙ୍କୁ ସିନିୟର ଛାତ୍ରୀଛାତ୍ର ରାଗିଂ କରିବା ସହ ଅସଦାଚରଣ କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ଏହାପରେ ରାଗିଂ ସୁଯୋଗ ଦେଇ ଆସୁଥିବା କଲେଜ କର୍ତ୍ତୃପକ୍ଷ ଦୋଷଛଡ଼ା ହେବାକୁ ସମ୍ପୃକ୍ତ ୧୨ଜଣ ଛାତ୍ରୀଛାତ୍ରଙ୍କୁ କଲେଜରୁ ବିଦା କରିଛନ୍ତି। ଏପରି କି ଶନିବାର ଗଞ୍ଜାମ ଜିଲା ଖଲ୍ଲିକୋଟର ଏକ ଘରୋଇ କଲେଜରେ ଚାନ୍ଦା ଆଦାୟକୁ କେନ୍ଦ୍ରକରି ଜଣେ ଜୁନିୟର ଛାତ୍ରକୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ କଲେଜରେ ଶୃଙ୍ଖଳା କମିଟି ବୈଠକ ବସିଥିଲେ ମଧ୍ୟ କୌଣସି ସମାଧାନ ନ ବାହାରି ପାରି ନ ଥିଲା।

ଏ ସମ୍ପର୍କରେ ଉତ୍କଳ ଷ୍ଟୁଡେଣ୍ଟସ ଆସୋସିଏଶନ ଅଧ୍ୟକ୍ଷ ସୌମ୍ୟରଞ୍ଜନ ସାମଲ କହିଛନ୍ତି, ରାଗିଂମୁକ୍ତ କ୍ୟାମ୍ପସ କେବଳ ସରକାରଙ୍କ ଏକ ନାରା। ପ୍ରକୃତପକ୍ଷେ ଏହା କାର୍ଯ୍ୟକାରୀ ହେଉନାହିଁ। ରାଗିଂ ରୋକିବାକୁ ଯେଉଁ ଟଙ୍କା ଆସୁଛି ତାହା ଅନ୍ୟତ୍ର ଖର୍ଚ୍ଚ ହେଉଛି। କୌଣସି ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉ ନାହିଁ। ଯେଉଁ କମିଟି ହେଉଛି ସେଥିରେ କାହାକୁ ରଖାଯାଉଛି, ତାହା ସମସ୍ତେ ଜାଣିବା ଉଚିତ। ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେଉଁ ଛାତ୍ରୀଛାତ୍ରମାନେ କଲେଜରେ ଦବ୍‌ଦବା ଦେଖାଇଥାନ୍ତି, ସେମାନେ ହିଁ ରାଗିଂରେ ସମ୍ପୃକ୍ତ ରହୁଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଗିଂ ବିରୋଧରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବା ପାଇଁ ଗତ ଜୁଲାଇରେ ଆମେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରିଛୁ। କିନ୍ତୁ ଏଯାଏ ତା’ର କିଛି ଶୁଣାଣି ହୋଇନାହିଁ। ଡିସେମ୍ବରରେ ଏହାର ସ୍ୱତନ୍ତ୍ର ଶୁଣାଣି କରିବା ପାଇଁ ଆମେ ଅପିଲ କରିବୁ। ତେବେ ବ୍ରହ୍ମପୁର ଘଟଣାରେ ଦୋଷୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଯେଉଁଭଳି ଭାବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହା ସ୍ୱାଗତଯୋଗ୍ୟ। ଏହିଭଳି କାର୍ଯ୍ୟାନୁଷ୍ଠାନ କରାଗଲେ ଅନ୍ୟ ଛାତ୍ରୀଛାତ୍ରଙ୍କ ମନରେ ଭୟ ରହିବ ବୋଲି ବାସୁଦେବ କହିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର କହିଛନ୍ତି, ରୁଚିକା ଆତ୍ମହତ୍ୟା ମାମଲାରେ କମିଶନରେଟ ପୋଲିସ ତଦନ୍ତ କରୁଛି। ଏହି ତଦନ୍ତରେ କଲେଜ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ଅନ୍ୟପକ୍ଷରେ କଲେଜରେ ଆଣ୍ଟି ରାଗିଂ ସେଲ୍ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁଛି। ମଝିରେ ମଝିରେ ୱାର୍କଶପ୍ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ନିକଟରେ ପରାମର୍ଶ ଦେବା ପାଇଁ ପୋଲିସ କମିଶନରଙ୍କୁ ମଧ୍ୟ ଡକାଯାଇଥିଲା। ପିଲାମାନେ ରାଗିଂ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ସଚେତନ ଥିବା ଅଧ୍ୟକ୍ଷ ନିରଞ୍ଜନ କହିଛନ୍ତି। ତେବେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ‘ହକି ବିଶ୍ୱକପ୍...

ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆର ମହାସଚିବ ଭୋଳାନାଥ ସିଂ, ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ କାର୍ଯ୍ୟକାରୀ ନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ, ଅନ୍ୟ କର୍ମକର୍ତ୍ତା ଓ ହକି ଖେଳାଳିମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହକି ବିଶ୍ୱକପ୍ ଟ୍ରଫି ୧୩ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳ ଭ୍ରମଣ କରିବାପରେ ଡିସେମ୍ବର ୨୫ରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବ। ଆଗାମୀ ୨୧ ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ, ମଣିପୁର, ଆସାମ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ନୂଆଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣାଟକ ଓ ଛତିଶଗଡ଼ ଆଦି ରାଜ୍ୟ ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ଓଡ଼ିଶାର ସମସ୍ତ ଜିଲାରେ ଏହି ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହକିର ଅନ୍ତୁଡ଼ିଶାଳ କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ଏହି ଟ୍ରଫି ଭ୍ରମଣ କରିବ। ଟୁର୍‌ର ଶେଷ ଚରଣ ରାଉରକେଲାରେ ହେବାପରେ ଟ୍ରଫି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଫେରିବ। ସେଠାରେ ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରରେ ୨୦୧୮ରେ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ବଙ୍ଗୋପସାଗରରେ ଭୂକମ୍ପ...

ତେବେ ଫଲ୍ଟ ଲାଇନ୍ ଥିବାରୁ ଏଥିରେ ସାମାନ୍ୟ ବିଚ୍ୟୁତି ଯୋଗୁ ଭୂକମ୍ପ ଅନୁଭୂତ ହେଉଥିବା ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଆର୍ଥ, ଓସନ ଆଣ୍ଡ୍ କ୍ଲାଇମେଟ୍ ସାଇନ୍ସର ଆସୋସିଏଟ୍ ପ୍ରଫେସର ସନ୍ଦିପ୍ ପଟ୍ଟନାୟକ କହିଛନ୍ତି।

## ପଦ୍ମପୁରରେ ୭୫.୮୯%...

୮୦.୫% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଉପନିର୍ବାଚନରେ ମତଦାନ ପାଇଁ ଭୋଟରଙ୍କ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଛି। ଯୁବ, ମହିଳାଙ୍କଠାରୁ ବୟସ୍କ, ଦିବ୍ୟାଙ୍ଗ ଭୋଟରମାନେ ସକାଳୁ ମତଦାନ କରିବାକୁ ବୁଥ୍‌ରେ ପହଞ୍ଚିଥିଲେ। ସେମାନେ ଲମ୍ବା ଧାଡ଼ିରେ ବୁଥ୍ ଆଗରେ ଛିଡ଼ା ହୋଇଥିଲେ ଏବଂ କ୍ରମାନ୍ୱୟରେ ବୁଥ୍ ଭିତରକୁ ଯାଇ ମତାଧିକାର ସାବ୍ୟସ୍ତ କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍ ବିଭିନ୍ନ ବୁଥ୍ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ମାନବେନ୍ଦ୍ର ପ୍ରତାପ ସିଂ ଏବଂ ଅଧିକାରୀମାନେ ମଧ୍ୟ ବୁଥ୍ ପରିଦର୍ଶନ କରିଥିଲେ। ମତଦାନ ସମୟ ଯେତିକି ଗଡ଼ି ଚାଲିଥିଲା, ବୁଥ୍ ଆଗରେ ମତଦାତାଙ୍କ ସଂଖ୍ୟା ସେଭଳି ବଢ଼ି ଚାଲିଥିଲା। ସକାଳ ୯ଟା ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୮.୫ ପ୍ରତିଶତ ଥିଲା। ଦିନ ୧୧ଟା ସୁଦ୍ଧା ଏହି ହାର ୨୯.୭୩କୁ ବୃଦ୍ଧି ପାଇଥିଲା। ସେହିପରି ଅପରାହ୍ନ ୧ଟା ସୁଦ୍ଧା ୪୬.୯୬, ଅପରାହ୍ନ ୩ଟା ସୁଦ୍ଧା ୬୫.୨୮ ଏବଂ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୭୫.୮୯%ରେ ପହଞ୍ଚିଥିଲା। ରାଜବୋଡ଼ାସମ୍ବର ହାଇସ୍କୁଲ (ବୁଥ୍ ନଂ-୨୦୯, ଘନାମାଳ ବୁଥ୍ ନଂ-୩୦୪)ରେ ପ୍ରାରମ୍ଭିକ ଅବସ୍ଥାରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେଠାରେ ଇଭିଏମ୍ ପରିବର୍ତ୍ତନ ପରେ ମତଦାନ ସ୍ୱାଭାବିକ ହୋଇଥିଲା। ମତଦାନ ପ୍ରକ୍ରିୟା ସରିବା ପରେ ପୋଲିଂ ଅଧିକାରୀମାନେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ରିସିଭିଂ ସେଣ୍ଟରରେ ଇଭିଏମ୍ ଜମା ଦେଇଥିଲେ। ସେଠାକାର ଗୋଦାମ ଗୃହରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଇଭିଏମ୍‌କୁ ରଖାଯାଇଛି। ଆସନ୍ତା ଗୁରୁବାର ପଦ୍ମପୁର ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ଭୋଟ ଗଣତି କରାଯିବ ବୋଲି ସୂଚନା ଦିଆଯାଇଛି।

ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥ୍ ମଧ୍ୟରୁ ରାଜବୋଡ଼ାସମ୍ବର (ପଦ୍ମପୁର) ବ୍ଲକର ୧୨୨, ପାଇକମାଳର ୧୧୦, ଝାରବନ୍ଧ ବ୍ଲକର ୭୪ ଏବଂ ପଦ୍ମପୁର ଏନ୍‌ଏସିର ୧୩ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ହୋଇଥିଲା। ଏଥିମଧ୍ୟରେ ୬ ଗୋଲାପୀ(ପିଙ୍କ୍) ଏବଂ ୧୫ ଆଦର୍ଶ (ମଡ଼େଲ) ବୁଥ୍ ରହିଥିଲା। ଆଦର୍ଶ ଓ ଗୋଲାପୀ ଭୋଟ ଗ୍ରହଣ କେନ୍ଦ୍ର ସୁନ୍ଦର ଭାବେ ସଜ୍ଜିତ ହୋଇଥିବାବେଳେ ଭୋଟରଙ୍କୁ ସ୍ୱାଗତ କରାଯାଇଥିଲା। ପିଙ୍କ୍ ବୁଥ୍‌ରେ କେବଳ ମହିଳା ପୋଲିଂ କର୍ମଚାରୀ ରହିଥିଲେ। ସେହିପରି ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ସହାୟତାରେ ଦିବ୍ୟାଙ୍ଗ ଏବଂ ବୟସ୍କ ଭୋଟରମାନେ ଅଟୋ, ହ୍ୱିଲ ଚେୟାର ଯୋଗେ ଆସି ମତାଧିକାର ସାବ୍ୟସ୍ତ କରିଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନକହିଛନ୍ତି ଯେ, ଦୃଷ୍ଟିବାଧିତଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ରେଲି ବାଲଟ୍ ବ୍ୟବସ୍ଥା କରାଯାଇଥିଲା। ଭୋଟ ଦେବା ପାଇଁ ଦିବ୍ୟାଙ୍ଗମାନଙ୍କୁ ଘରୁ ଆଣି ଓ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ବୁଥ୍ ପାଇଁ ୪ ଜଣ ଲେଖାଏ ପୋଲିଂ ଅଧିକାରୀଙ୍କୁ ମିଶାଇ ନିର୍ବାଚନମଣ୍ଡଳୀରେ ମୋଟ ୧୨୭୬ ଜଣ କର୍ମଚାରୀ ନିୟୋଜିତ ଥିଲେ। ନିର୍ବାଚନମଣ୍ଡଳୀରେ ୭୯ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ୧୨୦ଟି ସମ୍ବେଦନଶୀଳ ବୁଥ୍‌ରେ ୱେବ୍‌କାଷ୍ଟିଂ ଓ ୬୬ଟି ବୁଥ୍‌ରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିଲା। ୯୧ ଜଣ କେନ୍ଦ୍ରୀୟ ମାଇକ୍ରୋ ଅବଜର୍ଭର ନିୟୋଜିତ ଥିଲେ। ବରଗଡ଼ ଜିଲା ମାଓବାଦୀପ୍ରବଣ ହୋଇଥିବାରୁ ୧୪୧୩ ପୋଲିସ ଅଧିକାରୀଙ୍କ ସମେତ ୯ କମ୍ପାନୀ ସଶସ୍ତ୍ର କେନ୍ଦ୍ରୀୟ ପୋଲିସ ବାହିନୀଙ୍କୁ ମୁତୟନ କରାଯାଇଥିଲା। ୭୪ଟି ନକ୍ସଲପ୍ରବଣ ବୁଥ୍‌ରେ ୧୫ଟି ଆଣ୍ଟି ନକ୍ସଲ ସ୍କ୍ୱାଡ୍ ରହିଛନ୍ତି। ୧୧୨ଟି ବୁଥ୍‌ରେ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଯାଇଥିଲା। ଏହା ସହିତ ୪୫ଟି ମୋବାଇଲ୍ ଟିମ୍ ମଧ୍ୟ ମୁତୟନ ହୋଇଥିଲା।

## କୋଭିଡ୍ ଭୂତାଣୁ...

ଏକାଧିକ କରୋନା ଭୂତାଣୁ ଉପରେ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣା ଚାଲିଥିଲା। ଏନ୍‌ଆଇଏ ହେଉଛି ଆମେରିକା ସରକାରଙ୍କ ଏକ ପ୍ରାଥମିକ ସଂସ୍ଥା ଯାହା ବାୟୋମେଡିକାଲ ଏବଂ ଜନସ୍ୱାସ୍ଥ୍ୟ ଗବେଷଣାରେ ସମ୍ପୃକ୍ତ। ଏହି ସଂସ୍ଥାର ଉହାନ ଲାବ୍ ସହ ଚୁକ୍ତିନାମା ହୋଇଥିଲା। ଅନ୍ୟ ପ୍ରଜାତିଙ୍କ ଉପରେ ଆକ୍ରମଣ ପାଇଁ ବାଦୁଡ଼ିରୁ କରୋନା ଭୂତାଣୁ ପ୍ରସ୍ତୁତ କରାଯାଇଥିଲା। ଏ ସମ୍ପର୍କରେ ଚାଇନା ପ୍ରଥମ ଦିନରୁ ଜାଣିଥିଲା ବୋଲି ହଫ୍ ଲେଖିଛନ୍ତି। ଏହି ବିପଜ୍ଜନକ ବାୟୋଟେକ୍‌ନୋଲୋଜି ଚାଇନାକୁ ହସ୍ତାନ୍ତର କରାଇବାରେ ଆମେରିକା ସରକାର ଦାୟୀ। ସେ ଯାହା ଦେଖିଛନ୍ତି, ଚାଇନାକୁ ଜୈବଅସ୍ତ୍ର ପ୍ରଯୁକ୍ତି ହସ୍ତାନ୍ତର କରାଯାଇଥିବା ହଫ୍ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ଗୁଜରାଟରେ ପୁଣି ଭାଜପା...

୧୯ ଜିଲାର ୮୯ ଆସନରେ ୬୩.୧୪% ଭୋଟ ଗ୍ରହଣ କରାଯାଇଥିଲା। ରବିବାର ୧୪ ଜିଲାର ୯୩ ଆସନରେ ଅନୁଷ୍ଠିତ ନିର୍ବାଚନରେ ୫୮.୬୮% ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୭୮୮ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୩୩ ପ୍ରାର୍ଥୀ ମଇଦାନରେ ଥିଲେ। ଭାଜପା ଏବଂ ଏଏପି ସମସ୍ତ ଆସନରେ ଲଢ଼ିଥିବାବେଳେ କଂଗ୍ରେସ ୯୦ ଓ ଏହାର ସହଯୋଗୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୨ଟି ଆସନରେ ପ୍ରାର୍ଥୀ ଦେଇଥିଲା। ସୋମବାର ମତଦାନ ଶେଷ ହେବା ପରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ବୁଥ୍‌ବାହୁଡ଼ା ଭୋଟରଙ୍କ ମତ ସଂଗ୍ରହ କରିଥିଲେ। ତଦନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରାଜ୍ୟରେ ଭାଜପା ୧୧୭-୧୪୦ ଆସନ ଦଖଲ କରି ପୁଣି ସରକାର ଗଢ଼ିବ ବୋଲି ନ୍ୟୁଜ୍ ଏକ୍ସ ଆକଳନ କରିଛି। ନ୍ୟୁଜ୍ ଏକ୍ସ ମତରେ, ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପିକୁ ୩୪ରୁ ୫୧ ଏବଂ ଏଏପିକୁ ୬-୧୩ ଆସନରେ ସଫଳତା ମିଳିପାରେ। ସେହିପରି ଟିଭି୯ ଗୁଜରାଟୀର ଅନୁମାନ ହେଲା ଭାଜପା ୧୨୫-୧୩୦, କଂଗ୍ରେସ+ଏନ୍‌ସିପି ୪୦-୫୦ ଏବଂ ଏଏପି ୩-୫ ଆସନ ଅକ୍ତିଆର କରିବ। ସେହିପର ଜନ୍ କୀ ବାତ୍ ଭାଜପାକୁ ୧୨୯, କଂଗ୍ରେସକୁ ୪୩ ଏବଂ ଏଏପିକୁ ୧୦ ଆସନ ଦେଇଛି। ଟିଭି୯ର ପୂର୍ବାନୁମାନ ହେଉଛି ଗୁଜରାଟରେ ଭାଜପା ୧୨୮, କଂଗ୍ରେସ ୪୫, ଏଏପି ୪ ଏବଂ ଅନ୍ୟ ଦଳର ପ୍ରାର୍ଥୀ ୫ ଆସନରେ ବିଜୟୀ ହେବେ। ପିଏମ୍‌ଏଆର୍‌କ୍ୟୁ ଅନୁସାରେ ଭାଜପା ୧୩୮, କଂଗ୍ରେସ ୩୬, ଏଏପି ୬ ଏବଂ ଅନ୍ୟମାନେ ୨ଟି ଆସନରେ ଜିତିବେ।

ଭାଜପା ଶାସିତ ହିମାଚଳ ପ୍ରଦେଶରେ ଗୈରିକ ଦଳ ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ଅନୁମାନ କରାଯାଉଛି। ନଭେମ୍ବର ୧୨ରେ ରାଜ୍ୟ ବିଧାନସଭାର ୬୮ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୬% ମତଦାନ ହୋଇଥିଲା। ହିମାଚଳରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ହେଉଛି ୩୫। ଏହି ରାଜ୍ୟରେ ଭାଜପା ପୁନର୍ବାର ସରକାର ଗଢ଼ିବାକୁ ସବୁ ପ୍ରକାର ଉଦ୍ୟମ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ହାତରୁ କ୍ଷମତା ଛଡ଼ାଇନେବାକୁ ବିରୋଧୀ କଂଗ୍ରେସ ଅଣ୍ଟା ଭିଡ଼ିଥିଲା। ଏହାସତ୍ତ୍ୱେ କଂଗ୍ରେସର ସରକାର ଗଠନ ସ୍ୱପ୍ନ ସାକାର ହୋଇ ନ ପାରେ। ଶାସକ ଦଳ ୩୨-୪୦ ଓ ବିରୋଧୀ କଂଗ୍ରେସ ୨୭-୩୪ ଆସନ ପାଇପାରେ ବୋଲି ନ୍ୟୁଜ୍ ଏକ୍ସ ଆକଳନ କରିଛି। ରିପବ୍ଲିକ୍ ଟିଭି-ପି ଏମ୍‌ଏଆର୍‌କ୍ୟୁର ଅନୁମାନ ହେଉଛି, ଭାଜପା ୩୪ରୁ ୩୯ ଆସନ ଦଖଲ କରି ପୁଣିଥରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ। କଂଗ୍ରେସ ୨୮ରୁ ୩୩ ଆସନ ମଧ୍ୟରେ ସୀମିତ ରହିପାରେ ଏବଂ ଏଏପି କେବଳ ଖାତା ଖୋଲିପାରେ। ଟାଇମ୍ସ ନାଓ-ଇଟିଜି ମତରେ ଭାଜପା ୩୮ ଓ କଂଗ୍ରେସ ୨୮ ଆସନରେ ସଫଳତା ପାଇବ। ସ୍ୱାଧୀନ ଓ ଅନ୍ୟ ଦଳକୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଆକ୍ସିସ୍-ମାଇଁ ଇଣ୍ଡିଆର ଆକଳନ ଅନୁସାରେ ଭାଜପା ୨୪-୩୪, କଂଗ୍ରେସ ୩୦-୪୦ ଓ ଅନ୍ୟ ଦଳକୁ ୪-୮ ଆସନରେ ସଫଳତା ମିଳିପାରେ। ବିଏଆର୍‌ସିର ହିସାବ ହେଉଛି ହିମାଚଳରେ ଭାଜପା ୩୫ରୁ ୪୦ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ପୁଣି ଉଭା ହେବ। କଂଗ୍ରେସ ୨୦-୨୫, ଏଏପି ୦-୩ ଓ ଅନ୍ୟମାନେ ୧ରୁ ୫ ଆସନରେ ସଫଳତା ପାଇପାରନ୍ତି। ଜନ୍ କୀ ବାତ୍‌ର ଭବିଷ୍ୟବାଣୀ ହେଲା ଭାଜପା ୩୭, କଂଗ୍ରେସ ୨୯ ଓ ଅନ୍ୟ ଦଳକୁ ୨ ଆସନ ମିଳିପାରେ।

ପ୍ରକାଶ ଯେ, ଓଡ଼ିଶାର ପଦ୍ମପୁର ସମେତ ରାଜସ୍ଥାନର ସର୍ଦ୍ଦାରସହର, ବିହାରର କୁରହାନି, ଉତ୍ତର ପ୍ରଦେଶର ରାମପୁର ଓ ଖତୌଲି ବିଧାନସଭା ପାଇଁ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂଙ୍କ ପରଲୋକ ପରେ ୟୁପିର ମୈନପୁରୀ ଲୋକ ସଭା ଆସନରେ ମଧ୍ୟ ମତଦାନ ହୋଇଛି। ଗୁଜରାଟ, ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଏହି ଉପନିର୍ବାଚନଗୁଡ଼ିକର ଫଳାଫଳ ଆସନ୍ତା ଗୁରୁବାର ଭୋଟ ଗଣତି ପରେ ପ୍ରକାଶ ପାଇବ।



୧୨ ଦଫା ଦାବିରେ ଆଶା କର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ। **(ଫଟୋ: ମନୋରଞ୍ଜନ)**

# ସଚିବାଳୟ ଘେରିଲେ ଆଶାକର୍ମୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦ ସହ ୱାର୍କର ମାନ୍ୟତା ଓ ବିଭିନ୍ନ ଦାବି ନେଇ ଆଶାକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଶାକର୍ମୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚାର ଆହ୍ୱାନକ୍ରମେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଓ ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ହଜାର ହଜାର ଆଶାକର୍ମୀ ସୋମବାର ସଚିବାଳୟ ଘେରାଉ କରିଥିଲେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗ୍ରାମାଞ୍ଚଳରେ ମା’ ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଓ ଅନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶା କର୍ମୀମାନେ ନିୟୋଜିତ ଅଛନ୍ତି। ଓଡ଼ିଶା ଭଳି ଏକ ଅନଗ୍ରସର, ପାହାଡ଼ ପର୍ବତ ଘେରା ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଆଶାକର୍ମୀ କେବେ ହେଳା କରି ନ ଥିବାବେଳେ ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ମନୋଭାବ ପୋଷଣ କରିଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ସଂଘର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଅରୁଣ କୁମାର ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ବଣିଆ ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

### ଆର୍ଥିକ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଆର୍ଥିକ ଅନିୟମିତତା ଅଭିଯୋଗରେ ଭଦ୍ରକ ଜିଲା ବଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନରେ ମଲ୍ଲିକଙ୍କୁ ନିଲମ୍ବିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମଲ୍ଲିକ ପୂର୍ବରୁ ଆର୍ସା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ବିଭିନ୍ନ ପ୍ରକାର ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଭଦ୍ରକ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଆଧାରରେ ମଲ୍ଲିକଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଗୋମାଂସ ଚାଲାଣ ଟ୍ରକ୍‌କୁ ଧରିଲେ ଲୋକେ

ବାହାନଗା,୫।୧୨(ଡି.ଏନ.ଏ.)



ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଗୋମାଂସ ବୋଝେଇ ଟ୍ରକ୍ ଶେରଗଡ ଟୋଲଗେଟ୍ ଭାଙ୍ଗି ପଳାଉଥିବା ବେଳେ ଲୋକେ ଗୋଡ଼ାଇ ଗୋଡ଼ାଇ ଧରିଛନ୍ତି। ଉକ୍ତ ଟ୍ରକ୍‌କୁ ବାଲେଶ୍ୱର ସଦର ଥାନା ନିକଟରୁ ବଜରଙ୍ଗ ଦଳର କର୍ମୀ ଓ କିଛି ସ୍ଥାନୀୟ ଲୋକେ ଅଟକାଇ ଖନ୍ତାପଡ଼ା ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଟ୍ରକ୍ (ନଂ.ୟୁପି ୭୫ଏମ୍‌୪୪୭୮) ଯାଜପୁରରୁ ପଶ୍ଚିମବଙ୍ଗ ଯାଉଥିଲା।

ଟ୍ରକ୍‌ରେ ଗୋମାଂସ ଚାଲାଣ ହେଉଥିବା ନେଇ ବଜରଙ୍ଗ ଦଳର କର୍ମୀ ଖବର ପାଇଥିଲେ। ସେମାନେ ଶେରଗଡ଼ ଟୋଲଗେଟ ନିକଟରେ ମାଲ ବୋଝେଇ ଟ୍ରକ୍‌କୁ ଅଟକାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଗୋମାଂସ ବୋଝେଇ ଟ୍ରକ୍ ଡ୍ରାଇଭର ଟୋଲଗେଟ ନିକଟରେ ନ ଅଟକି ଗେଟ୍ ଭାଙ୍ଗି ପଳାଇଥିଲେ। ଲୋକେ ଗୋଡ଼ାଇ ଗୋଡ଼ାଇ ୧୬ ନଂ.ଜାତୀୟ ରାଜପଥର ସଦର ଥାନା ନିକଟସ୍ଥ ବ୍ରିଜ୍‌ଠାରେ ଅଟକାଇଥିଲେ। ସେଠାରୁ ଖନ୍ତାପଡ଼ା ଥାନାକୁ ଆଣିଥିଲେ। ଖବର ଲେଖାହେବା ଯାଏ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ତେବେ ଟ୍ରକରେ କେତେ ଗୋମାଂସ ଅଛି ତାହା ଜଣାପଡ଼ିନାହିଁ। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରକ୍ ଖୋଲାଯାଇ ଦେଖାଯିବ। ଟୋଲଗେଟକୁ ଧକ୍କା ମାରି ଭାଙ୍ଗି ଦେଇଥିବାରୁ ଟୋଲଗେଟ ମ୍ୟାନେଜର ଆସି ଅଭିଯୋଗ କରିବା ପରେ ମାମଲା ରୁଜୁ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାହୁ ଓ ଚନ୍ଦ୍ରଙ୍କ ସଂଯୋଗରେ ସାହାଯ୍ୟ ମାଗୁଥିବା ଲୋକଟିର ଇଚ୍ଛା ପୂରଣ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ସଫଳତା ହାସଲ କରିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି ।

**ବୃଷ** – ବକ୍ରୀ ମଙ୍ଗଳ ସ୍ୱରାଶିସ୍ଥ ଯୋଗୁ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗ ଲାଭକରିବେ। ସହକର୍ମୀଙ୍କ ଅସହଯୋଗରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବା ସୂଚନା ରହିଛି ।

**ମିଥୁନ** – ବୁଧ ନିଜ ରାଶିକୁ ଦେଖୁଥିବାରୁ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ । ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି ଯାହାକି ପରିସ୍ଥିତିକୁ ସଜାଡ଼ିବାରେ ସାହାଯ୍ୟ କରିବ । ବ୍ୟବସାୟୀଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** – ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଓ ପାପଯୁକ୍ତ ଚନ୍ଦ୍ର କାରଣରୁ ବ୍ୟବହାରରେ ପରିବର୍ତ୍ତନ ଆଣିବା ନିତାନ୍ତ ଦରକାରୀ ମନେହେବ। ଅଜଣା ବ୍ୟକ୍ତିଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ ।

**ସିଂହ** – ରାଶି ସହ ତିନୋଟି ପାପଗ୍ରହର ସମ୍ବନ୍ଧ ହେତୁ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦେହ ଭଲ ରହିବ, କିନ୍ତୁ ମାନସିକ ସୁସ୍ଥତା ରହି ନ ପାରେ । ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** – ଦ୍ୱିତୀୟସ୍ଥ କେତୁ ପ୍ରଭାବରୁ ସଙ୍କଟଜନକ ପରିସ୍ଥିତିରେ ପଡ଼ି କ’ଣ କରିବେ ଠିକ୍ କରି ନ ପାରିବେ ନାହିଁ। ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସାମୟିକ ଭାବରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା** – ପାପଗ୍ରହଯୁକ୍ତ ସପ୍ତମଭାବ କାରଣରୁ ଯାତ୍ରା ସମୟରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। କଠିନଶ୍ରମଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ କ’ଣ ହେବ ପ୍ରଶଂସା ପାଇବା କାଠିକର ପାଠହେବ।

**ବିଛା** – ଗୁରୁଜନିତ ପ୍ରତିବନ୍ଧକ ଲାଗିରହିବା ହେତୁ ନୂଆ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ଏହି ସମୟର ପରିସ୍ଥିତିରେ ହାତେ ମାପି ଚାଖଣ୍ଡେ ଚାଲିବା ଭଲ ହେବ। ଅର୍ଥ ସମ୍ବନ୍ଧିତ କାମରେ ଜଣେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ।

**ଧନୁ** – ଆଶାନୁରୂପକ ସଫଳତା ହାସଲରେ ଜଣେ ରାଜନେତା ସାହାଯ୍ୟ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ନ ରଖିଲେ ଅନୁତାପ କରିବାକୁ ପଡ଼ିପାରେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ ହେବ।

**ମକର** – ଗ୍ରହମାନଙ୍କ ପ୍ରତିକୂଳତା କାରଣରୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି।

**କୁମ୍ଭ** – ପୂର୍ବଭାଦ୍ରପଦ ନକ୍ଷତ୍ରର ଗତକାଲିର ଘଟଣାରେ ବିଶେଷ କିଛି ଅସୁବିଧା ହେବନାହିଁ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତିପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିପାରନ୍ତି । ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**ମୀନ** – ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇବା ଆଶା ରହିଛି। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ସୂଚନା ରହିଛି । ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ଡିସେମ୍ବର ୬ ତାରିଖ,ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଡ. ଆମ୍ବେଡ଼କରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର: ସକାଳ ଘ.୦୮।୩୮ ପର୍ଯ୍ୟନ୍ତ ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ, ଘ.୦୬।୧୧ ଗତେ, ଘ.୦୬।୫୫ ମଧ୍ୟେ, ଘ. ୦୮।୫୪ ଗତେ, ଘ.୧୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୦ ଗତେ, ଘ.୦୩ ୪୧ ମଧ୍ୟେ ରାହୁକାଳ।

# ଅଲୋଡ଼ା ହୋଇଛି ବୌଦ୍ଧପୀଠ ଲାଙ୍ଗୁଡି

ଯାଜପୁର ଅଫିସ/କାଏମା(ଡି.ଏନ.ଏ.),୫।୧୨

ପୌରାଣିକ ଏବଂ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଏବେ ରାଜ୍ୟ ଏବଂ ବାହାରୁ ପର୍ଯ୍ୟଟକମାନେ ଆସୁଛନ୍ତି। କିନ୍ତୁ ଜିଲାର ଅଧିକାଂଶ ପର୍ଯ୍ୟଟନସ୍ଥଳୀ ଅବହେଳିତ ଅବସ୍ଥାରେ ପଡ଼ିରହିଥିବାରୁ ପର୍ଯ୍ୟଟକ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ବିଶେଷକରି ଜିଲାର ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକ ଉପରେ ପର୍ଯ୍ୟଟନ ବିଭାଗର ଉଦାସୀନତା ମନୋଭାବ ପର୍ଯ୍ୟଟକମାନଙ୍କୁ ବ୍ୟଥିତ କରୁଥିବା ମତପ୍ରକାଶ ପାଇଛି। ସେଥିମଧ୍ୟରୁ ଅଲୋଡ଼ା ହୋଇ ପଡ଼ିଥିବା ଲାଙ୍ଗୁଡି ପାହାଡ଼ର ବୌଦ୍ଧ ପୀଠକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଯାଜପୁର ସହର ଓ ଏହାର ଆଖପାଖ ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉପଯୁକ୍ତ ଅଗ୍ରଗତି ଉପରେ ରହିଥିବା ଯେଉଁ ଇଚ୍ଛାଶକ୍ତି ଜିଲାର ଅନ୍ୟ କେଉଁଠି ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲାର ଏକାଧିକ ବୌଦ୍ଧପୀଠର ଇତିହାସ ଓ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପ୍ରକୃତିକୋଳରେ ହସୁଥିବା ବୌଦ୍ଧପୀଠ ଉଦୟଗିରି, ରତ୍ନଗିରି, ଓଳାଶୁଣୀ, ଲାଙ୍ଗୁଡି, ମହାବିନାୟକ, ଚଣ୍ଡିଖୋଲ, ଅଶୋକଝର, ଗୋକର୍ଣ୍ଣିକା, ଛତିଆ, କୁରଂସା, ସତ୍ୟପୀର୍, ସିଂହାପୁର, ବରୁଣେଶ୍ୱରପୀଠ ଓ ପଥରାଜପୁର ଏବେ ଲୋକାରଣ୍ୟ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଲାଙ୍ଗୁଡିପାହାଡର ବୌଦ୍ଧପୀଠ ଭୂତକୋଠି ପାଲଟିଛି। ଏଠାରେ ଥିବା ଅବ୍ୟବହୃତ ଗୃହଗୁଡ଼ିକ ଶ୍ରୀହୀନ ହୋଇରହିଛି। ଖଣ୍ଡ ଖଣ୍ଡ ମାର୍ବଲ, ଗ୍ରାନାଇଟ ଓ ଅନାବନା ଗଛରେ ହଜିଯାଇଛି ଏହି ପ୍ରସିଦ୍ଧ ବୌଦ୍ଧପୀଠ। ବିପୁଳ ଅର୍ଥରେ ନିର୍ମିତ ଷ୍ଟଡି ସେଣ୍ଟର, ରୋଷେଇ ଘର, ଡାଇନିଂ ଓ ପାନ୍ଥଶାଳା ଇତ୍ୟାଦି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏଥିରେ ଥିବା ଶଟର, କବାଟ, ଝରକା, ଇଲେକ୍ଟ୍ରିକ ସରଞ୍ଜାମ, ଲୁହା ଗେଟ୍ ଏବେ ଆଉ କିଛି ଦେଖିବାକୁ ମିଳୁନାହିଁ। ଏସବୁକୁ ଦୁର୍ବୃତ୍ତମାନେ ଓପାଡ଼ି ନେଇ ସାରିଲେଣି। ଖାଲି ଏତିକି ନୁହେଁ, ଶୌଚାଳୟ ଉପକରଣ ମଧ୍ୟ ଆଉ ସେଠାରେ ନାହିଁ। ଏଠାରେ ଜଗୁଆଳି ବ୍ୟବସ୍ଥା ଥିବା କେବଳ ଶୁଣିବାକୁ ମିଳିଛି। ସେଥିପାଇଁ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ଆଇନ ବିରୁଦ୍ଧ କାର୍ଯ୍ୟ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଓ ପାଟପୁର ପଞ୍ଚାୟତର ମଧ୍ୟ ଭାଗରେ ଲଙ୍ଗୁଡ଼ି ପାହାଡ଼ ଅବସ୍ଥିତ। ରାଜ୍ୟର ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ୨୦୧୪ରେ ଏହାକୁ ପର୍ଯ୍ୟଟନସ୍ଥଳୀ ରୂପେ ମାନ୍ୟତା ମିଳିଛି। ସମୟ ଥିଲା ଦେଶବିଦେଶର ବୌଦ୍ଧ ଧର୍ମାବଲମ୍ବୀ ଓ ଗବେଷକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଲାଙ୍ଗୁଡି ବୌଦ୍ଧ ବିହାର ପ୍ରାୟ ଅଢେଇ ହଜାର ବର୍ଷର ଇତିହାସ ବହନ କରୁଥିବା କୁହାଯାଏ। ଏହାର ଚାରି ପାର୍ଶ୍ୱରେ ଥିବା ପଥରରେ ଅନେକ ଗାତ ଥିବା ଦେଖିବାକୁ ମିଳେ। ଏଣୁ କେବଳ ବୌଦ୍ଧ ସନ୍ନ୍ୟାସୀ ନୁହେଁ, ବହୁ ବର୍ଷ ପୂର୍ବରୁ ଏଠାରେ ଋଷିମୁନିମାନେ ରହି ତପସ୍ୟା କରୁଥିଲେ ବୋଲି ଅନୁମାନ କରାଯାଏ। ଏଠାରୁ ମିଳିଥିବା ଭଗ୍ନାବଶେଷରୁ ବୌଦ୍ଧ ମୂର୍ତ୍ତିଗୁଡ଼ିକ ବ୍ରଜଜନାପନ୍ଥୀର ବୋଲି ଗବେଷଣାରୁ ଜଣାଯାଏ। ହୁଏନ୍‌ସାଂଙ୍କ ପରିଭ୍ରମଣ ବିବରଣୀରୁ ଏହାକୁ ପୁଷ୍ପଗିରି ବିହାର ବୋଲି ଗବେଷକମାନେ ମତ ଦେଉଛନ୍ତି। ଏହାର ଐତିହ୍ୟର ସୁରକ୍ଷା ପାଇଁ ରାଜ୍ୟ ସରକାର ଏହାକୁ ସଂଗ୍ରହାଳୟ, ବୌଦ୍ଧ ଶିକ୍ଷାକେନ୍ଦ୍ର ଓ ପାନ୍ଥଶାଳା କରିବା ପାଇଁ ପରିକଳ୍ପନା କରିଥିଲେ। ଗଜପତି ଜିଲା ଚନ୍ଦ୍ରଗିରିସ୍ଥିତ ବୌଦ୍ଧ ଶିକ୍ଷାକେନ୍ଦ୍ରର ଶାଖା ଭାବେ କାର୍ଯ୍ୟ କରିବାର ଲକ୍ଷ୍ୟ ରଖାଯାଇଥିଲା। ଓଟିଡିସି ପକ୍ଷରୁ ୨୦୦୮ରେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ବୌଦ୍ଧ ଶିକ୍ଷାକେନ୍ଦ୍ର କରାଯାଇଥିଲା। ମାର୍ବଲରେ କୋଠରି, ଗୋଦାମ ଗୃହ, ରୋଷେଇ ଗୃହ ଆଦି ନିର୍ମାଣ କରାଯାଇଥିଲା। ବିଦ୍ୟୁତ୍ ସଂଯୋଗ ସହ ଫୁଲ ବଗିଚା ଓ ପ୍ରାକୃତିକ ସୋନ୍ଦର୍ଯ୍ୟରେ ଦିନେ ଏହା ଝଲସୁ ଥିଲା। ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ୨୦୧୫ରୁ ୨୦୧୭ ଯାଏ ଏଠାରେ ବୌଦ୍ଧ ଧର୍ମାବଲମ୍ବୀ ଉପରେ ଶିକ୍ଷା ଦିଆଯିବା ବ୍ୟବସ୍ଥା ଥିଲା। କିନ୍ତୁ କେତେଜଣ ଅସାମାଜିକଙ୍କ ଅଯଥା ହସ୍ତକ୍ଷେପ ଯୋଗୁ ଏହି ଉଦ୍ଦେଶ୍ୟ ପରାହତ ହୋଇଛି। ଏଭଳି ଭାବେ ଅସୁରକ୍ଷିତ ଅବସ୍ଥାରେ ଲାଙ୍ଗୁଡ଼ି ବୌଦ୍ଧ ବିହାର ପଡ଼ିରହିଛି। ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଲାଙ୍ଗୁଡି ପାହାଡ଼ର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଓଟିଡିସିକୁ ଦାୟିତ୍ୱ ମିଳିଛି। ୨୦୨୦ ଡିସେମ୍ବରରେ ଏଥିପାଇଁ ୨ କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଛି। ତେବେ ଏଯାଏ କାମ ଆରମ୍ଭ ହୋଇନାହିଁ।





# ଫୋନ୍ କହିବ ବ୍ରିଜ୍ ସ୍ଥିତି

## ଆମେରିକା ଗବେଷକ ବିକଶିତ କରିଛନ୍ତି ଅଭିନବ ଆପ୍



ୱାଶିଂଟନ୍, ୫।୧୨

ବ୍ରିଜ୍‌ରେ ଯାନବାହନ ଯାତାୟାତବେଳେ ଘଟୁଥିବା ଦୁର୍ଘଟଣା ରୋକିବା ଏଣିକି ସହଜ ହେବ। କାରଣ ପୋଲର ସ୍ଥିତି ସମ୍ପର୍କରେ ଆଗୁଆ ଜଣାଇଦେବ ମୋବାଇଲ ଆପ୍। ଆଣ୍ଡ୍ରଏଡ୍ ମୋବାଇଲ ଆପ୍ ସାହାଯ୍ୟରେ ପୋଲରେ ଗାଡ଼ି ଯିବା ସୁରକ୍ଷିତ କି ନୁହେଁ ତାହା ଜାଣିହେବ ବୋଲି ଆମେରିକାର ମାସାଚୁଶେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି। ଗାଡ଼ିର ଭାର ସମ୍ଭାଳିବା ପାଇଁ ବ୍ରିଜ୍ କେତେ ସକ୍ଷମ ଏହି ଆପ୍ ଜରିଆରେ ଜାଣିହେବ। ଗବେଷଣା ସମ୍ପର୍କିତ ତଥ୍ୟ 'କ୍ରାଉଡ୍‌ସୋର୍ସିଂ ବ୍ରିଜ୍ ଡାଇନାମିକ୍ ମନିଟରିଂ ୱିଥ୍ ସ୍ମାର୍ଟ ଫୋନ୍ ଭେହିକିଲ୍ ଟ୍ରିପ୍ସ' ରେ ପ୍ରକାଶ ପାଇଛି।

ଆମେରିକାର ଗୋଲ୍ଡେନ୍ ଗେଟ୍ ବ୍ରିଜ୍‌କୁ ଗବେଷଣା ପାଇଁ ବ୍ୟବହାର କରାଯାଇଥିଲା। ଗବେଷକ ବ୍ରିଜ୍‌ରେ କେତେଗୁଡ଼ିଏ ସେନ୍ସର ଲଗାଇଥିଲେ। ସେନ୍ସର ଦ୍ୱାରା ପୋଲ ସମ୍ପର୍କିତ ଜରୁରୀ ତଥ୍ୟ ସେମାନେ ହାସଲ କରିଥିଲେ। ଏଥିରୁ ବ୍ରିଜ୍‌ର ଭାଇବ୍ରେଶନ୍ ବା ବର୍ଦ୍ଧିତ ବେଗ ବିଷୟରେ ଆବଶ୍ୟକୀୟ ତଥ୍ୟ ହସ୍ତଗତ ହୋଇଛି। ଜନଗହଳିପୂର୍ଣ୍ଣ ଓ ଖାଲିଥିବା ଅବସ୍ଥାରେ ବ୍ରିଜ୍‌ର ସ୍ଥିତି ସମ୍ପର୍କରେ ଗବେଷକ ଜାଣିବାକୁ ପାଇଛନ୍ତି। ଆମେରିକାର ମିଲିଟାରି ଏକାଡେମୀ ସିଭିଲ୍ ଆଣ୍ଡ ମେକାନିକାଲ ଇଞ୍ଜିନିୟରିଂର ଆସିଷ୍ଟାଣ୍ଟ ପ୍ରଫେସର ଥୋମାସ ଜେ. ମାଟାରାଜୋ, ସେନ୍‌ସିବଲ ସିଟି ଲାବ୍‌ର ରିସର୍ଚ୍ଚର ସୋହେଲ ଏସ୍. ଇସ୍‌କେଭାରି, ଡିଡି ଲାବ୍ ସାଇଣ୍ଟିଷ୍ଟ ପାଓଲୋ ସାଣ୍ଟି, ଇଟାଲିଆନ୍ ରିସର୍ଚ୍ଚ କାଉନ୍‌ସିଲର ଗବେଷଣା ନିର୍ଦ୍ଦେଶକ ଶାମିମ୍ ଏନ୍. ପାକ୍‌ଜାଦ ଏବଂ ଏମ୍‌ଆଇଟିର ସିଭିଲ୍ ଆଣ୍ଡ ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରିଂ ପ୍ରଫେସର ଜେରି ପ୍ରମୁଖ ଉକ୍ତ ଗବେଷଣାରେ ସାମିଲ ହୋଇଛନ୍ତି।

ମୋବାଇଲ ଆପ୍ ଯୋଗୁ ବ୍ରିଜ୍‌ର ସ୍ଥିତି ସମ୍ପର୍କରେ ଆଗୁଆ ତଥ୍ୟ ମିଳିଲେ ତାହା ଦୁର୍ଘଟଣା ରୋକିବାରେ ସହାୟକ ହେବ। ଗବେଷକମାନେ ବିକଶିତ କରିଥିବା ଆପ୍ ସଂଲଗ୍ନ ଆଣ୍ଡ୍ରଏଡ୍ ଫୋନ ରଖାଯାଇଥିବା ଗାଡ଼ି ବ୍ରିଜ୍ ଅତିକ୍ରମ କରିବା ସମୟରେ ହିଁ ଏହାର ସ୍ଥିତି ସମ୍ପର୍କରେ ସତର୍କ କରାଇପାରିବ। ଗବେଷକମାନେ ଗୋଲ୍ଡେନ ଗେଟ୍ ବ୍ରିଜ୍ ଉପରେ ୧୦୨ ଥର ଆପ୍ ଥିବା ମୋବାଇଲ ନେଇ ଯାଆସ କରିଥିବାବେଳେ ଉବେର ଯୋଗେ ୭୨ ଥର ଯିବାଆସିବା କରିଥିଲେ। ଏହାପରେ ମୋବାଇଲ ଆପ୍‌ରେ ପ୍ରଦତ୍ତ ତଥ୍ୟ ଏବଂ ୨୪୦ ସେନ୍ସରରୁ ମିଳିଥିବା ତଥ୍ୟକୁ ତୁଳନା କରାଯାଇଥିଲା। ସେନ୍‌ସରରୁ ମିଳିଥିବା ତଥ୍ୟ ଓ ଆପ୍ ଜରିଆରେ ସଂଗୃହୀତ ତଥ୍ୟ ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି। ସୂଚନା ମୁତାବକ ସେନ୍ସରଗୁଡ଼ିକ ପାଖାପାଖି ୩ ମାସ ଧରି ବ୍ରିଜ୍‌ରେ ଖଞ୍ଜାଯାଇଥିଲା। ତେବେ ଆପ୍ ଓ ସେନ୍ସରରୁ ମିଳିଥିବା ତଥ୍ୟ କେତେକ ବ୍ରିଜ୍ ପାଇଁ ସମାନ ହୋଇଥିବାବେଳେ ଆଉ କିଛି ବ୍ରିଜ୍ କ୍ଷେତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ସେଥିପାଇଁ ରିସର୍ଚ୍ଚରମାନେ ଏହି ଗବେଷଣା ଜାରି ରଖିବେ ବୋଲି କହିଛନ୍ତି।

# ୧୪ ଓଏଏସ୍ ଅଫିସରଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ରାଜ୍ୟ ସରକାର ୧୪ ଜଣ ଓଏଏସ୍ ଅଫିସରଙ୍କୁ ଓଏଏସ୍ (ସୁପରଟାଇମ୍ ସ୍କେଲ) ଲେଭଲ-୧୨କୁ ପଦୋନ୍ନତି ଦେଇଛନ୍ତି। ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେମାନେ ହେଲେ ମାଲକାନଗିରି ଆଇଟିଡିଏ ପିଏ ତ୍ରିନାଥ ମାଝି, ପୁରୀ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାଶ, ନବରଙ୍ଗପୁର ଡେପୁଟି କଲେକ୍ଟର ମୌସୁମୀ ନାୟକ, ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝି, ଦେବଗଡ଼ ରିଆମାଳ ତହସିଲଦାର ବିମଳା ବିରୁଲି, ମୟୂରଭଞ୍ଜ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ବାରିକ, ଓୟୁଏଟି ଏକ୍ସ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଶୁଭ୍ରବାଳା ବେହେରା, କରଞ୍ଜିଆ ଆଇଟିଡିଏ ପିଏ ଦେବଦତ୍ତ ମହାନ୍ତ, ରାଜ୍ୟ ନିର୍ବାଚନ କମିଶନ ଡେପୁଟି ସେକ୍ରେଟାରୀ ଆଜଦ୍‌ହିନ୍ଦ ପାଣିଗ୍ରାହୀ, ରାଜ୍ୟ ନିର୍ବାଚନ କମିଶନ ଲ' ଅଫିସର ମାଧୁରୀ ମିଶ୍ର, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବିଡିଓ ଶ୍ୟାମସୁନ୍ଦର ଟୁଡୁ, କୋରାପୁଟ ଜିଲା ବୋରିଗୁମା ତହସିଲଦାର ସୁବାସ ଚନ୍ଦ୍ର ରଇତା, କନ୍ଧମାଳ ତୁମୁଡିବନ୍ଧ ବିଡିଓ ଲଳିତ ସୋରେନ ଏବଂ ବଲାଙ୍ଗୀର ଅଗଲପୁର ବିଡିଓ ଶଙ୍କର କେରକେଟା।

KT GLOBAL SCHOOL
Leading Residential School from Nursery - Grade 12
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77

# 'ମୋତେ କହିବାକୁ ଦିଆଯାଉ, ସିବିଆଇ ତଦନ୍ତ ହେଉ'

## ଆଜିଠାରୁ ୭ଦିନିଆ ରିମାଣ୍ଡରେ ଅର୍ଚ୍ଚନା

- ବିଚାରପତିଙ୍କ ସାମ୍ନାରେ କାନ୍ଦିଲେ, ପୋଲିସ ବିରୋଧରେ କହିଲେ
- ୧୫ ଦିନିଆ ରିମାଣ୍ଡ ଅନୁମତି ମାଗିଥିଲା ଇଡି
- ବୁଧବାର କୋର୍ଟରେ ହାଜର ହେବେ ସ୍ୱାମୀ ଜଗବନ୍ଧୁ

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

'ମୋତେ ଆର୍ବିଟାରିଲି ଆରେଷ୍ଟ କରାଯାଇଛି। ମୋ ପରିବାରକୁ ନଜରବନ୍ଦୀ ରଖାଯାଇଥିଲା। ମୋ ସାଥିରେ କ'ଣ ହେଉଥିଲା ୬ଦିନ ପର୍ଯ୍ୟନ୍ତ ଜାଣିପାରି ନ ଥିଲି। ପାଟି, ଆଖି, ମୁହଁ ବନ୍ଦ କରି ମୋତେ କୋର୍ଟ ଫର୍‌ୱାର୍ଡ କରାଗଲା। ଶ୍ରଦ୍ଧାଞ୍ଜଳି ମୋ ଘର ପାଖରେ ରହୁଥିଲା। ଅକ୍ଷୟ ପରିଜାଙ୍କଠାରୁ କିଛି ବି ନେଇ ନାହିଁ। ଶ୍ରଦ୍ଧାଞ୍ଜଳିଙ୍କ ସମେତ ଅନ୍ୟ ସୋ କଲ୍ଡ ପୀଡିତମାନେ କାହିଁକି ଲୁଚିଛନ୍ତି। ସେମାନେ ସାମ୍ନାକୁ ଆସନ୍ତୁ। ମୁଁ ଚାହୁଁଛି ସବୁ ଜିନିଷର ସିବିଆଇ ତଦନ୍ତ ହେଉ।' ଏହାଥିଲା ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ମୁହଁରୁ ବାହାରିଥିବା କେଇପଦ କଥା। ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଅନିଟ୍ରାପ୍‌ରେ ଫସାଇ ବ୍ଲାକ୍‌ମେଲ କରି ଟଙ୍କା ମାଗିବା ମାମଲାରେ ଅର୍ଚ୍ଚନାଙ୍କୁ ସୋମବାର ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ତାଙ୍କୁ ଝାରପଡ଼ା ଜେଲରୁ କଡ଼ା ସୁରକ୍ଷା ସହ ଭ୍ୟାନରେ କୋର୍ଟ ନିଆଯାଇଥିଲା। ସେ କୋର୍ଟକୁ ଯିବା ସମୟରେ ଓ ବାହାରିବା ପରେ ଗଣମାଧ୍ୟମ ଆଗରେ ଏଭଳି ପ୍ରତିକ୍ରିୟା ରଖି ପୋଲିସ ଉପରେ ପ୍ରବଳ ବର୍ଷିଥିଲେ। ଏପରିକି ଶୁଣାଣିବେଳେ ବିଚାରପତିଙ୍କ ସାମ୍ନାରେ ଅର୍ଚ୍ଚନା କାନ୍ଦି ପକାଇଥଲେ। ତାଙ୍କୁ କିଛି କହିବା ପାଇଁ ସୁଯୋଗ ଦିଆଯାଉ ବୋଲି ବିଚାରପତିଙ୍କୁ ସେ ଅନୁରୋଧ କରିଥିଲେ। ତେବେ ଯାହା କହିବାର ଅଛି ଓକିଲଙ୍କ ଦ୍ୱାରା କୁହ ବୋଲି ବିଚାରପତି କହିଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ, ଅର୍ଚ୍ଚନା କ'ଣ କହିବାକୁ ଚାହୁଁଛନ୍ତି, ତାଙ୍କ ପାଟିକୁ କାହିଁକି ବନ୍ଦ କରାଯାଉଛି? ଚର୍ଚ୍ଚାରେ ଥିବା ସେହି କ୍ଷମତାଶାଳୀ ତଥା ପ୍ରଭାବଶାଳୀ ନେତା, ଅଧିକାରୀଙ୍କ ବିଷୟରେ ସେ କିଛି କହିବାକୁ ଚାହୁଁଥିଲେ କି? ଅର୍ଚ୍ଚନାଙ୍କ କଥାରୁ ପୋଲିସ ତାଙ୍କ ପାଟିକୁ ଚୁପ୍ ରଖିଥିବା ବାରିହୋଇପଡୁଲେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେସବୁ ଗୁମର ଖୋଲିବାକୁ ମଙ୍ଗଳବାରଠାରୁ ରିମାଣ୍ଡରେ ନେଉଛି। ଅର୍ଚ୍ଚନାଙ୍କୁ ୧୫ ଦିନ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା। କୋର୍ଟ ୭ ଦିନ ପାଇଁ ଅନୁମତି ଦେଇଛନ୍ତି। ଆସନ୍ତା ୧୨ ତାରିଖ ଯାଏ ଇଡି ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନେଇ ତାଙ୍କ କଳାସାମ୍ରାଜ୍ୟ ପଛର ବଡ଼ ଗୁମର ପାଇବାକୁ ଆଶା ରଖିଛି। ଏପରିକି ଇଡିର ଜେରାବେଳେ ପୋଲିସ ବିରୋଧରେ କିଛି ଗୋପନୀୟ ତଥ୍ୟ ସେ ଦେଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଅର୍ଚ୍ଚନାଙ୍କୁ ଗିରଫ କରି ପୋଲିସ ଲୁଚାଣିଆ ଜେଲ ପଠାଇବା ସହ ଏନେଇ ପୋଲିସ କମିଶନର, ଡିସିପି, ଥାନାଧିକାରୀ ମୁହଁ ଖୋଲି ନ ଥିଲେ। ଘଟଣାକୁ ଗଣମାଧ୍ୟମ ପଦାକୁ ଆଣିବା ପରେ କମିଶନରେଟ ପୋଲିସ ସତ ମାନିବା ସହ ଲୋକଦେଖାଣିଆ ତତ୍ପରତା ପ୍ରକାଶ କରିଥିଲା। ଏପରିକି ଶୁଣାଣି ସମୟରେ ତାଙ୍କୁ କୋର୍ଟକୁ ନ ଆଣି ଭର୍ଚୁଆଲରେ ହାଜର କରାଗଲା। ସେ ବଡ଼ବଡ଼ିଆଙ୍କ ଗୁମର ଖୋଲିଦେବାର ଭୟ ଥିଲା। ପୋଲିସର କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା ହେବା ପରେ ଗତ ଅକ୍ଟୋବର ୨୬ରେ ତାଙ୍କୁ ପ୍ରଥମଥର କୋର୍ଟରେ ହାଜର କରାଯାଇଥିଲେ ମଧ୍ୟ ଯଥାସମ୍ଭବ ଗଣମାଧ୍ୟମଠାରୁ ଦୂରରେ ରଖାଯାଇଥିଲା।

ଅପରପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ମଧ୍ୟ ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ ବୋଲି ସୂଚନା ମିଳିଛି। ଏହି ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ। ଏପଟେ ଏହି ମାମଲାରେ ଏପର୍ଯ୍ୟନ୍ତ ୭ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ତଥ୍ୟ ହାସଲ କରିଛି। ଆଗକୁ ନାଗ-ଚାନ୍ଦ ଦମ୍ପତିଙ୍କୁ ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ୍ୟ ଡକାଇ ସାମ୍ନାସାମ୍ନି ଜେରା କରିପାରେ। ତେବେ ଅର୍ଚ୍ଚନା ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତା ହୋଇଥିବା ବେଳେ ତାଙ୍କ ପାଖରେ ବହୁ ଗୁମର ତଥ୍ୟ ରହିଛି। ସେ ଜେରା ହେବା ପରେ ବହୁ ଗୁମର ଫିଟିପାରେ। ଅର୍ଚ୍ଚନାଙ୍କ ତଥ୍ୟ ଆଧାର କରି ଇଡି ବହୁ ବଡ଼ବଡ଼ିଆଙ୍କୁ ଜେରା କରିବ ବୋଲି ସୂଚନା ମିଳିଛି। ତେବେ ଆଗାମୀ ଦିନରେ ଏହି ମାମଲା କେଉଁ ମୋଡ଼ ନେଉଛି ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।



କୋର୍ଟ ଯିବାବେଳେ ଅର୍ଚ୍ଚନା ନାଗ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରତିକ୍ରିୟା ରଖୁଛନ୍ତି।

# ବରିଷ୍ଠ ଅଧିକାରୀ ଆସିଲେନି, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଖପ୍ପା




କବିସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଅପେକ୍ଷା କରିଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ।

ଭଞ୍ଜନଗର,୫।୧୨(ଡି.ଏନ.ଏ)

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ଗଞ୍ଜାମ ଜିଲା ଭଞ୍ଜନଗର ଗସ୍ତରେ ଆସିଥିଲେ। ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିବା କାର୍ଯ୍ୟକ୍ରମ ଥିଲା। ବୈଠକକୁ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଆସି ନ ଥିବା ଦେଖି ମନ୍ତ୍ରୀ ରାୟ ବିରକ୍ତି ପ୍ରକାଶ କରିବା ସହ ସମୀକ୍ଷା ନ କରି ଫୁଲବାଣୀ ଅଭିମୁଖେ ଚାଲି ଯାଇଥିଲେ। ଏପରିକି ସେ ଅପରାହ୍ନ ସାଢ଼େ ୫ଟାରେ ଡାକିଥିବା ଖବରଦାତା ସମ୍ମିଳନୀକୁ ମଧ୍ୟ ବାତିଲ କରି ଦେଇଥିଲେ।

ସମୀକ୍ଷା ବୈଠକରେ କେତେଜଣ ଅଫିସରଙ୍କ ସମେତ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଡିଏଫଓ ସୁଦର୍ଶନ ବେହେରା, ବିଡିଓ ଶଶୀଭୂଷଣ ମହାପାତ୍ର, ଟାଟା ପାୱାର ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ପରିଚୟ ଜାଣିବା ପରେ ମନ୍ତ୍ରୀ ଜିଲାସ୍ତରୀୟ କେତେଜଣ ଅଫିସରଙ୍କୁ ଖୋଜିଥିଲେ। ସେମାନେ ଅନୁପସ୍ଥିତ ଥିବା ଜାଣି ସେ କୌଣସି ପ୍ରସଙ୍ଗ ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମନ୍ତ୍ରୀ ରାୟ ଫେରିବା ବେଳେ ଷ୍ଟେଟବ୍ୟାଙ୍କ ଛକରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଅଟକିଥିଲେ ମଧ୍ୟ ଫୁଲମାଳ ନ ଥିବାରୁ ରାସ୍ତା କଡ଼ରେ ପ୍ରାୟ ପନ୍ଦର ମିନିଟ ଅପେକ୍ଷା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା ରାଜ୍ୟ ସମ୍ପାଦିକା ଡ଼.ଲେଖାଶ୍ରୀ ସାମନ୍ତସିଂହାର, ଭଞ୍ଜନଗର ନେତା ପ୍ରଦ୍ୟୁମ୍ନ ନାୟକ, ବିନାୟକ ତ୍ରିପାଠୀ, ରାଜ୍ୟ କର୍ମକର୍ତ୍ତା ନୀଳମାଧବ ପାତ୍ର, ଜିଲା ଉପସଭାପତି ସନ୍ତୋଷ ତିଆଡ଼ି, ଯୁବନେତା ଅଯୋଧ୍ୟାନାଥ ମହାପାତ୍ର, ଜିଲା ସଭାପତି ଗୋକୁଳାନନ୍ଦ ମଳିକ, ଟୁନା ପ୍ରଧାନ, ସନ୍ତୋଷ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଆଉଥରେ ଆସି ସମୀକ୍ଷା କରିବେ ବୋଲି କହିଥିବା ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ସୂଚନା ଦେଇଛନ୍ତି। ଭାଜପା ଜିଲା ଉପସଭାପତି ସନ୍ତୋଷ ତିଆଡ଼ି କେଉଁ କାରଣରୁ ମନ୍ତ୍ରୀ ହଠାତ୍ ଚାଲିଗଲେ ଜାଣିନୁ ବୋଲି କହିଛନ୍ତି।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା



# କର୍ମର ଫଳ

କରୋନା ଭାଇରସ୍ ଯୋଗୁ ସମଗ୍ର ବିଶ୍ୱ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହନ୍ତସନ୍ତ ହୋଇଛି। ବିଭିନ୍ନ ରାଷ୍ଟ୍ରରେ ଅସଂଖ୍ୟ ଲୋକଙ୍କ ଜୀବନ ଯାଇଥିବା ବେଳେ ସବୁ ଅର୍ଥନୀତି ଦୁର୍ବଳ ହୋଇଥିବାରୁ ତାହା ଲୋକଙ୍କ ଜୀବିକା ଉପରେ ଘୋର ପ୍ରଭାବ ପକାଇଛି। ଅନ୍ତର୍ଜାତୀୟ ସ୍ତରରେ ଗତ କିଛି ମାସ ହେବ କୋଭିଡ୍ ପ୍ରାଦୁର୍ଭାବ କମିଥିବା ବେଳେ ଏହି ଭୂତାଣୁର ଜନ୍ମରାଷ୍ଟ୍ର କୁହାଯାଉଥିବା ଚାଇନାରେ ସ୍ଥିତି ସଙ୍ଗିନ ହୋଇଯାଇଛି। ଏବେ ସେଠାରେ ଦୈନିକ ସଂକ୍ରମଣ ୩୫ ହଜାର ଉପରେ ରହିବା ଓ ବିଭିନ୍ନ ସହରରେ ଲକ୍‌ଡାଉନ୍ ହେବା ଦ୍ୱାରା ସପ୍ତାହେ ହେବ ଚାଇନାରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ କୋଭିଡ୍ ନୀତିକୁ ସମାଲୋଚନା କରାଯାଇ ସବୁ ବର୍ଗର ବ୍ୟକ୍ତି ରାସ୍ତାକୁ ଓହ୍ଲାଇଛନ୍ତି। ବିଶେଷକରି ଛାତ୍ରମାନେ ଯେଭଳି ପ୍ରତିବାଦ କରିଥିବା ଦେଖାଯାଇଛି, ତାହା ୧୯୮୯ରେ ଟିଆନାନ୍‌ମ୍ୟାନ୍ ସ୍କୋୟାରରେ ହୋଇଥିବା ଛାତ୍ର ବିଦ୍ରୋହକୁ ଟପିଯାଇଛି। ଚାଇନା କୋଭିଡ୍‌କୁ ନେଇ ସଙ୍କଟ ଭିତରେ ଥିବାବେଳେ ୫ ଡିସେମ୍ବରରେ ଆମେରିକା ଖବରକାଗଜ 'ନ୍ୟୁୟର୍କ ପୋଷ୍ଟ'ରେ ପ୍ରକାଶ ପାଇଥିବା ରିପୋର୍ଟ ବେଜିଂ ଉପରେ ପୂର୍ବରୁ ଲଗାଯାଇଥିବା ଅଭିଯୋଗକୁ ଏବେ ସ୍ପଷ୍ଟ କରିବାକୁ ଯାଉଛି। ଚାଇନାର ବିବାଦୀୟ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ କାର୍ଯ୍ୟ କରୁଥିବା ଆମେରିକୀୟ ଗବେଷକ ଆଣ୍ଡ୍ରୁ ହଫ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦି ଟ୍ରୁଥ୍ ଏବାଉଟ୍ ଉହାନ୍'ରେ ବର୍ଣ୍ଣନା କରାଯାଇଛି ଯେ, କୋଭିଡ୍ ହେଉଛି ମନୁଷ୍ୟକୃତ। କରୋନା ଭୂତାଣୁ ସେହି ଉହାନ୍ ଗବେଷଣାଗାରରୁ ବାହାରକୁ ଆସିଥିଲା ବୋଲି ସେ କହିବା ସହିତ ପୂର୍ବରୁ ଆହୁରି ଅନେକ ଗବେଷକ ସମାନ ପ୍ରକାର ମତ ଦେଇଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଦୁଇବର୍ଷ ତଳେ ବ୍ରିଟିଶ ଖବରକାଗଜ 'ଦି ସନ୍'ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା ଯେ କରୋନା ଭାଇରସ୍ ଉହାନ୍‌ରୁ ବାହାରିଥିଲା। ଏଥିରେ ଆହୁରି ଦର୍ଶାଯାଇଥିଲା ଯେ ଚାଇନାର ଏହି ସରକାରୀ ସଂସ୍ଥାକୁ ଆମେରିକା ପାଣ୍ଠି ଯୋଗାଇ ସଂକ୍ରାମକ ରୋଗ ଉପରେ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ବର୍ତ୍ତମାନ 'ନ୍ୟୁୟର୍କ ପୋଷ୍ଟ'ରେ କରୋନା ଭାଇରସ୍ ମନୁଷ୍ୟକୃତ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଚାଇନା ଉପରେ ସନ୍ଦେହ ବଢ଼ିଛି।

> **ନିଜକୁ ଏକ ବଡ଼ ଶକ୍ତି ଭାବୁଥିବା ଚାଇନା କୋଭିଡ୍ ପରିଚାଳନାରେ ବିଫଳ ହୋଇଥିବାରୁ ଆଭ୍ୟନ୍ତରୀଣ ସ୍ଥିତି ତାକୁ ଅକଳରେ ପକାଇ ଦେଇଛି। ଓଡ଼ିଆରେ ଢଗ ଅଛି-'ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ'। ଏହି ଦୃଷ୍ଟିପଟରୁ ଦେଖିଲେ ଚାଇନା ତା' କର୍ମର ଫଳ ଭୋଗୁଛି।**

ଏହି ଭୂତାଣୁ ସହିତ କରାଯାଇଥିବା ଗବେଷଣାରୁ ଜଣାପଡ଼େ ଯେ ଚାଇନା ନେତୃତ୍ୱ ପାରମ୍ପରିକ ଯୁଦ୍ଧ ଅପେକ୍ଷା ଜୈବିକ ଅସ୍ତ୍ର ଦ୍ୱାରା ଶତ୍ରୁ ରାଷ୍ଟ୍ରର ବେଶି କ୍ଷତି କରାଯାଇପାରେ ବୋଲି ବିଶ୍ୱାସ କରେ। ଚାଇନା ଭଳି ଦେଶ ଅନ୍ତର୍ଜାତୀୟ ସ୍ତରରେ ଆଧିପତ୍ୟ ବିସ୍ତାର କରିବା ଲାଗି ଭାଇରସ୍‌କୁ ମାଧ୍ୟମ କରୁଥିବା ବିଷୟରେ ଆଲୋଚନା ହୋଇଥାଏ। ଉହାନ୍‌ରୁ କରୋନା ଭୂତାଣୁ ବାହାରିଥିବା ବିଷୟକୁ ଚାଇନା ବାରମ୍ବାର ଖଣ୍ଡନ କରିଆସିଛି। ହେଲେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର କହିଥିଲେ ଯେ, ଚାଇନା ଜାଣିଶୁଣି ଏଭଳି ଭାଇରସ୍‌କୁ ଜନ୍ମ ଦେଇଥିଲା। ଏବେ ଯେତେବେଳେ ଚାଇନା ଅଧିବାସୀ ଏହି ଭୂତାଣୁ କବଳରେ ପଡ଼ିଛନ୍ତି, ସେମାନେ ଶାସକ ଜିନ୍‌ପିଙ୍ଗଙ୍କୁ ବିରୋଧ କରୁଛନ୍ତି। ବେଜିଂର କଠୋର କୋଭିଡ୍ ନୀତି ଯୋଗୁ ସେଠାକାର ଲୋକଙ୍କ ଜୀବନ ଯାଉଥିବା ବେଳେ ଅନେକେ ଜୀବିକା ହରାଇଲେଣି। ଠିକ୍ ଭାବେ ଟିକା ଦିଆଯାଇପାରି ନ ଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହିତ ଚାଇନା ପ୍ରସ୍ତୁତ ଟିକା ସଫଳ ହୋଇନାହିଁ ବୋଲି ବଢୁଥିବା ସଂକ୍ରମଣରୁ ପ୍ରମାଣ ମିଳୁଛି। ନିଜକୁ ଏକ ବଡ଼ ଶକ୍ତି ଭାବୁଥିବା ଚାଇନା କୋଭିଡ୍ ପରିଚାଳନାରେ ବିଫଳ ହୋଇଥିବାରୁ ଆଭ୍ୟନ୍ତରୀଣ ସ୍ଥିତି ତାକୁ ଅକଳରେ ପକାଇ ଦେଇଛି। ଓଡ଼ିଆରେ ଢଗ ଅଛି-'ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ'। ଏହି ଦୃଷ୍ଟିପଟରୁ ଦେଖିଲେ ଚାଇନା ତା' କର୍ମର ଫଳ ଭୋଗୁଛି।

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି। -(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 4 | 1 | | | | |
| 9 | | 5 | | | | 4 | 3 | 7 |
| | | | | | | | | |
| | | 1 | | | 3 | | | |
| | 5 | 3 | 8 | 7 | | | | |
| | | | | | 1 | | 6 | |
| | | | | 2 | | 8 | | |
| 3 | 9 | | | 8 | 7 | | | 2 |
| | | | | | | | 7 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 9 | 2 | 4 | 7 | 8 | 5 |
| 4 | 7 | 5 | 1 | 3 | 8 | 6 | 2 | 9 |
| 8 | 2 | 9 | 6 | 7 | 5 | 1 | 4 | 3 |
| 6 | 4 | 8 | 7 | 1 | 9 | 5 | 3 | 2 |
| 9 | 3 | 7 | 5 | 4 | 2 | 8 | 1 | 6 |
| 2 | 5 | 1 | 3 | 8 | 6 | 9 | 7 | 4 |
| 1 | 9 | 4 | 2 | 6 | 7 | 3 | 5 | 8 |
| 7 | 6 | 2 | 8 | 5 | 3 | 4 | 9 | 1 |
| 5 | 8 | 3 | 4 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

# ସାମାଜିକ ବାସନ୍ଦ ସମାଜ ପାଇଁ କଳଙ୍କ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଗଞ୍ଜାମ ଜିଲା ଆସିକା ବ୍ଲକ୍ ଅନ୍ତର୍ଗତ ହରିଡ଼ାପଦର ଗ୍ରାମରେ ପ୍ରାୟ ଦୁଇଶହ ଦଳିତ ପରିବାରକୁ ଗାଁର ସଂଖ୍ୟାଗରିଷ୍ଠ ସବର୍ଣ୍ଣ ଲୋକେ ସାମାଜିକ ବାସନ୍ଦ କରିବା ଅଭିଯୋଗ ହୋଇଛି। ବାସନ୍ଦର ଶିକାର ଦଳିତ ଲୋକଙ୍କୁ ଗାଁ ରାସ୍ତାରେ ବାହାଘର ଶୋଭାଯାତ୍ରା ନେବା, ଦୋକାନ ବଜାରରୁ ଜିନିଷପତ୍ର କିଣିବା, ପୋଖରୀକୁ ଗାଧୋଇବାକୁ ଯିବା ଓ ମନ୍ଦିରକୁ ଯିବା ଏପରିକି ସେମାନଙ୍କ ପିଲାମାନେ ଅଙ୍ଗନୱାଡ଼ି ଓ ସ୍କୁଲକୁ ଯିବାକୁ ମନା କରାଯାଇଥିବା ଜଣାପଡ଼ିଛି। ଜାତିଗତ କାରଣରୁ ଗଞ୍ଜାମ ଜିଲାର କମାଗଡ଼ଠାରେ ଦଳିତଙ୍କ ଘରପୋଡ଼ି ଓ ବାସନ୍ଦ କରାଯାଇଥିବା ବେଳେ ବାଲିଛାଇରେ ୫୦ ଦଳିତ ପରିବାରକୁ ୧୪ ବର୍ଷ ହେଲା ଗାଁରୁ ତଡ଼ି ଦିଆଯାଇଛି। ଗୁଣିଆ ସନ୍ଦେହରେ ତାରସିଂ ଥାନା ଅନ୍ତର୍ଗତ ବଡ଼ଖଣ୍ଡା ଗାଁରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ତିନି ଲକ୍ଷ ଟଙ୍କା ଜରିମାନା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଗାଁର ତିନୋଟି ପରିବାରକୁ ନିକଟରେ ବାସନ୍ଦ କରାଯାଇଛି। ସେହିପରି କୋରାପୁଟ ଜିଲା ଜୟପୁର ବ୍ଲକ୍ ଅନ୍ତର୍ଗତ ବୈରାଗୀମଠ ଗ୍ରାମର ଜଣେ ଆଦିବାସୀ ବ୍ୟକ୍ତି ଅନ୍ୟ ଜାତିର ବ୍ୟକ୍ତିଙ୍କ ଘରେ ଖାଇଥିବାରୁ ତା' ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଥିଲେ। ନିକଟରେ ତାଙ୍କର ମାଆଙ୍କ ମୃତ୍ୟୁ ପରେ ଗାଁ ଲୋକେ ତାଙ୍କୁ ସହଯୋଗ ନ କରିବାରୁ ସେ ଏକାକୀ ମାଆଙ୍କ ଶବକୁ ଘୋଷାଡ଼ି ଘୋଷାଡ଼ି ଶ୍ମଶାନକୁ ନେଇ ଅନ୍ତିମ ସତ୍କାର କରିବାକୁ ବାଧ୍ୟ ହୋଇଥିଲେ। ଅତୀତରେ ପୁରୀ ଜିଲାର ବିଭିନ୍ନ ଗ୍ରାମରେ ବିବାହ ସମୟରେ ବରର ଗୋଡ଼ ଧୋଇବା ପରି ଅପମାନଜନକ ପରମ୍ପରାକୁ ନ ମାନିବାରୁ ବାରିକ ସମ୍ପ୍ରଦାୟର ଲୋକଙ୍କୁ ସବର୍ଣ୍ଣ ଲୋକଙ୍କ ଦ୍ୱାରା ସାମାଜିକ ବାସନ୍ଦର ଶିକାର ହେବାକୁ ପଡ଼ିଛି।

ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ବଙ୍ଗଳା ଭାଷୀ ଲୋକଙ୍କ ମଧ୍ୟରେ ଏକ ବଡ଼ ଭାଗ ମତୁଆ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସମାଜ ସଂସ୍କାରକ ହରିଚାନ୍ଦ ଠାକୁରଙ୍କ ଅନୁଗାମୀ ଭାବେ ପରିଚିତ ଏହି ଲୋକମାନେ ଜାତିଗତ ବିଦ୍ୱେଷ ଓ ବ୍ରାହ୍ମଣବାଦୀ ରୀତିନୀତିରୁ ଦୂରରେ ରହି ସେମାନଙ୍କ ବିବାହ, ମୃତ୍ୟୁ ପରେ ଶୁଦ୍ଧିକ୍ରିୟା ବ୍ରାହ୍ମଣ ବା ପୁରୋହିତଙ୍କ ବଦଳରେ ନିଜର ଗୁରୁଙ୍କ ପରାମର୍ଶରେ କରିଥା'ନ୍ତି। କିନ୍ତୁ ପରିତାପର ବିଷୟ, ସେଭଳି ସଂସ୍କାରମୂଳକ କାର୍ଯ୍ୟ କରୁଥିବା ଲୋକଙ୍କୁ ଅନ୍ୟ ଉଚ୍ଚ ଜାତିର ଲୋକଙ୍କ ଦ୍ୱାରା ସାମାଜିକ ବାସନ୍ଦ ଓ ନିର୍ଯାତନାର ଶିକାର ହେବାକୁ ପଡୁଛି।

ଗୁଣି ଗାରେଡ଼ିଜନିତ ଅନ୍ଧବିଶ୍ୱାସଠାରୁ ଆରମ୍ଭ କରି ଆନ୍ତଃଜାତି ବିବାହ, ବ୍ରାହ୍ମଣବାଦୀ ଧାର୍ମିକ ରୀତିନୀତିକୁ ନ ମାନିବା, ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହେବା ଏପରିକି ରାଜନୈତିକ ବିବାଦ କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ସାମାଜିକ ବାସନ୍ଦର ଶିକାର ହେଉଛନ୍ତି। ଯେଉଁମାନେ ଜାତି ବା କୁଳରୁ ବାସନ୍ଦ ହେଉଛନ୍ତି, ସେମାନଙ୍କ କ୍ଷେତ୍ରରେ ନିଜର ପୁଅ ଝିଅଙ୍କ ବାହାଘର ନିଜ ଜାତିରେ କରିବା ସମ୍ଭବ ହେଉନି। ସେମାନଙ୍କ କୌଣସି ସାମାଜିକ ଉତ୍ସବ ଏପରିକି ମୃତ୍ୟୁ ହେଲେ ନିଜର ଜ୍ଞାତି କୁଟୁମ୍ବମାନେ ଭୟରେ ଯୋଗଦେବା ସମ୍ଭବ ହୋଇନଥାଏ। ଯେଉଁମାନେ ବାସନ୍ଦ ନିଷ୍ପତ୍ତି ବିରୋଧରେ ଯାଇ ପୀଡ଼ିତ ବ୍ୟକ୍ତି ବା ପରିବାର ସହ ସମ୍ପର୍କ ରଖୁଛନ୍ତି ବା ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ଯୋଗ ଦେଉଛନ୍ତି, ସେମାନଙ୍କୁ ମଧ୍ୟ ଜରିମାନା ଦେବାକୁ ପଡୁଛି ଅଥବା ବାସନ୍ଦର ଶିକାର ହେବାକୁ ପଡୁଛି।



ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ଓ ନିର୍ଭରଶୀଳତା ଅଧିକ ନିବିଡ଼ ରହିଥିବାରୁ ସାମାଜିକ ବାସନ୍ଦ ନିଷ୍ପତ୍ତି ଜଣେ ବ୍ୟକ୍ତି ବା ସମୂହ ପାଇଁ ଭୟାବହ ହୋଇଥାଏ। ବାସନ୍ଦ କାରଣରୁ ବ୍ୟକ୍ତିଟି ଗାଁର ସଂଖ୍ୟାଗରିଷ୍ଠ ଲୋକଙ୍କ ଦ୍ୱାରା ଉଭୟ ସାମାଜିକ ଓ ଅର୍ଥନୈତିକ ଭାବେ ଆକ୍ରମଣର ଶିକାର ହୋଇ ଭୟଙ୍କର କ୍ଷତିଗ୍ରସ୍ତ ହୋଇଥାଏ। ସମାଜରେ ତା'ର ସ୍ଥିତି ହଠାତ୍ ନିମ୍ନଗାମୀ ହେବା ଯୋଗୁ ସେ ନିଜର ନାଗରିକ ଅଧିକାର ହରାଇବା ସହ ପ୍ରତି ମୁହୂର୍ତ୍ତରେ ଆତଙ୍କଭରା ଜୀବନ ଜିଇବାକୁ ବାଧ୍ୟ ହୋଇଥାଏ। ଯଦିଓ କିଛି କ୍ଷେତ୍ରରେ ପୀଡ଼ିତ ଲୋକେ ଆଇନର ଆଶ୍ରୟ ନେଇ ପ୍ରଶାସନ ଓ ପୋଲିସର ଦ୍ୱାରସ୍ଥ ହେଉଛନ୍ତି, କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କୁ ନ୍ୟାୟ ମିଳି ନ ଥାଏ। ଅଧିକାଂଶ ଘଟଣାରେ ପୋଲିସ, ପ୍ରଶାସନ ଓ ରାଜନୈତିକ ନେତାମାନେ ପୀଡ଼ିତର ପକ୍ଷ ନେବା ପରିବର୍ତ୍ତେ ସାମାଜିକ ବାସନ୍ଦ କରିଥିବା ଲୋକଙ୍କୁ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ସମର୍ଥନ କରିଥା'ନ୍ତି। ଫଳରେ ପୀଡ଼ିତ ଚୁପ୍‌ଚାପ୍ ବାସନ୍ଦଜନିତ ଅନ୍ୟାୟ ଓ ନିର୍ଯାତନାକୁ ସହିବାକୁ ବାଧ୍ୟ ହୋଇଥାଏ।

ଆମ ଦେଶରେ ସାମାଜିକ ବାସନ୍ଦ କଥା ବହୁତ ପୁରୁଣା। ଅତୀତରେ ସମାଜରେ ଆଇନକାନୁନ କିମ୍ବା ସମ୍ବିଧାନ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ନ ଥିବା ବେଳେ ସମାଜର ତଳସ୍ତରରେ ନ୍ୟାୟ ବିଚାର କରିବାକୁ ଲୋକେ ଗାଁରେ ଏଭଳି ସଭାର ଆୟୋଜନ କରୁଥିଲେ। କିନ୍ତୁ ଦେଶରେ ସମ୍ବିଧାନ ଓ ଆଇନର ବ୍ୟବସ୍ଥା ଲାଗୁ ହେବା ପରେ ବି ଏଭଳି ବ୍ୟବସ୍ଥା ଆଜି ଅବ୍ୟାହତ ରହିବା ଲଜ୍ଜାଜନକ। ଗାଁମାନଙ୍କ ପରି ନିଜର ଜାତିର ଲୋକଙ୍କୁ ଶୃଙ୍ଖଳିତ ଏବଂ ନିୟନ୍ତ୍ରିତ କରିବା ନାଁରେ ବିଭିନ୍ନ ଜାତିର କୁଳ ସଙ୍ଗଠନ ସବୁ ରହିଛି। ଜାତି, ଧର୍ମ, ଗୋତ୍ର ଆଦି ଆଧାରରେ ନୀତି ନିୟମ କରି ନ୍ୟାୟ ବିଚାର କରୁଥିବା ଏହି ଗାଁ ସଭା ଓ କୁଳ ସମାଜଗୁଡ଼ିକ ମୁଖ୍ୟତଃ ଏକ ପଶ୍ଚାଦ୍‌ପଦ ସାମନ୍ତବାଦୀ ବିଚାରକୁ ପ୍ରତିନିଧିତ୍ୱ କରିବା ସହ ଦେଶର ସମ୍ବିଧାନ ଓ ନାଗରିକ ଅଧିକାରର ପରିପନ୍ଥୀ। ଦେଶର ଆଇନ ଅଦାଲତ ବାହାରେ ଏମାନେ ସମାନ୍ତରାଳ ଭାବେ ଏଭଳି ନ୍ୟାୟ ବିଚାର କରି ଦଣ୍ଡବିଧାନ କରିବା ଏବଂ ଅଗଣତାନ୍ତ୍ରିକ ଭାବେ ସାଧାରଣ ଜନତାଙ୍କ ଉପରେ ନିଜର ନିଷ୍ପତ୍ତିକୁ ଲଦିଦେବା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ସେମାନଙ୍କ ନିଷ୍ପତ୍ତିଗୁଡ଼ିକ ପ୍ରାୟତଃ ଅଗଣତାନ୍ତ୍ରିକ, ରୂଢ଼ିବାଦୀ, ଜାତିବାଦୀ ଏବଂ ମହିଳା ବିରୋଧୀ ହୋଇଥାଏ। ତେବେ ଦୁଃଖର କଥା, ସମାଜରେ ସାମାଜିକ ବାସନ୍ଦ ପରି ଏକ ଘୃଣ୍ୟ ବ୍ୟବସ୍ଥା ଖୋଲାଖୋଲି ଭାବେ ଚାଲିଥିବା ବେଳେ ତାକୁ ରୋକିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ୨୦୧୬ରେ ମହାରାଷ୍ଟ୍ର ସରକାର ସାମାଜିକ ବାସନ୍ଦକୁ ଅପରାଧ ଘୋଷଣା କରି ସ୍ୱତନ୍ତ୍ର ଆଇନ କରିଥିବା ବେଳେ ଆମ ରାଜ୍ୟରେ କିନ୍ତୁ ଏଯାଏଁ କୌଣସି ଆଇନ ପ୍ରଣୟନ ହୋଇ ନାହିଁ ଏବଂ ଏଭଳି ଅପରାଧୀଙ୍କ ବିରୋଧରେ ମଧ୍ୟ ଦଣ୍ଡବିଧାନର କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଅତିବେଶିରେ କୌଣସି ସାମାଜିକ ବାସନ୍ଦ ଘଟଣାରେ ସ୍ଥାନୀୟ ପ୍ରଶାସନ ସିଆର୍‌ପିସିର ଧାରା ୧୦୭ ପ୍ରକାରେ ଉଭୟ ପକ୍ଷକୁ ଡାକି କେବଳ ଶାନ୍ତିରକ୍ଷାର ଏକ ଅସ୍ଥାୟୀ ଉଦ୍ୟମ କରିଥାଏ। ଏପରିକି ସାମାଜିକ ବାସନ୍ଦ କରିଥିବା ଲୋକଙ୍କ ବିରୋଧରେ ପ୍ରଭାବଶାଳୀ ସିଆର୍‌ପିସିର ଧାରା ୧୦୮ ପ୍ରକାରେ ଆଇନଗତ ପ୍ରକ୍ରିୟା ଗ୍ରହଣ କରିବାକୁ ବି ପ୍ରସ୍ତୁତ ନଥାଏ। ତେବେ ସ୍ୱତନ୍ତ୍ର ଆଇନ ନ ଥିବାରୁ ସାମାଜିକ ବାସନ୍ଦ କରୁଥିବା ଅପରାଧୀମାନେ ଦଣ୍ଡ ପାଉନଥିବା ବେଳେ ପୀଡ଼ିତ ବ୍ୟକ୍ତି ବା ତା'ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାଏ। ଏପରିକି ବାସନ୍ଦ ଯୋଗୁ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଥିଲେ ବି ସେମାନେ ସରକାରଙ୍କଠାରୁ କୌଣସି କ୍ଷତିପୂରଣ ବା ଥଇଥାନ ସୁବିଧା ପାଇବା ସମ୍ଭବ ହୋଇନଥାଏ। ଅତଏବ ସାମାଜିକ ବାସନ୍ଦ ପରି ଅମାନବୀୟ ଅପରାଧକୁ ରୋକିବାକୁ ହେଲେ ସମାଜରେ ସଚେତନତା ସୃଷ୍ଟି କରିବା ସହିତ ଏଥିପାଇଁ ଏକ ସଶକ୍ତ ଆଇନ ପ୍ରଣୟନ କରି ଏଭଳି କାର୍ଯ୍ୟକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଘୋଷଣା କରିବା ଅତ୍ୟନ୍ତ ଜରୁରୀ।

ମୋ: ୯୪୩୭୧୬୬୩୯୧

# ଭାରତରେ ବାର୍ଦ୍ଧକ୍ୟ ସମସ୍ୟା




ଇଂ. ମାୟାଧର ସ୍ୱାଇଁ

ଭାରତରେ ହାରାହାରି ଆୟୁଷ କ୍ରମଶଃ ବୃଦ୍ଧି ପାଉଛି। ଦେଶରେ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଛି ଏହାର ପ୍ରମୁଖ କାରଣ। ବର୍ତ୍ତମାନ ଜଣେ ଭାରତୀୟଙ୍କ ହାରାହାରି ଆୟୁଷ ହେଉଛି ୬୯.୮ ବର୍ଷ। ଅବଶ୍ୟ ଏହା ଅନ୍ୟ କେତେକ ଜନବହୁଳ ରାଷ୍ଟ୍ରଠାରୁ କମ୍। ବିଶ୍ୱ ବ୍ୟାଙ୍କ ଆକଳନ ଅନୁଯାୟୀ ୫ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୨୯ ଦେଶ ମଧ୍ୟରେ ୨୦୨୦ରେ ଭାରତ ହାରାହାରି ଆୟୁଷରେ ୨୧ ସ୍ଥାନରେ ଥିଲା। ଜାପାନ ଏଥିରେ ଶୀର୍ଷ ସ୍ଥାନରେ ଥିଲା ଏବଂ ଜଣେ ଜାପାନ ଅଧିବାସୀଙ୍କର ହାରାହାରି ଆୟୁଷ ହେଉଛି ୮୪.୬ ବର୍ଷ। ଏହା ପଛକୁ ୮୩.୪ ବର୍ଷରେ ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଅଛି।

ତଥାପି ଉଭୟ ପୁରୁଷ ଓ ମହିଳାମାନଙ୍କ କ୍ଷେତ୍ରରେ ଭାରତରେ ହାରାହାରି ଆୟୁଷ ପ୍ରତିବର୍ଷ ବଢୁଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୭୦-୭୫ ଏବଂ ୨୦୧୪-୧୮ ମଧ୍ୟରେ ପୁରୁଷମାନଙ୍କର ହାରାହାରି ଆୟୁଷ ୫୧ ବର୍ଷରୁ ୬୮ ବର୍ଷକୁ ବୃଦ୍ଧି ପାଇଛି ଏବଂ ଏହି ସମୟରେ ମହିଳାମାନଙ୍କର ହାରାହାରି ଆୟୁଷ ୪୯ ବର୍ଷରୁ ୭୧ ବର୍ଷକୁ ବଢ଼ିଛି। ଭାରତରେ ହାରାହାରି ଭାବେ ମହିଳାମାନେ ପୁରୁଷମାନଙ୍କଠାରୁ ଅଧିକ ବର୍ଷ ବଞ୍ଚିଥାଆନ୍ତି। ୧୯୯୧-୯୫ଠାରୁ ଏହି ଧାରା ରହି ଆସିଛି। ଅନ୍ୟ ଏକ ପରିସଂଖ୍ୟାନ ହେଉଛି ଯେ, ଭାରତର ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ହାରାହାରି ଆୟୁଷ ୭୩ ବର୍ଷ ହୋଇଥିବା ବେଳେ ଗ୍ରାମାଞ୍ଚଳ ପାଇଁ ୬୮ ବର୍ଷ। ବୋଧହୁଏ ସହରରେ ଉତ୍ତମ ସ୍ୱାସ୍ଥ୍ୟସେବା ହେଉଛି ଏହାର କାରଣ।

ହାରାହାରି ଆୟୁଷ ବୃଦ୍ଧି ସହିତ ଭାରତରେ ଜନ୍ମହାର ହ୍ରାସ ପାଉଛି। ଫଳରେ ଦେଶରେ ବୟସ୍କ (୬୦ ବର୍ଷରୁ ଅଧିକ) ମାନଙ୍କର ପ୍ରତିଶତ ବଢୁଛି। ୨୦୧୧ରେ ଭାରତରେ ବୟସ୍କ ନାଗରିକମାନଙ୍କର ସଂଖ୍ୟା ୧୦୪ ନିୟୁତ ଥିଲା ଏବଂ ଏହା ମୋଟ ଜନସଂଖ୍ୟାର ପ୍ରାୟ ୧୦ ପ୍ରତିଶତ ଥିଲା। ସରକାରୀ ଆକଳନ ଅନୁଯାୟୀ ୨୦୩୧ ସୁଦ୍ଧା ସେମାନଙ୍କର ସଂଖ୍ୟା ୧୯୪ ନିୟୁତ ହୋଇଯାଇଥିବ ଏବଂ ଏହା ମୋଟ ଜନସଂଖ୍ୟାର ୧୩.୧ ପ୍ରତିଶତ ହେବ। ପୁନଶ୍ଚ ୨୦୬୧ ବେଳକୁ ଭାରତରେ ବୟସ୍କମାନଙ୍କର ସଂଖ୍ୟା ୪୪୧ ନିୟୁତ ହେବା ଅନୁମାନ କରାଯାଉଛି ଏବଂ ସେତେବେଳେ ମୋଟ ଲୋକସଂଖ୍ୟାର ଏକ ଚତୁର୍ଥାଂଶ ବୟସ୍କ ହେବେ।

ବୟସ୍କ ନାଗରିକମାନଙ୍କର ପ୍ରତିଶତ ବୃଦ୍ଧି ପାଇଲେ ଦେଶରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ପ୍ରଭାବିତ ହେବ। କାରଣ ଅଧିକାଂଶ ବୟସ୍କ ବ୍ୟକ୍ତି ରୋଜଗାରକ୍ଷମ ହୋଇ ନ ଥାଆନ୍ତି। ଏଥିଯୋଗୁ ବୟସ୍କମାନେ ଆର୍ଥିକ ଭାବେ ଅନ୍ୟମାନଙ୍କ ଉପରେ ନିର୍ଭର ହୋଇଥାଆନ୍ତି। ଅବଶ୍ୟ କେତେଜଣ ବୟସ୍କ ବ୍ୟକ୍ତି ଚାକିରି କରୁଛନ୍ତି। ମାତ୍ର ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ଉଦାହରଣ ସ୍ୱରୂପ, ୨୦୧୧-୧୨ରେ ୬୦ରୁ ୬୪ ବର୍ଷର ବ୍ୟକ୍ତିଙ୍କ ମଧ୍ୟରୁ ୪୯.୩ ପ୍ରତିଶତ ଚାକିରି କରିଥିବା ବେଳେ ୨୦୧୮-୧୯ ମସିହାରେ ଏହା ୪୦.୯ ପ୍ରତିଶତକୁ ଖସି ଆସିଥିଲା। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ୨୮.୯ ପ୍ରତିଶତରୁ ୨୧.୨ ପ୍ରତିଶତକୁ ହ୍ରାସ ପାଇଛି।



ଏହାର ଅର୍ଥ ହେଉଛି ସେମାନଙ୍କୁ ବିକଳ୍ପ ରୋଜଗାର ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ। ଏକ ବିକଳ୍ପ ଉତ୍ସ ହେଉଛି ସାମାଜିକ ନିରାପତ୍ତା, ଯାହା ପେନ୍‌ସନ ଆକାରରେ ମିଳିଥାଏ। ମାତ୍ର ଚାକିରିଆମାନଙ୍କୁ ମିଳୁଥିବା ପେନ୍‌ସନ ପରିମାଣ ଯଥେଷ୍ଟ ହେଉଥିବା ବେଳେ ଅଣ-ଚାକିରିଆମାନଙ୍କୁ ସରକାର ପ୍ରଦାନ କରୁଥିବା ବାର୍ଦ୍ଧକ୍ୟ ଭତ୍ତା ନାମକୁମାତ୍ର। ଅଧିକାଂଶ ଭାରତୀୟ ରୋଜଗାରକ୍ଷମ ଥିବା ଅବସ୍ଥାରେ ବୃଦ୍ଧାବସ୍ଥା ପାଇଁ ଅର୍ଥ ସଞ୍ଚୟ ପାଇଁ ଚିନ୍ତା କରି ନ ଥାଆନ୍ତି। ୨୦୧୬ରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଦେଶର ମାତ୍ର ୧୩ ପ୍ରତିଶତ ଲୋକ ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିଥାଆନ୍ତି।

ଦେଶର ବୟସ୍କ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅନ୍ୟ ଏକ ସମସ୍ୟା। ବୟସ ବୃଦ୍ଧି ସହିତ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ହୋଇଯାଏ ଏବଂ ଶରୀରର ରୋଗ ପ୍ରତିଷେଧକ ଶକ୍ତି କମ୍ ହୋଇଯାଏ। ଏଣୁ ଦେଶରେ ଅଧିକ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରିବାକୁ ପଡ଼ିବ। ଅଧିକାଂଶ ବୟସ୍କ ବ୍ୟକ୍ତି ଉଚ୍ଚ ରକ୍ତଚାପ ଓ ରକ୍ତ ଶର୍କରା ରୋଗରେ ପୀଡ଼ିତ ଏବଂ ଏଥିପାଇଁ ସେମାନଙ୍କୁ ନିୟମିତ ଔଷଧ ନେବାକୁ ପଡ଼ିଥାଏ। ଅର୍ଦ୍ଧାଧିକ ବୟସ୍କ ବ୍ୟକ୍ତି ସେମାନଙ୍କର ପିଲାମାନଙ୍କ ସହିତ ରହିଥା'ନ୍ତି। ଏଣୁ ସେମାନଙ୍କର ଯତ୍ନ ନେବା ପାଇଁ ପିଲାମାନଙ୍କର ଦାୟିତ୍ୱ ବଢ଼ିଯାଏ। ପୁନଶ୍ଚ ଆଜିକାଲି ଅଧିକାଂଶ ଲୋକଙ୍କର ଏକ କିମ୍ବା ଦୁଇ ସନ୍ତାନ ଏବଂ ସେମାନେ ଘରଠାରୁ ଦୂରରେ କାର୍ଯ୍ୟ କରୁଥିବାରୁ ପିତାମାତାଙ୍କର ଯତ୍ନ ନେବାରେ ଅସୁବିଧା ହୋଇଥାଏ। କେବଳ ଟଙ୍କା ପଠାଇଦେଲେ ସେମାନଙ୍କର ଯତ୍ନ ଠିକ୍ ଭାବେ ହେବ ନାହିଁ। ଦେଖାଯାଇଛି ଯେ, ଅନେକ ସନ୍ତାନ ବହୁ ଦିନ ଧରି ପିତାମାତାଙ୍କୁ ଦେଖାକରିବାକୁ ଆସୁ ନ ଥିବାରୁ ଏହା ସେମାନଙ୍କୁ ମାନସିକ ଭାବରେ ଅଶାନ୍ତି ଦେଉଛି। ଆଜିକାଲି ଏହା ଅନେକ ମାତ୍ରାରେ ଦେଖାଦେଉଛି। ସେଥିପାଇଁ ଅବଶ୍ୟ ବୃଦ୍ଧାଶ୍ରମ ସଂଖ୍ୟା ଦେଶରେ ବୃଦ୍ଧି ପାଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏହା ସ୍ଥାପିତ ହୋଇ ବୃଦ୍ଧାବୃଦ୍ଧଙ୍କର ସେବା ଓ ଯତ୍ନ ନିଆଯାଉଛି। ଏହା ସେମାନଙ୍କୁ ଆଶ୍ରୟ ଦେବା ସହ ଖାଦ୍ୟ ଓ ଚିକିତ୍ସା ସୁବିଧା ଦେଉଥିଲେ ମଧ୍ୟ ସେମାନେ ମାନସିକ ସ୍ତରରେ ଶାନ୍ତି ପାଇପାରୁ ନାହାନ୍ତି।

୨୦୨୧ରେ ସମଗ୍ର ଭାରତରେ ୧୦.୧ ପ୍ରତିଶତ ବରିଷ୍ଠ ନାଗରିକ ଥିବା ବେଳେ ରାଜ୍ୟଗୁଡ଼ିକରେ ଅନେକ ପାର୍ଥକ୍ୟ ଦେଖାଯାଏ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହି ପ୍ରତିଶତ ହେଉଛି ଅଧିକ। କେରଳରେ ସର୍ବାଧିକ ୧୬.୫% ବରିଷ୍ଠ ନାଗରିକ ଥିବା ବେଳେ ତାମିଲନାଡୁରେ ୧୩.୬%, ହିମାଚଳ ପ୍ରଦେଶରେ ୧୩.୧%, ଆନ୍ଧ୍ରରେ ୧୨.୪%, କର୍ଣ୍ଣାଟକରେ ୧୧.୫% ଏବଂ ଓଡ଼ିଶାରେ ୧୧.୮% ବୟସ୍କ ବ୍ୟକ୍ତି ଅଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ଅନେକ ସୁବିଧା ପ୍ରଦାନ କରୁଛନ୍ତି। ରେଳ ଓ ବସ୍ ଯାତ୍ରାରେ ରିହାତି ଓ ଆୟକରରେ ରିହାତି ସହିତ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟବୀମା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦି କାର୍ଯ୍ୟ କରୁଛି। ସର୍ବୋପରି ସେମାନଙ୍କୁ ସମ୍ମାନର ସହ ରଖିବା ହେଉଛି ଦେଶର ସମସ୍ତ ନାଗରିକଙ୍କର କର୍ତ୍ତବ୍ୟ।

ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

ପରିବେଶ ଉପଯୋଗୀ କାଫେର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ମୁମ୍ବାଇରେ। ଏହାର ନାମ ଯୋଗୀସତ୍ତ୍ୱ କାଫେ। ରବିନା ଟୌରାନି ଏହାର ମାଲିକ। ଏଠାରେ ଶତ ପ୍ରତିଶତ ଉଦ୍ଭିଜ ତଥା ଶୁଦ୍ଧ ଶାକାହାରୀ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ରବିନା ଜଣେ ପୂର୍ବତନ ଚଳଚ୍ଚିତ୍ର ନାୟିକା। ୨୦୦୨ରେ ସେ ଦିଲ୍ ହାଏ ତୁମାରା କିମ୍ବା ବାଙ୍ଗ୍ ବାଙ୍ଗ୍ ସିନେମାରେ ଅଭିନୟ କରିଥିଲେ। ୨୦୧୪ରେ ମେରୁଦଣ୍ଡ ଆଘାତଜନିତ ସମସ୍ୟା ଯୋଗୁ ତାଙ୍କ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଶାକାହାରୀ ଉଦ୍ଭିଜ ଖାଦ୍ୟ ଉପରେ ସେ ଆଡ୍‌ଭାନ୍ସଡ ଡିପ୍ଲୋମା କରିବା ପରେ ୨୦୨୧ରେ ବାନ୍ଦ୍ରାରେ ଏହି କାଫେ ଖୋଲିଥିଲେ। ବଡ଼ କଥା ହେଉଛି, କାଫେରୁ ଯାହା ତରଳ/ ଓଦା ବର୍ଜ୍ୟ ବାହାରୁଛି ତାହାକୁ ସେ ଖତ କରୁଛନ୍ତି ଓ ଶୁଖିଲା ବର୍ଜ୍ୟ ଯଥା ପରିବାଚୋପା ଆଦିକୁ ବୁଲା ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି। ସମସ୍ତ କାର୍ଟୁନ ଓ ବକ୍ସଗୁଡ଼ିକୁ ସେ ରିସାଇକେଲ ସଂସ୍ଥା ଫାଇଭ୍-ସାଇକେଲକୁ ଦେଉଛନ୍ତି। କାଫେରେ ଆଦୌ ପ୍ଲାଷ୍ଟିକ ବ୍ୟବହାର କରାଯାଉନାହିଁ। କେବଳ ଜୈବିକ ଫଳ, ପରିବା ଓ ଡ୍ରାଏ ଫ୍ରୁଟ୍‌ସରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ରବିନା ଏସବୁ ମହାରାଷ୍ଟ୍ରର କୃଷକମାନଙ୍କଠାରୁ ସଂଗ୍ରହ କରୁଛନ୍ତି। ଉକ୍ତ କାଫେରେ ଭାରତ ବ୍ୟତୀତ ଶୁଦ୍ଧ ଶାକାହାରୀ ମେକ୍ସିକୋ, ଲେବାନନ୍ ଏବଂ ଭିଏତ୍‌ନାମ ବ୍ୟଞ୍ଜନ ମଧ୍ୟ ପରଷାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୭

- ତେଲ ବିନିମୟରେ ଖାଦ୍ୟ ଓ ଔଷଧ କ୍ରୟ ପାଇଁ ପିରାପତ୍ତା ପରିଷଦ ପକ୍ଷରୁ ଇରାକକୁ ଅନୁମତି ପ୍ରଦାନ।
- ଦଳୀୟ ନେତୃବର୍ଗଙ୍କ 'ମେରି ରାୟ' ଶାସନର ପ୍ରତିବାଦ ଜଣାଇ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗରପ୍ପାଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା।
- ବିଜେପି ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ ମାଲକାନଗିରି ବିଧାୟକ ଅରବିନ୍ଦ ଢାଲି ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ ଶିକ୍ଷିତଙ୍କ ମାନସିକତା

ମହାଶୟ,

ଆଜିର ଶିଶୁ କାଲି ଦେଶର ଭବିଷ୍ୟତ। ବିଶେଷକରି ଉଚ୍ଚଶିକ୍ଷିତ ପିଲାମାନେ ନିଜର ବୌଦ୍ଧିକ ବିକାଶ ବଳରେ ଦେଶର କର୍ଣ୍ଣଧାର ସାଜିଥାନ୍ତି। ଦୁର୍ନୀତି ବିନାଶ ନିମନ୍ତେ ଉଚ୍ଚ ଶିକ୍ଷା ଦୀକ୍ଷାବଳରେ ସେମାନେ ଦୃଢ଼ ପଦକ୍ଷେପ ନେଇ ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବେ ବୋଲି ଆଶା କରାଯାଏ। ହେଲେ ଦେଶବାସୀଙ୍କ ଆଶା ଏବେ ହତାଶାରେ ପରିଣତ ହେବାକୁ ବସିଲାଣି। ଦୁଃଖର ବିଷୟ ଯେ, ଦେଶର ଉଚ୍ଚ ପଦବୀରେ ସ୍ଥାନିତ ହୋଇ କେତେଜଣ କର୍ମଚାରୀ ଓ ଅଧିକାରୀ ଅଧିକ ଧନ ଲାଭ ଆଶା ପୋଷଣ କରୁଥିବା ନଜରକୁ ଆସୁଛି। ଯଦିଓ ସେମାନଙ୍କ ଯୋଗ୍ୟତା ଓ ଦାୟିତ୍ୱକୁ ଲକ୍ଷ୍ୟ କରି ପାରିଶ୍ରମିକ ଯଥାଯଥ ଭାବରେ ପ୍ରଦାନ କରାଯାଉଛି, ତଥାପି ସେମାନେ ସେଥିରେ ସନ୍ତୁଷ୍ଟ ହୋଇପାରୁନାହାନ୍ତି। ଅବଶ୍ୟ ସେମାନେ ଉଚ୍ଚଶିକ୍ଷା ଲାଭ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇଥିବାରୁ ସେମାନଙ୍କୁ ବେତନ ସହ ଅନ୍ୟାନ୍ୟ ସୁବିଧା ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥାଏ। ଏଠାରେ ଗୋଟିଏ କଥା ମନକୁ ଆସେ ଶିକ୍ଷା ପାଇଁ ବାପାମାଆ କରିଥିବା ଖର୍ଚ୍ଚକୁ ସେମାନେ ଉପାର୍ଜନ କରି ଶୁଝିବାକୁ ପ୍ରୟାସ କରିଥାଇପାରନ୍ତି। ତେବେ ସେମାନେ ଯେଉଁ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ ତାହା ତ ସର୍ବସାଧାରଣଙ୍କର ଅନୁଷ୍ଠାନ। ସର୍ବସାଧାରଣଙ୍କ ଧନରେ ଶିକ୍ଷା ଉପକରଣ ଯୋଗାଇଦେବା ସହ ଶିକ୍ଷକମାନଙ୍କୁ ମାସିକ ବେତନ ଇତ୍ୟାଦି ମଧ୍ୟ ଦିଆଯାଉଥିଲା। ସେମାନେ ଏହି ଉଚ୍ଚ ଶିକ୍ଷିତମାନଙ୍କଠାରୁ କି ସେବା ପାଉଛନ୍ତି। ଏମାନେ କେଉଁ ଢଙ୍ଗରେ ମାଧବମାନଙ୍କର ସେବା କରୁଛନ୍ତି ତାହା ବିଚାର୍ଯ୍ୟ। ଉକ୍ତ ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷିତ ସନ୍ତାନସନ୍ତତିମାନଙ୍କୁ ଅନୁରୋଧ ସେମାନେ ସଚେତନ ହୁଅନ୍ତୁ ଏବଂ ଦେଶବାସୀଙ୍କୁ ନିଷ୍ଠାପର ସେବା ଯୋଗାଇ ଦେଶର ମଙ୍ଗଳ କରନ୍ତୁ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଫାରୁକ୍ ଅବଦୁଲ୍ଲା ଏନ୍‌ସି ଅଧ୍ୟକ୍ଷ ପୁନଃ ନିର୍ବାଚିତ**

ଶ୍ରୀନଗର: ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭା ସଦସ୍ୟ ଡ. ଫାରୁକ୍ ଅବଦୁଲ୍ଲା ସୋମବାର ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଶ୍ରୀନଗରର ନୱା-ଇ-ସୁଭା କମ୍ପ୍ଲେକ୍ସରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଫାରୁକ୍ ଏନ୍‌ସି ଅଧ୍ୟକ୍ଷ ପୁନଃ ନିର୍ବାଚିତ ହୋଇଥିବା ଦଳ ମୁଖପାତ୍ର ଇମ୍ରାନ୍ ନବୀ କହିଛନ୍ତି। ଗତ ମାସରେ ଫାରୁକ୍ ଦଳ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟ କେହି ଦଳର ନେତୃତ୍ୱ ନେବା ସେ ଚାହାନ୍ତି ବୋଲି ସେତେବେଳେ କହିଥିଲେ।




ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାଜସ୍ଥାନର ଝାଲାୱାରରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ମୋଦି: କଂଗ୍ରେସ

**ନିର୍ବାଚନ ବେଳେ ରୋଡ୍ ଶୋ'**

ନୂଆଦିଲ୍ଲୀ,୫।୧୨(ପି.ଟି.): ଗୁଜରାଟ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଭୋଟ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ' କରି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନ କମିଶନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୟ କରୁଛି ଏବଂ ଚାପରେ ରହିଛି ବୋଲି ବିରୋଧୀ ଦଳ ଅଭିଯୋଗ ଆଣିଛି। ନିର୍ବାଚନ କମିଶନ ନିଷ୍କ୍ରିୟ ହୋଇଯାଇଥିବା କିଛି ସପ୍ତାହ ହେଲା ଦେଖିବାକୁ ମିଳିଛି ବୋଲି କଂଗ୍ରେସ ଗଣମାଧ୍ୟମ ଓ ପ୍ରକାଶନ ମୁଖ୍ୟ ପୱନ ଖେରା କହିଛନ୍ତି। ନିର୍ବାଚନ କମିଶନଙ୍କୁ କଂଗ୍ରେସ ବିଭିନ୍ନ ସ୍ତରରେ ଅଭିଯୋଗ କରିଛି। ପ୍ରତି ଦୁଇ କିମ୍ବା ତିନି ଦିନରେ ଆମେ ଗୁଜରାଟ ଏବଂ ଦିଲ୍ଲୀରେ ଅଭିଯୋଗ କରିଥିଲେ ହେଁ ନିର୍ବାଚନ କମିଶନ ଚାପରେ ଥାଇ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଆଶଙ୍କା କରୁଛି ବୋଲି ଖେରା କହିଛନ୍ତି। ଏଥିପାଇଁ କଂଗ୍ରେସ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଚାର କରୁଥିବା ସେ ସୂଚନା ଦେଇଛନ୍ତି। ଅନ୍ୟ ସାଧାରଣ ଜନତାଙ୍କ ଭଳି ପ୍ରଧାନମନ୍ତ୍ରୀଙ୍କ ଭୋଟ୍‌ର ମୂଲ୍ୟ ସମାନ। ସେ ଭୋଟ ଦେବାକୁ ଯିବା ବେଳେ ଅଢ଼େଇ ଘଣ୍ଟା ଧରି ରୋଡ୍ ଶୋ' କରିବାର ମାନେ କ'ଣ ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିଲେ ହେଁ ନିର୍ବାଚନ କମିଶନ ଏହା ଦେଖି ନ ପାରିବା ପଛର ବାଧ୍ୟବାଧକତା କ'ଣ ବୋଲି ସେ ଜାଣିବାକୁ ଚାହିଁଛନ୍ତି।



# ଅହମ୍ମଦାବାଦରେ ଭୋଟ ଦେଲେ ମୋଦି, ଶାହା

**ଗୁଜରାଟରେ ୫୮% ମତଦାନ**

ଗାନ୍ଧୀନଗର,୫।୧୨

ଦ୍ୱିତୀୟ ପର୍ଯ୍ୟାୟରେ ଗୁଜରାଟ ବିଧାନସଭାର ୯୩ ଆସନ ଲାଗି ମତଦାନ ସୋମବାର କଡ଼ା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଛି। ପ୍ରାୟ ୫୮ ପ୍ରତିଶତ ଭୋଟିଂ ହୋଇଥିବା ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୬୧ଟି ଦଳରୁ ୮୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟରେ ଲଢ଼େଇ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅହମଦାବାଦରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟରମାନେ ଉତ୍ସାହ ଉଦ୍ଦୀପନାର ସହ ଗଣତନ୍ତ୍ରର ଉତ୍ସବ ପାଳନ କରୁଥିବାରୁ ମୋଦି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ସେ ଭାରତର ନିର୍ବାଚନ କମିଶନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ଅହମଦାବାଦର ରାନିପ ଅନ୍ତର୍ଗତ ନିଶାନ ପବ୍ଲିକ୍ ସ୍କୁଲ୍‌ରେ ଭୋଟ ଦେବା ପରେ ଜନସାଧାରଣ ରେକର୍ଡ ସଂଖ୍ୟାରେ ଆସି ମତାଧିକାର ସାବ୍ୟସ୍ତ କରିବାକୁ ନିବେଦନ କରିଥିଲେ। ସେହିପରି ଅମିତ୍ ଶାହା ମଧ୍ୟ ନୂଆ ଭୋଟରମାନଙ୍କୁ ବହୁସଂଖ୍ୟାରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଶାହାଙ୍କ ସହ ତାଙ୍କ ପୁଅ ତଥା ବିସିସିଆଇ ସମ୍ପାଦକ ଜୟ ଶାହା ଅହମଦାବାଦର ନାରନପୁରା ଅନ୍ତର୍ଗତ ଏଏମ୍‌ସି ସବ୍‌ଜୋନାଲ ଅଫିସ୍‌ରେ ଭୋଟ ଦେଇଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ହାର୍ଦ୍ଦିକ ପଟେଲ, ଗୁଜରାଟ କଂଗ୍ରେସ ସଭାପତି ଜଗଦୀଶ ଠାକୁର ପ୍ରମୁଖ ସୋମବାର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଗୁରୁବାର ଭୋଟ ଗଣତି ପରେ ଫଳାଫଳ ପ୍ରକାଶ ପାଇବ।

**ପଦ୍ମପୁର ଉପନିର୍ବାଚନ**

# ମତାଧିକାର ସାବ୍ୟସ୍ତ କଲେ ପ୍ରାର୍ଥୀ

ବରଗଡ଼ ଅଫିସ୍/ପଦ୍ମପୁର/ପାଇକମାଲ,୫।୧୨

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ଲାଗି ସୋମବାର ଭୋଟ୍ ଗ୍ରହଣ ହୋଇଛି। ଏହି କ୍ରମରେ ନିର୍ବାଚନ ମଣ୍ଡଳୀର ଭୋଟରମାନେ ମତଦାନ କରିଥିଲେ। ମତଦାନ ବେଳେ ଭୋଟରଙ୍କ ସମେତ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା। ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀମାନେ ନିଜ ଭୋଟ ଗ୍ରହଣ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିଥିଲେ।

ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ପଦ୍ମପୁର ରଜାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୨୧୩)କୁ ଆସି ମତଦାନ କରିଥିଲେ। ସେ ଘରେ ତାଙ୍କ ବାପା ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରତିଛବି ତଳେ ମୁଣ୍ଡିଆ ମାରି ଭୋଟ୍ ଗ୍ରହଣ କେନ୍ଦ୍ରକୁ ଆସିଥିଲେ। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ସପରିବାର ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଏବଂ ଏହାପରେ ସପରିବାର ପାଇକମାଲ ଛକ ସ୍ଥିତ ସରକାରୀ ପ୍ରକଳ୍ପ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୧୨୮)କୁ ଆସି ମତାଧିକାର ସାବ୍ୟସ୍ତ କରିଥିଲେ।


ସେହିପରି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟ୍ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୧୦୨)କୁ ଆସି ମତଦାନ କରିଥିଲେ। ମତଦାନ ପରେ ପ୍ରାର୍ଥୀମାନେ ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ର ବୁଲିଥିବା ଦେଖିବାକୁ ମିଳିଥିଲା। ଉକ୍ତ ୩ ପ୍ରାର୍ଥୀ ବିଜୟୀ ହେବା ପାଇଁ ଆଶାବାଦୀ ଥିବା କହିଛନ୍ତି। ଆସନ୍ତା ୮ତାରିଖରେ ଭୋଟ୍ ଗଣତି ପରେ ଉପନିର୍ବାଚନରେ ଭୋଟରମାନେ କାହାକୁ ସେମାନଙ୍କ ବିଧାୟକ ବାଛିଛନ୍ତି ତାହା ସ୍ପଷ୍ଟ ହେବ।



ମତଦାନ ପାଇଁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ବୁଥ୍ ନଂ-୨୧୩ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ମତଦାନ କରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବୁଥ୍ ନଂ-୧୨୮ରୁ ବାହାରୁଛନ୍ତି।



କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ବୁଥ୍ ନଂ-୧୦୨ରେ ମତଦାନ କରି ବାହାରୁଛନ୍ତି।

# ଭାଜପା ନେତା ଟଙ୍କା ବାଣ୍ଟୁଥିଲେ: ବିଜେଡି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ପରାଜୟ ନିଶ୍ଚିତ ଜାଣି ଦଳୀୟ ନେତାମାନେ ହତାଶ ହୋଇ ପଡ଼ିଛନ୍ତି। ସୋମବାର ଉପନିର୍ବାଚନ ପାଇଁ ମତଦାନ ଚାଲିଥିବା ବେଳେ ଭାଜପା ନେତାମାନେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ବେଳେ ଧରାପଡ଼ିଛନ୍ତି। ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ବ୍ଲକର ବିଭିନ୍ନ ବୁଥ୍‌ରେ ଭାଜପା ପକ୍ଷରୁ ଏଭଳି ଟଙ୍କା ବଣ୍ଟାଯାଇ ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଅପଚେଷ୍ଟା କରାଯାଇଛି। ଏନେଇ ବିଜେଡି ପକ୍ଷରୁ ୬ଟି ପିଟିଶନ୍ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ପଦ୍ମପୁରସ୍ଥିତ ନିର୍ବାଚନ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଯିବା ସହ ପ୍ରମାଣ ସ୍ୱରୂପ ଭିଡିଓ କ୍ଲିପ୍ ଓ ଫଟୋ ଦାଖଲ କରାଯାଇଛି। ଟଙ୍କା ବାଣ୍ଟୁଥିବା ବେଳେ ଧରାପଡ଼ିଥିବା ଭାଜପା ନେତାମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିଜେଡି ପକ୍ଷରୁ ଦାବି କରାଯାଇଛି।

ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, କଳାହାଣ୍ଡି ଜିଲା ଭାଜପା ସାଧାରଣ ସମ୍ପାଦକ ତଥା କୃଷକ ମୋର୍ଚ୍ଚା ନେତା ସୁଧୀର ପାଟଯୋଶୀ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ପାଇକମାଲ ବ୍ଲକ୍ କେଛୋଦାଦର ପଞ୍ଚାୟତ ଛେଲିଆମାଲ ଗାଁରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ବେଳେ ଧରା ପଡ଼ିଥିଲେ। ଅନ୍ୟପକ୍ଷରେ ପଦ୍ମପୁର ଏନ୍‌ଏସି ୧୨ ନମ୍ବର ୱାର୍ଡ଼ରେ ମତଦାନ ଚାଲିଥିବା ବେଳେ ଭାଜପା କାଉନ୍‌ସିଲର ଚିନ୍ମୟ ପଣ୍ଡା ଧାଡ଼ିରେ ଥିବା କିଛି ମହିଳା ଭୋଟରଙ୍କୁ ଟଙ୍କା ଦେଉଥିବା ଖବର ମିଳିଥିଲା। ଏ ବିଷୟ ଜାଣିବା ପରେ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି କାଉନ୍‌ସିଲର ପଣ୍ଡାଙ୍କୁ ପଚରାଉଚରା କରିବାରୁ ସେ ଅପ୍ରସ୍ତୁତ ହୋଇ ପଡ଼ିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଣ୍ଡାଙ୍କୁ ଗାଡ଼ିରେ ବସାଇ ନେଇଯାଇଥିଲା। ଏ ବିଷୟରେ ମଧ୍ୟ ବିଜେଡି ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଅନୁଯାୟୀ ୩ ତାରିଖ ଅପରାହ୍ଣ ୪ଟାରୁ ନିର୍ବାଚନମଣ୍ଡଳୀ ବାହାର ନେତାମାନଙ୍କୁ ପଦ୍ମପୁର ଛାଡ଼ିବା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଥିଲେ ହେଁ ମତଦାନ ଚାଲିଥିବା ବେଳେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ପାଟଣାଗଡ଼ ଓ କଣ୍ଟାବାଞ୍ଜିର କେତେକ ଦଳୀୟ ନେତାଙ୍କୁ ନେଇ ପଦ୍ମପୁର ବ୍ଲକ ଦହିତା, ବୁଡେନ ଓ ଦହିଗାଁ ପଞ୍ଚାୟତରେ ଭାଜପା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ବିଜେଡି ପକ୍ଷରୁ ପଦ୍ମପୁର ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କ ନିକଟରେ ଏହାର ପ୍ରମାଣ ଦାଖଲ କରାଯିବା ସହ ଟଙ୍କା ବଣ୍ଟନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଜେଡି ପ୍ରତିନିଧି ଦଳ ଅଭିଯୋଗପତ୍ର ଦେଉଛନ୍ତି।

# ଉତ୍ସାହ ବଢ଼ାଇଲା ମତଦାନ ହାର

ପଦ୍ମପୁରରୁ ସୁନିତ୍ ମିଶ୍ର

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ଗଲା ୧୦ଦିନ ଧରି ରାଜ୍ୟ ରାଜନୀତିର ଯେଉଁ ମୁଖ୍ୟ ଆଲୋଚନା ଥିଲା, ପଦ୍ମପୁର ଆସନ କାହା ହାତକୁ ଯିବ, ତାହା ଏବେ ଇଭିଏମ୍ ବାକ୍ସରେ ଆବଦ୍ଧ ହୋଇ ରହିଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟ ହାରକୁ ଦେଖିଲେ ନିଶ୍ଚିତ ଭାବେ ସମସ୍ତଙ୍କୁ ଏହା ଉତ୍ସାହିତ କରିଛି। ଏହାସତ୍ତ୍ୱେ ନା ଶାସକ ବିଜେଡି ନା ଭାଜପା କେତେ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ, ସେ କଥା କହିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ହେବ ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ଭୋଟର କେଉଁଠାରେ ମଧ୍ୟ ଏକପାଖିଆ ସମର୍ଥନ ଦେଲା ଭଳି ଇଙ୍ଗିତ ଦେଇନାହାନ୍ତି। ଭୋଟରଙ୍କ ମୁହଁରେ ଗୋଟିଏ କଥା, ଭଲ ପ୍ରାର୍ଥୀ ଦେଖି ମତସାବ୍ୟସ୍ତ କରିଛନ୍ତି। ଭୋଟରଙ୍କ ଏହି କଥାକୁ ଯେଉଁମାନେ ପରଖୁଛନ୍ତି ସେମାନଙ୍କ କହିବା କଥା, ସେମାନଙ୍କ ଏଭଳି ଇଙ୍ଗିତ ବୋଧହୁଏ ବିରୋଧୀ ପ୍ରାର୍ଥୀଙ୍କୁ ସୁହାଇପାରେ। ହେଲେ ଶାସକଦଳ ନେତା ଏଠାରେ ଯେଉଁଭଳି ନିର୍ବାଚନ ପରିଚାଳନା କରିଛନ୍ତି ଏବଂ ଯେତିକି ଭାବେ କଳ ଓ ବଳ ଲଗାଇଛନ୍ତି, ଯଦି ତାହା ଭୋଟ୍‌ରେ ରୂପାନ୍ତର ହୁଏ, ତେବେ ତାହା ଅନ୍ୟ ଦିଗ ଆଡ଼କୁ ନେଇଯିବ।

ତେବେ ଭୋଟ୍ ପ୍ରତିଶତକୁ ଦେଖିଲେ ଭୋଟରମାନେ ଯେ କେବଳ ଉତ୍ସାହିତ ତାହା ନୁହେଁ, ସେମାନେ କେତେ ସଚେତନ ସେ କଥା ମଧ୍ୟ ସ୍ପଷ୍ଟ ସୂଚନା ଦେଉଛି। ତେଣୁ ଏଠାକାର ଭୋଟର କାହାକୁ ଏହି ଆସନ ପାଇଁ ହକ୍‌ଦାର କରିବେ, ସେମାନେ ଭଲ ଭାବେ ନିଷ୍ପତ୍ତି ନେଇଛନ୍ତି। ତଥାପି ପଦ୍ମପୁରର ବିଭିନ୍ନ ସ୍ଥାନରେ ଭୋଟିଂ କିଭଳି ଚାଲିଛି, ତାର ଖବର ସଂଗ୍ରହ ଲାଗି ଧରିତ୍ରୀ ପକ୍ଷରୁ ଆମେ ଚର୍ଦାପାଲି ପଞ୍ଚାୟତଠାରେ ପହଞ୍ଚିଥିଲୁ। ଏହି ପଞ୍ଚାୟତ ଅନ୍ତର୍ଗତ ୧୫୨ ନମ୍ବର ବୁଥ୍ ଦାୟିତ୍ୱରେ ଥିବା ବିଏଲଓଙ୍କଠାରୁ ଯାହା ଶୁଣିବାକୁ ପାଇଲୁ, ତାହା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ କରିବ। ଏହି ପଞ୍ଚାୟତ ଛତିଶଗଡ଼ ସୀମାକୁ ଲାଗିଛି ଏବଂ ଏହା ଏକ ସମ୍ବେଦନଶୀଳ ବୁଥ୍। ତେଣୁ ଏଠାରେ ଭୋଟିଂ ଲାଗି ଆସୁଥିବା ମତଦାତାମାନଙ୍କୁ କିଭଳି ଅଣାଯାଉଛି ବୋଲି ପଚାରିବାରୁ ସେ କହିଥିଲେ ଯେ, ସବ୍‌କଲେକ୍ଟର ଏବଂ ବିଡ଼ିଓଙ୍କ ଜରିଆରେ ଗାଡ଼ି ବ୍ୟବସ୍ଥା କରାଯାଇଛି। ଉକ୍ତ ଗାଡ଼ି ଜରିଆରେ ମତଦାତାମାନଙ୍କୁ ଆଣିବାର ବ୍ୟବସ୍ଥା ହୋଇଛି, ଯାହାକି ସ୍ଥାନୀୟ ସରପଞ୍ଚଙ୍କ ଦାୟିତ୍ୱରେ ଛଡ଼ାଯାଇଥିବା ସେ କହିଥିଲେ। ତେବେ ସରକାରଙ୍କ ଦାୟିତ୍ୱ କିଭଳି ଜଣେ ଜନପ୍ରତିନିଧିଙ୍କ ହାତରେ ଛାଡ଼ି ଦିଆଯାଇଛି, ସେ କଥାକୁ ଗୁରୁତ୍ୱର ସହ ବିଚାରକୁ ନେବା ଲାଗି ନିକଟରେ ଛିଡା ହୋଇଥିବା ଜଣେ ଯୁବକ ଧୀରେ କହିଥିଲେ, ଏହି ଚର୍ଦାପାଲି ପଞ୍ଚାୟତ ପାଇକମାଳ ବ୍ଲକ ଅନ୍ତର୍ଗତ ୩ ନମ୍ବର ଜିଲା ପରିଷଦ ଜୋନ ଅଧୀନରେ ଆସୁଛି। ଏହି ଜୋନ୍ ଦାୟିତ୍ୱରେ ଶାସକ ଦଳର ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ରହିଥିବାବେଳେ ଚର୍ଦାପାଲି ପଞ୍ଚାୟତ ଦାୟିତ୍ୱରେ ବିଜେଡ଼ି ନେତା ଜନ୍ମେଜୟ ଲେଙ୍କା ଥିଲେ। ନିର୍ବାଚନ ସମୟରେ ଏହି ନେତାମାନଙ୍କ ନେତୃତ୍ୱରେ ଚର୍ଦାପାଲି ସରପଞ୍ଚ, ସମିତିସଭ୍ୟ ଏବଂ ନାଏବ ସରପଞ୍ଚ ବିଜେଡିରେ ସାମିଲ ହୋଇଥିଲେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ୨ଦିନ ଧରି ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ବୁଲିବାବେଳେ କିଛି ନୂଆ ଘଟଣା ଦେଖିବାକୁ ମିଳିଥିଲା। ପଦ୍ମପୁରକୁ ଜିଲା ଘୋଷଣା ଦାବି ନେଇ ଭେଡ଼ଁରିଆ ଛକଠାରେ ବସିଥିବା ଆନ୍ଦୋଳନକାରୀ ସେଠାରେ ଆଉ ନ ଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ବିଭିନ୍ନ ଚାଷୀ ସଙ୍ଗଠନ ଯେଉଁ ଧାରଣା ଦେଇଥିଲେ, ସେମାନଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳି ନ ଥିଲା। ତେବେ ଲୋକମାନଙ୍କ ନିକଟରେ ୫ଦିନ ପୂର୍ବରୁ ଯେଉଁସବୁ ପ୍ରସଙ୍ଗକୁ ନେଇ ରାଜନୀତି ଚାଲିଥିଲା, ତାହା ମଧ୍ୟ ବସ୍ତୁତଃ ଆଉ ପ୍ରସଙ୍ଗ ହୋଇ ରହି ନଥିବା ଜଣାପଡୁଥିଲା। ସ୍ଥାନୀୟ କିଛି ଜଣାଶୁଣା ଲୋକଙ୍କ କହିବା କଥା, ବିଜେଡ଼ିର ପ୍ରତିନିଧିମାନେ ସରକାରଙ୍କ ବିରୋଧରେ ଚାଲିଥିବା ଏହିସବୁ ଆନ୍ଦୋଳନ ଏବଂ ଆନ୍ଦୋଳନକାରୀଙ୍କୁ ବୁଝାଇବାରେ ବୋଧହୁଏ ସକ୍ଷମ ହୋଇଛନ୍ତି। ନଚେତ୍ ଏସବୁ ଆନ୍ଦୋଳନର ମଙ୍ଗ ଧରିଥିବା ନେତାମାନଙ୍କ ସହ ଭିତିରି ବୁଝାମଣା ସଫଳ ହୋଇଥିବା କୁହାଯାଇପାରେ। ତେବେ ଏସବୁ ବାଦ୍ ସମସ୍ତ ଭୋଟର ଭଲ ପ୍ରାର୍ଥୀ ଦେଖି ଯିଏବି ତାଙ୍କ ସୁଖଦୁଃଖରେ ଠିଆ ହେବ, ତାଙ୍କୁ ଭୋଟ୍ ଦେବେ ବୋଲି କହିଥିଲେ। ତେଣୁ ଏଠାରେ ପ୍ରସଙ୍ଗ ନା ଅର୍ଥ କେଉଁଟି କାମ କରିବ, ତାହା ଆସନ୍ତା ୮ତାରିଖରେ ହେବାକୁ ଥିବା ଗଣତିରୁ ଜଣାପଡ଼ିବ।

bob World | बैंक ऑफ़ बड़ौदा Bank of Baroda | Azadi Ka Amrit Mahotsav

**କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା ଜୋନ୍, ୫ମ ମହଲା, ଆନନ୍ଦ ବିହାର, ୱେଷ୍ଟ ବୋରିଂ କେନାଲ ରୋଡ୍, ପାଟନା-୮୦୦୦୦୧**

**ଟେଣ୍ଡର ବିଜ୍ଞପ୍ତି**

ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟ ପାଇଁ ଏୟାର କଣ୍ଡିସନ୍ଡ ସ୍ମଲ୍ କ୍ୟାଶ୍ ଭ୍ୟାନ୍ସ ଯୋଗାଣ ଲାଗି ଖ୍ୟାତନାମା କମ୍ପାନୀଗୁଡ଼ିକଠାରୁ ଦୁଇ ବିଡ୍ ପ୍ରଣାଳୀରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଛି। ଜଉମୁଦଦିଆ ଟେଣ୍ଡର କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା-୮୦୦୦୦୧ଙ୍କ ଠିକଣାରେ ତା୨୮।୧୨।୨୦୨୨ରିଖ ଅପରାହ୍ଣ ୫ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ପହଞ୍ଚିବା ଆବଶ୍ୟକ। (ଅପରାହ୍ଣ ୫ ଘଟିକା ପରେ ପହଞ୍ଚିଥିବା ବିଡ୍‌ଗୁଡ଼ିକୁ ବ୍ୟାଙ୍କ ଗ୍ରହଣ କରିବ ନାହିଁ)।
ବିବରଣୀ ପାଇଁ, ଦୟାକରି ନମୁନା ଟେଣ୍ଡର ଡାଉନଲୋଡ୍ କରିବା ଲାଗି ଆମର ୱେବ୍‌ସାଇଟ୍ **www.bankofbaroda.com**ର ଟେଣ୍ଡର ସେକ୍ସନରେ ଲଗ୍ ଅନ୍ କରନ୍ତୁ। ଶୁଦ୍ଧିପତ୍ର, ଯଦି ଥାଏ, କେବଳ ବ୍ୟାଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
କୌଣସି କାରଣ ନ ଦର୍ଶାଇ ଯେକୌଣସି ଅଫରକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ।

**କ୍ଷେତ୍ରୀୟ ପ୍ରବନ୍ଧକ**

**KHADI & VIILLAGE INDUSTRIES COMMISSION**
**STATE OFFICE, BHUBANESWAR**
**No. OSO/Hiring of Vehicle/HK/2022-23 Date:02.12.2022**

**TENDER NOTICE FOR HIRING OF TAXIS/CARS**

Sealed tenders are invited from reputed Tour and Travel Agencies located in Bhubaneswar (Odisha) for hiring Air Conditioned/Non-Air Conditioned Taxis/Cars for official use of **State Office, Khadi & Village Industries Commission, Ministry of MSME, Govt. of India, J-16, Bhimpur, Gandamunda, Khandagiri, Bhubaneswar - 30 (Tel.: 0674-2351161, 2351131)** for one year.
The bid may be submitted in a sealed cover superscribed as **"BID FOR HIRING OF TAXIS/CARS SERVICES"** by Speed Post to the undersigned at the above mentioned address. The important dates of tender are mentioned below.

a) Date of issue of Tender document : 5th December, 2022
b) Last date and time for submission of tender document : 26th December, 2022 (Upto 2.00 P.M.)
c) Date and time for opening of
(i) Technical Bid document : 26th Decmber, 2022 (at 3.00 P.M.)
(ii) Financial Bid document : 26th Decmber, 2022 (at 5.00 P.M.)

For the detail tender Notice please visit KVIC website i.e. **www.kvic.org.in/Tender**. It can also be obtained from this office on any working day between **10.00 A.M. to 5.00 P.M.** (except Saturday, Sunday, Public Holidays & Lunch hours **(1.30 P.M. to 2.00 P.M.)**) at the above mentioned address by paying Demand Draft for **Rs.1,000/- (Rupees one thousand only)** drawn in favour of Director, KVIC, Bhubaneswar.

**State Director**

**ୟୁକୋ ବ୍ୟାଙ୍କ**

**ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩**

**ଦଖଲ ନୋଟିସ୍**
**ସ୍ଥାବର ସମ୍ପତ୍ତି ନିମନ୍ତେ**

**(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ସାତପାଟଣା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁ,** ପିତା: ଶ୍ରୀ ଧ୍ରୁବ ଚରଣ ସ୍ୱାଇଁ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଶୈଳବାଳା ସ୍ୱାଇଁ,** ସ୍ୱାମୀ: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁ, ଉଭୟଙ୍କ ବାସସ୍ଥାନ ଠିକଣା- କଉଡ଼ା, ଖମାର ସାହି, ଜିଲ୍ଲା: ନୟାଗଡ଼-୭୫୨୦୮୪ | ୩୧.୦୩.୨୦୨୧ ସୁଦ୍ଧା ଟ.୫,୩୬,୫୧୬.୧୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୪.୦୩.୨୦୨୨ / ୦୩.୧୨.୨୦୨୨ | **ଶ୍ରୀମତୀ ଶୈଳବାଳା ସ୍ୱାଇଁ,** ସ୍ୱାମୀ: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୮/୧୦୪୯ ଏବଂ ୧୬୮/୧୧୩୭, ଖାତା ନଂ.: |

୨୩୦/୨୮୩, କ୍ଷେତ୍ର: ଏକର୦.୨୬ଡିସିମିଲି, ବିକ୍ରୟ ଦଲିଲ ନଂ.: ୧୧୪୫ ଏବଂ ୧୧୪୭, କିସମ: ଘରବାରୀ, ଗ୍ରାମ: ହରିଡାବାରି, ତାଲୁକ: ଦଶପଲ୍ଲା, ଏସ୍‌ଆରଓ: ଦଶପଲ୍ଲା, ଜିଲ୍ଲା: ନୟାଗଡ଼, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମଣ ସାହୁ, ପୂର୍ବ: ମୋରମ ରାସ୍ତା, ଦକ୍ଷିଣ: ଲକ୍ଷ୍ମଣ ସାହୁ, ପଶ୍ଚିମ: ସନ୍ତୋଷ କୁମାର ସାହୁ

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୧୨.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ପିସି ନ ଦେଲେ କାମ ହେଉନି

■ ବ୍ଲକରେ ଚାଲିଛି ଖୁଲମଖୋଲା ପିସି କାରବାର
■ ନଭେମ୍ବର ୧୦ରେ ଠିକାଦାର ସ୍କୁଲରେ ପକାଇଥିବା ତାଲା

ଦଶମନ୍ତପୁର, ୫।୧୨ (ଡି.ଏନ.ଏ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପିସି କାରବାର ଖୁଲୁମଖୋଲା ଭାବେ ଚାଲିଛି। ଯେ କୌଣସି କାର୍ଯ୍ୟରେ ପିସି ନ ଦେଲେ କିଛି ହେଉନି। ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରିଥିବା ଠିକାଦାରଙ୍କ ଅର୍ଥରୁ ୧୦ ପ୍ରତିଶତ ପିସି ବାବଦରେ ଟଙ୍କା କାଟି ନେଇଛନ୍ତି। ଫଳରେ ଅର୍ଥ ଖର୍ଚ୍ଚ କରି ଦିନ ରାତି କରିଥିବା ଠିକାଦାର ଜଣକ ହତାଶ ହୋଇଛନ୍ତି। ଏପରି ଦେଖିବାକୁ ମିଳିଛି ଜିଲାର ଦଶମନ୍ତପୁର ବ୍ଲକ ପୋଡାଗଡ଼ ପଞ୍ଚାୟତର ଲମତାପୁଟ ଗ୍ରାମରେ।

ଏହି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଗତ ୨୦୨୦ ଆର୍ଥିକ ବର୍ଷରେ ନାଲକୋ ଉନ୍ନୟନ ପାଣ୍ଠିରୁ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲା। ଏହାର ଦାୟିତ୍ୱ ଡିପିଇପିର କନିଷ୍ଠ ଯନ୍ତ୍ରୀ ପଦ୍ମଲୋଚନ ବେହେରା ବୁଝୁଥିଲେ। ତାଙ୍କ ନାଁରେ କାର୍ଯ୍ୟାଦେଶ ଥିଲା। ଲମତାପୁଟ ଗ୍ରାମର ଠିକାଦାର ରାମଚନ୍ଦ୍ର ଚୌଧୁରୀ ଶ୍ରେଣୀଗୃହ ନିର୍ମାଣ ଦାୟିତ୍ୱ ନେଇଥିଲେ। ଠିକାଦାର ଚୌଧୁରୀ ଧାରଉଧାର କରି ସିମେଣ୍ଟ, ବାଲି, ଗୋଡି ଇଟା ଆଦି ଆଣି ନୂତନ ଗୃହ ନିର୍ମାଣ କଲେ। ମାତ୍ର ଅର୍ଥ ପାଇବା ବେଳକୁ ଠିକାଦାର ଚୌଧୁରୀଙ୍କୁ କନିଷ୍ଠଯନ୍ତ୍ରୀ ପ୍ରଥମ କିସ୍ତି ବାବଦରେ ମାତ୍ର ୪ ଲକ୍ଷ ୭୦ ଟଙ୍କା ଦେଇଥିଲେ। ଅବଶିଷ୍ଟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିବାକୁ କନିଷ୍ଠ ଯନ୍ତ୍ରୀ ଉଦ୍ୟମ କରି ବିଭିନ୍ନ ଆଳ ଦେଖାଇ ଆସୁଥିଲେ। ବାରମ୍ବାର ବିଲ୍ ବାବଦ ଟଙ୍କା ମାଗି ହତାଶ ହେବା ପରେ ଠିକାଦାର ଚୌଧୁରୀ ନଭେମ୍ବର ୧୦ରେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରେ କନିଷ୍ଠଯନ୍ତ୍ରୀ ଗତ ୨୮ ତାରିଖରେ ଚୌଧୁରୀଙ୍କୁ ମାତ୍ର ୧ ଲକ୍ଷ ୨୩ ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଦେବାକୁ ଠିକାଦାର କହିବାରୁ ସେ ଶୁଣି ନ ଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ପିସି ବାବଦରେ କିଛି ନେଇନି। ଜିଏସଟି ବିଲ୍ ଭାଉଚର୍ ବାବଦରେ ଯାହା କଟାଯାଇଛି। ଏହା ସରକାରଙ୍କ ତହବିଲ୍‌କୁ ଯାଇଛି। ଏନେଇ ଠିକାଦାର କହିଛନ୍ତି, ସିମେଣ୍ଟ, ବାଲି ଗୋଡି ଇଟା ଓ କଲର୍ ବାବଦରେ ଥିବା ସବୁ ଜିଏସଟି ବିଲ୍ ଭାଉଚର୍ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲି।


ପ୍ରାପ୍ୟ ନ ପାଇ ଠିକାଦାର ବିଦ୍ୟାଳୟରେ ପକାଇଥିବା ତାଲା ।

## ସଂକ୍ଷେପରେ

### ଆଶାକର୍ମୀଙ୍କ ଧାରଣା, ବିକ୍ଷୋଭ ଜାରି

ଜୟପୁର, ୫।୧୨ (ନି.ପ୍ର.)- ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଜୟପୁର ଶାଖା ପକ୍ଷରୁ ରାବଣାଗୁଡା ସିଏଚସି ପରିସରରେ ଧାରଣା, ବିକ୍ଷୋଭ ଜାରି ରହିଛି। ୭ ଦଫା ଦାବି ନେଇ ଆଶାକର୍ମୀମାନେ ଆନ୍ଦୋଳନ ଚଳାଇଛନ୍ତି। ଜୟପୁର ବ୍ଲକ ସଭାପତି ସୁଜାତା ଦୁରିୟା, ସମ୍ପାଦକ ଗୋମତୀ ମହୁରିୟାଙ୍କ ନେତୃତ୍ୱରେ ଏହି ଧାରଣା ଚାଲିଛି। ଆଶା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସରକାରୀ ମାନ୍ୟତା ନ ମିଳିବାଯାଏ ମାସିକ ୧୮ ହଜାର ଟଙ୍କା ବେତନ, ଅବସର ନେଉଥିବା କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀଙ୍କୁ ଏଏନଏମ ଭାବେ ନିଯୁକ୍ତି ଦେବା ଆଦି ଦାବି ରହିଛି। ଦାବି ପୂରଣ ନହେବା ଯାଏ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୀତା ଜୟନ୍ତୀ



ଜୟପୁର, ୫।୧୨ (ନି.ପ୍ର.)- ଜୟପୁର ରଜାନହରସ୍ଥିତ ଗୀତା ଭବନଠାରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀକୃଷ୍ଣଙ୍କ ନିକଟରେ ହୋମ ଆଳତି କରିବା ପରେ ଗୀତା ପାଠ କରାଯାଇଥିଲା । ମନ୍ଦିର ମୁଖ୍ୟ ସେବାୟତ ଓମକାର ପାଢ଼ୀ ସମସ୍ତ ନୀତି ତୁଲାଇଥିଲେ। ସେହିପରି ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଛି । ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁପ୍ତ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗୀତାପଠନର ମହତ୍ତ୍ୱ ଓ ଗୀତାରେ କୁହାଯାଇଥିବା କଥା ଆପଣାଇବା ଦ୍ୱାରା କିପରି ସଫଳତା ମିଳିଥାଏ ସେନେଇ ମୁଖ୍ୟଅତିଥି ଗୁରୁତ୍ୱାରୋପ କରି ଶ୍ରୀକୃଷ୍ଣ ଏବଂ ଗୀତା କିପରି ପରସ୍ପର ସହ ଜଡିତ ବିଭିନ୍ନ ଉଦାହରଣ ଦେଇ ଶିଶୁଙ୍କୁ ବୁଝାଇଥିଲେ। ଶିଶୁ ସାହିଲ ପ୍ରତୀକ ଦଲାଇ, ସନ୍ଦୀପ ଦାଶ, ଶ୍ରେୟଶ୍ରୀ ସାବତ ସେମାନଙ୍କ ବୌଦ୍ଧିକ ମତ ଉପସ୍ଥାପନ କରିଥିଲେ। । ଏହି ଅବସରରେ ସମସ୍ତ ଶିଶୁ ଶ୍ରୀମଦ୍ ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟକୁ ଆବୃତ୍ତି କରିଥିଲେ ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନେଇ ବୈଠକ



ଜୟପୁର ୫।୧୨ (ନି.ପ୍ର.)- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ସଭା ଗୃହରେ ହୋଇଥିବା ଏହି ବୈଠକରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଡିସେମ୍ବରରେ ପୌର ପାଳିକା ପକ୍ଷରୁ ଟାଉନ ହଲ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କରାଯିବ। ଏଥିପାଇଁ କି ପ୍ରକାର ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପୌରପାଳିକା ଅଧୀନରେ ଥିବା ୨୮ ୱାର୍ଡର ଲୋକଙ୍କୁ ଏ ଦିଗରେ ସଚେତନ କରି ଶିବିରରେ ସାମିଲ କରିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ପୌର ଉପାଧ୍ୟକ୍ଷ ବି ସୁନୀତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସିଡିପିଓ ସୁଚିତା ପଣ୍ଡା,ଏସ୍ଏସ୍ଏସ୍ଓ ସୁମିତ୍ରା ଖରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ

**କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ**

ମାଲକାନଗିରି, ୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସୋମବାର ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ନିଗମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ଜିଲା ମୁଖ୍ୟ କୃଷି ଅଧିକାରୀ ନନ୍ଦାଗିରି ରାମକୃଷ୍ଣ ହୟଗ୍ରୀବ, ଉଦ୍ୟାନ ଉପନିର୍ଦ୍ଦେଶକ ମହେନ୍ଦ୍ର ମାଝି, ଜିଲ୍ଲା ମତ୍ସ୍ୟ ଅଧିକାରୀ ନରସିଂହ ମୁଣ୍ଡ, ଜଳ ବିଭାଜିକା ପ୍ରକଳ୍ପର ସହକାରୀ ଯନ୍ତ୍ରୀ ମୋହନ ମଣ୍ଡଳ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବିକାଶ ସରର୍ଦ୍ଦାରଙ୍କ ସମେତ ଅନ୍ୟମାନେ ଯୋଗ ଦେଇ କୃଷକମାନଙ୍କୁ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା,ଏହାର ଉର୍ବରତା ବୃଦ୍ଧି, ରାସାୟନିକ ପରିବର୍ତ୍ତେ ଜୈବିକ ଖତ ପ୍ରୟୋଗ ଉପରେ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଚାଷ କରିବା ପୂର୍ବରୁ ଚାଷୀ ମୃତିକା ପରୀକ୍ଷା କରିବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ୨୦ ଜଣ ଚାଷୀଙ୍କୁ ମୃତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ରଚନା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ କମ୍ପାନୀର ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ଜୈବିକ ସାର, ଜୈବିକ କୀଟନାଶକ ଓ ନାନୋ ୟୁରିଆ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ କିଭଳି ମୃତିକା ସଂରକ୍ଷଣ କରାଯାଇପାରିବ ଓ ଭବିଷ୍ୟତ ପିଢିପାଇଁ ଉତ୍ପାଦନ କ୍ଷମତା ବୃଦ୍ଧି ହୋଇପାରିବ ସେନେଇ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଆଶାକର୍ମୀଙ୍କ ଧାରଣା ଜାରି


ଆଶାକର୍ମୀମାନେ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି ।

ସୁନାବେଡା/ସେମିଳିଗୁଡା, ୫।୧୨ (ସ୍ୱ.ପ୍ର.)

ସରକାର ଗର୍ଭବତୀ ମହିଳା ମାନଙ୍କୁ ଉପଯୁକ୍ତ ଦାୟିତ୍ୱ ନେବା ପାଇଁ କିଛି ବର୍ଷ ଆଗରୁ ପ୍ରତି ପଞ୍ଚାୟତ ସ୍ତରରେ ଆଶାକର୍ମୀ ନିଯୁକ୍ତ କରିଥିଲେ। ସେମାନଙ୍କ ମାଧ୍ୟମରେ ଗର୍ଭବତୀ ମହିଳା ମାନେ ବେଶ ଉପକୃତ ହେଉଥିବା ନିଜର ରହିଛି। ତେବେ ଗତ ନଭେମ୍ବର ମାସ ୨୯ ତାରିଖରୁ ୧୭ଟି ପଞ୍ଚାୟତର ଦେଢଶହ ରୁ ଅଧିକ ଆଶାକର୍ମୀ କୁନ୍ଦୁଲି ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ମୁତାବକ ସ୍ଥାୟୀ ନିଯୁକ୍ତି, ପାରିଶ୍ରମିକ ବାବଦରେ ମାସିକ ସର୍ବନିମ୍ନ ୧୮ହଜାର ଟଙ୍କା ଦରମା, ଆଶାକର୍ମୀ ଙ୍କୁ ମୃତ୍ୟୁ କାଳୀନ ସହାୟତା ପାଞ୍ଚଲକ୍ଷ ଟଙ୍କା ଦେବା,ଯୋଗ୍ୟତା ଅନୁଯାୟୀ ଏ ଏନ ଏମ ପଦୋନ୍ନତି, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ସେମାନଙ୍କ ଲାଗି ସ୍ୱତନ୍ତ୍ର କୋଠରୀ, ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଆଶାକର୍ମୀଙ୍କୁ ନର୍ସମାନେ କରୁଥିବା ଦୁର୍ବ୍ୟବହାର ତଥା ସମସ୍ତ ଆଶାକର୍ମୀଙ୍କ କ୍ଷେତ୍ରରେ ପେନସନ ଲାଗୁ କରିବା ଇତ୍ୟାଦି ବହୁ ଦାବି ନେଇ ୧୭୧ଜଣ ଆଶାକର୍ମୀ ଧାରଣାରେ ବସିଛନ୍ତି। ଆଗାମୀ ଦିନରେ ଆଶାକର୍ମୀଙ୍କ ଦାବି ପୂରଣ ନ ହେଲେ ଅନଶନରେ ବସିବେ ବୋଲି ସେମାନେ କହିଛନ୍ତି । ଏହି ଧାରଣାରେ ସୁନିତାଙ୍କ ସହିତ ମଞ୍ଜୁଲତା ଟାକ୍ରି, ସାଗରିକା ସାହୁ,ଜୋତ୍ସ୍ନା ବାଘ,କୁନି ଖିଲ,ପ୍ରମିଳା ହନ୍ତାଳ ପ୍ରମୁଖ ସାମିଲ ଅଛନ୍ତି।

# ୫ ବର୍ଷିଆ ମରାମତି ନାଁରେ ଚାଲିଛି ଲୁଟ୍

**ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା**

ମାଲକାନଗିରି, ୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ମୁଖ୍ୟ ସଡକଠାରୁ କବାସିଗୁଡାକୁ ସଂଯୋଗ କରୁଥିବା ଗ୍ରାମ୍ୟ ସଡକର ୫ ବର୍ଷିଆ ମରାମତି ନାଁରେ ଲକ୍ଷାଧିକ ଟଙ୍କା ହେରଫେର କରାଯାଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟର ନାମଫଳକରେ ଥିବା ସୂଚନା ଅନୁଯାୟୀ, ସମେନ୍ଦ୍ର ପ୍ରସାଦ ବିଶୋୟୀ ନାମକ ଜଣେ ଠିକାଦାର ଏହି ରାସ୍ତାକୁ ଜାନୁୟାରୀ ୨୦୧୮ରେ ଆରମ୍ଭ କରି ଅକ୍ଟୋବର ୨୦୧୮ରେ ଶେଷ କରିଥିଲେ। ରାସ୍ତା ନିର୍ମାଣ ହେବାର କିଛି ମାସ ମଧ୍ୟରେ ରାସ୍ତାରୁ ପିଚୁ ଉଠି ମାଟି ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଗର୍ତ୍ତ ମଧ୍ୟ ହୋଇଥିଲା। ଉକ୍ତ ସଡକଟି ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ–୨ ଅଧୀନରେ ଥିବା ବେଳେ ୨.୮୦ କି.ମି. ରାସ୍ତା ନିର୍ମାଣ ପାଇଁ ୯୮.୪୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ରାସ୍ତାଟି ଆରମ୍ଭରୁ ଏଯାଏ ମରାମତି ହୋଇ ନ ଥିବାରୁ ବିଭିନ୍ନ ସ୍ଥାନରେ ଖରାପ ହୋଇଗଲାଣି। ଏଥିସହ ରାସ୍ତା ମଝିରେ ବ୍ରିଜ ଦବିଯାଇ ୨ଟି ଗାତ ସୃଷ୍ଟି ହୋଇଛି। ଏହି ଗାତରେ ପଡି ଅନେକ ଆହତ ହେବାର ନଜୀର ମଧ୍ୟ ରହିଛି। ୫ ବର୍ଷିଆ ମରାମତି ବାବଦରେ ଥିବା ୧୩.୨୦ ଲକ୍ଷ ଟଙ୍କା ରାସ୍ତା କାମରେ ଖର୍ଚ୍ଚ ନ ହୋଇ କେବଳ ବ୍ରିଜ କାନ୍ଥରେ ଚୂନ ମାରିବା ଓ ପୁରୁଣା ଫଳକରେ ରଙ୍ଗ ମାରିବାରେ ସୀମିତ ଅଛି ବୋଲି ଗ୍ରାମବାସୀ ଓ ସରପଞ୍ଚ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ଦାବି ହେଉଛି।


ଶୋଚନୀୟ ହୋଇ ପଡିଥିବା ରାସ୍ତା ।


ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ରେଲୱେ ଷ୍ଟେଶନ ଅଞ୍ଚଳରେ ତୁଷାରପାତ ।

# ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ଚିତ୍ରକୋଣ୍ଡା,୫।୧୨(ଡି.ଏନ.ଏ.)

ଚିତ୍ରକୋଣ୍ଡାରେ ହାଇଟେକ ମେଡିକାଲ କଲେଜ ଓ ହସପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ମେଗା ସ୍ୱାସ୍ଥ୍ୟ ଶିବିର ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଚାଲିଥିଲା। ସୋମବାର ଶେଷ ଦିବସରେ ହାଇଟେକ ମେଡିକାଲ କଲେଜର ଏମ୍‌ଡି ଡା.ସୁରେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ଓ ଆଖପାଖ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ଦଶ ଜଣିଆ ଡାକ୍ତର ଦଳ ନିୟୋଜିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୬ ଜଣ ବିଶେଷଜ୍ଞ ଡାକ୍ତର ଥିଲେ। ଚର୍ମରୋଗ, ଭେଷଜ, ଅସ୍ତ୍ରିଶଲ୍ୟ, ଶିଶୁ ରୋଗ ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ହାଇଟେକ ଗ୍ରୁପର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ, ଏମ୍‌ଡି ସୁରେଶ ପାଣିଗ୍ରାହୀଙ୍କ ତତ୍ୱବଧାନରେ ବ୍ଲକରେ ଏହି ଶିବିର ୩ ଦିନ ଧରି ଚାଲିଥିଲା। ଶେଷ ଦିବସରେ ମାଲକାନଗିରି ସ୍ୱାସ୍ଥ୍ୟ ବିଭାଗ ଏଡିଏମଓ ଡା. ଶଶିଭୂଷଣ ମହାପାତ୍ର ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ ଏପରି ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରାଯିବ। ସ୍ୱାଭିମାନ ଅଞ୍ଚଳରେ ହୋଇଥିବା ଏହି ମେଗା ସ୍ୱାସ୍ଥ୍ୟ ଶିବରକୁ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ପରିଚାଳନା କରିଥିବଲେ। ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଦମନକୁ ଆଧାର କରି ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଜଳଭଣ୍ଡାର ଅପରପାର୍ଶ୍ୱର ନିଛକ୍ ସତ୍ୟ ଘଟଣାକୁ ଚଳଚ୍ଚିତ୍ରରେ ରୂପ ଦେଇଥିବା ଦମନ ର ନିର୍ଦ୍ଦେଶକ ଭିଶାଲ ମୌର୍ଯ୍ୟା, ସହ ପ୍ରଯୋଜକ ବିଜୟ ପାତ୍ର, ସହ ନିର୍ଦ୍ଦେଶକ ଇମରାନ ଓ ସମ୍ବିତ ଜେନା ଚିତ୍ରକୋଣ୍ଡା ଆସିଥିଲେ। ସୂଚନାଯୋଗ୍ୟ, ଦମନରେ ସ୍ୱାଭିମାନ ଅଞ୍ଚଳର ଯାନବାଇ, ଯୋଡାମ୍ବ, ଧୂଳିପୁଟ, ରାଲେଗଡ଼ା ଓ ପାପରମେଟଲା ଅଞ୍ଚଳ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଛି। ଏହି ଅବହେଳିତ ଅଞ୍ଚଳର ଅଧିବାସୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିଲେ। ଏହାକୁ ଗୁରୁତ୍ୱ ଦେଇ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କର୍ମଚାରୀଙ୍କ ନିଷ୍ଠାପର ସେବା ଯୋଗୁ ବର୍ତ୍ତମାନ ଏହି ଅଞ୍ଚଳ ମ୍ୟାଲେରିଆ ମୁକ୍ତ ହୋଇପାରିଛି।

### ନାବାଳିକାଙ୍କୁ ଅସଦାଚରଣ ନେଇ ଅଭିଯୋଗ

ଜୟପୁର, ୫।୧୨(ନି.ପ୍ର.)

ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏହାକୁ ଭିତ୍ତି କରି ପୋଲିସ ୩୨୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଥିରେ ଜଣେ ନାବାଳକ ସମ୍ପୃକ୍ତ ଥିବା ଜାଣି ପୋଲିସ ତାଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଛି ।

### ରାଣୀପୁଟରେ ଅବକାରୀ ଚଢ଼ାଉ

ଜୟପୁର, ୫।୧୨ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ରାଣୀପୁଟରେ ସୋମବାର ଅବକାରୀ ଚଢାଉ କରାଯାଇଛି। ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀ ଚଢାଉ କରିଥିଲେ। ତେବେ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଏହିଅବସରରେ ୬ ଶହ ଲିଟର ପୋଚ ଓ ୩୦ ଲିଟର ଦେଶୀ ମଦ ଜବତ ହୋଇଥିବା ବିଭାଗୀୟ କର୍ମଚାରୀମାନେ ପ୍ରକାଶ କରିଛନ୍ତି।

### ୨୯ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ମାଲକାନଗିରି, ୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଗୁମ୍ମାବେଡା ଗ୍ରାମର ୨୯ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଢାଉ କରି ଏହାକୁ ନଷ୍ଟ କରିଛି। ଏପରି ଗଞ୍ଜେଇ ଚାଷ ଅନେକ ଦିନ ଧରି ଉକ୍ତ ଅଞ୍ଚଳରେ ଚାଲି ଆସୁଥିଲା। ଗଞ୍ଜେଇ ଚାଷରୁ ନିବୃତ ରହିବାକୁ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ବୁଝାଇଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଶେଷରେ ଅବକାରୀ ବିଭାଗର ସତନ୍ତ୍ର ଟିମ ଗୁମ୍ମାବେଡା ଗ୍ରାମରେ ଚଢାଉ କରି ଗଞ୍ଜେଇ ଚାଷ ନଷ୍ଟ କରିଛି। ୨୯ ଏକ ଜମିରୁ ପ୍ରାୟ ୪୧ହଜାର ଗଛ ନଷ୍ଟ କରାଯାଇଛି।

### ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପଦବୀ ଖାଲି

ବୈପାରିଗୁଡା ୫।୧୨(ଡି.ଏନ.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବହୁ ଅଧିକାରୀ ପଦବୀ ଖାଲି ପଡିଛି। ଏପ୍ରିଲ୍ ମାସରେ ତତ୍କାଳୀନ ଗୋଷ୍ଠୀ ଶିକ୍ଷାଧିକାରୀ ଅବସର ନେବା ପରଠାରୁ ତାଙ୍କ ସ୍ଥାନରେ କୌଣସି ଅଧିକାରୀ ଆସିନାହାନ୍ତି। ଜୟପୁର ବିଏସ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୀମାଞ୍ଚଳ ମିଶ୍ର ବୈପାରିଗୁଡା ସହ କୁନ୍ଦୁରା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ଅଧୀନରେ ୩ ଜଣ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରହିବା ନିୟମ ଥିବା ବେଳେ ୨ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ପାଇ ଚାଲିଯାଇଛନ୍ତି। ଏବେ ଅଫିସରେ ଜଣେ ମାତ୍ର ମହିଳା ସହକାରୀ ଗୋଷ୍ଠୀ ଅଧିକାରୀ ଅଛନ୍ତି। ବ୍ଲକରେ ୧୯ଟି ହାଇସ୍କୁଲ ଓ ୧୭୬ଟି ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏସବୁର ତଦାରଖ ପାଇଁ ଅଧିକ ସଂଖ୍ୟାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆବଶ୍ୟକ ପଡୁଥିବା ବେଳେ ଜଣକରେ କାର୍ଯ୍ୟ କରିବା କଷ୍ଟକର ହୋଇପଡୁଛି। ଏଠାରେ ଜଣେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକରୀ ନିଯୁକ୍ତି ଲାଗି ଦାବି ହେଉଛି।

### ହତ୍ୟା ଧମକ, ଥାନାରେ ଅଭିଯୋଗ

ଛତ୍ରପୁର,୫।୧୨(ଡି.ଏନ.ଏ )

ଛତ୍ରପୁର ଥାନା ଅଧିନ ଭିକାରୀପଲ୍ଲୀ ଗ୍ରାମର କେ. ଘନପାତ୍ରଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ବାପା ଓ ଦୁଇ ପୁଅ ମିଶି ତାଙ୍କୁ ହତ୍ୟା ଧମକ ଦେଇଥିବା ସହ ସମ୍ପୃକ୍ତ ପରିବାର ମଧ୍ୟ ଶନିବାର ରାତିରେ ଗୋଲାପଲ୍ଲୀ ଗ୍ରାମରେ ଉଦୟନାଥ ପାତ୍ରଙ୍କ ଘରକୁ ବୋମା ମାଡ଼ ଘଟଣାରେ ସାମିଲ ରହିଛନ୍ତି। ଉଦୟନାଥ ପାତ୍ର ଓ ଘନପାତ୍ର ଦୁଇ ଭାଇ।

# ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କୋରାପୁଟ,୫।୧୨(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ପରବ ଉପଲକ୍ଷେ ସୋମବାର କୋରାପୁଟ ଷ୍ଟାଡିୟମଠାରେ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅବଦାଲ ଏମ. ଅଖତାର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ମହୋତ୍ସବର ଶୁଭାରମ୍ଭ କରିଥିଲେ। ପରବ ମାଧ୍ୟମରେ ଲୁକ୍କାୟିତ କ୍ରୀଡା ପ୍ରତିଭାଙ୍କୁ ଲୋକଲୋଚନକୁ ଅଣାଯାଇପାରୁଛି ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କ୍ରୀଡା ମହୋତ୍ସବରେ ଜିଲାର ୧୪ଟି ଯାକ ବ୍ଲକ ଓ ୪ ପୌରାଞ୍ଚଳରୁ କ୍ରୀଡାବିତମାନେ ଯୋଗଦେଇ ଦୌଡକୁଦ, ଫୁଟବଲ, ଭଲିବଲ, କବାଡି, ବ୍ୟାଡମିଣ୍ଟନ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ସେକ୍ସନ ଅଧିକାରୀ ପ୍ରକାଶ ସାମଲଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।


ଉଦ୍‌ଘାଟିତ ହୋଇଥିବା ଜିଲାସ୍ତରୀୟ କ୍ରୀଡା ମହୋତ୍ସବ।

### ବିଶ୍ୱ ମୃତ୍ତିକା ଦିବସ ପାଳିତ

ଦଶମନ୍ତପୁର, ୫।୧୨(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ଗୁଲିମୁସା ଗ୍ରାମରେ ସୋମବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଅଗ୍ରଗାମୀ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୁଲ୍ଲା ସରପଞ୍ଚ ଚଞ୍ଚଳା ମୁଦୁଲି, ସମ୍ମାନିତ ଅତିଥି ଭାବେ ଅକ୍ଷୟ ମୁଦୁଲି, ୱାର୍ଡସଭ୍ୟ ଚାଉଳକନ୍ତି, ଗୁଲିମୁସା, ତେନ୍ତୁଲିଗୁଡା, ଖଜୁରିଗୁଡା ଏବଂ ବାଘ ଚେମା ଗ୍ରାମର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚାଷୀମାନେ କିପରି ମାଟିକୁ ସୁରକ୍ଷିତ ରଖି ଚାଷ ଜମିରେ ରାସାୟନିକ ସାର ପ୍ରୟୋଗ ପରିତ୍ୟାଗ କରି ହାଣ୍ଡି ଖତ, ଜୀବାମୃତ, ରସୁଣ ଦ୍ରବଣ, ଜିଆ ଖତ, ଗୋବର ଖତ, କମ୍ପୋଷ୍ଟ ଖତ ଦେଇ ଜୈବିକ ପଦ୍ଧତିରେ ଚାଷ କରିବେ ସେ ନେଇ ଆଲୋଚନା ହୋଇଥିଲା। ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖରିଫ ମଣ୍ଡି ଆରମ୍ଭ ନେଇ ତହସିଲଦାରଙ୍କୁ ଭେଟିଲେ ଚାଷୀ

କୁନ୍ଦୁରା, ୫।୧୨(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କୃଷକ କଲ୍ୟାଣ ମଞ୍ଚ ଚଳିତବର୍ଷ ଖରିଫ ଧାନ ମଣ୍ଡି ଡିସେମ୍ବର ୧୫ ପୂର୍ବରୁ ଆରମ୍ଭ କରିବାକୁ ଦାବି କରିଛି। ଏହି ଅବସରରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ଖରିଫ ଋତୁରେ ଚାଷୀ ବର୍ତ୍ତମାନ ସୁଦ୍ଧା ୮୦ ପ୍ରତିଶତ ଧାନ ଅମଳ କରିସରିଲେଣି। ଶୀଘ୍ର ମଣ୍ଡି ଆରମ୍ଭ ହେଲେ ମଧ୍ୟମ ଏବଂ କ୍ଷୁଦ୍ର ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। କଟନୀ ଛଟନି କିମ୍ବା କୌଣସି ଆଳ ନ କରି ଧାନ କ୍ରୟ କରିବାକୁ ମିଲର୍ସ ଏବଂ କ୍ରୟକାରୀ ସଂସ୍ଥାକୁ ପ୍ରଶାସନ ନିର୍ଦ୍ଦେଶ ଦେବାକୁ ମଞ୍ଚ ଦାବି କରିଛି। ସେହିଭଳି ନିୟନ୍ତ୍ରିତ ବଜାର କମିଟି ଅଧିକାରୀମାନେ ଖରିଫ ଧାନ ମଣ୍ଡି ସ୍ଥଳରେ ରହି ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଦୀର୍ଘ ଦୁଇ ଦଶନ୍ଧି ଧରି ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କ ଦାବି ସରକାର ମାନି ନେବାକୁ ମଞ୍ଚ ପରାମର୍ଶ ଦେଇଛି। ଚାଷୀ ଚାଷୀ ରାଧାନାଥ ଭଞ୍ଜ, ନରେନ୍ଦ୍ର ପ୍ରଧାନ, ଟୁଲୁ ମଲିକ, ଚନ୍ଦ୍ର ଶେଖର ରଥ, ଅଶୋକ ତ୍ରିପାଠୀ, ପୀତାମ୍ବର ନାୟକ, ନାରାୟଣ ଶତପଥୀ, ସଦାଶିବ ହରିଜନ, ବିକ୍ରମ ଭଞ୍ଜ, କାହ୍ନୁ ଶତପଥୀ, ବିକ୍ରମ ଭଞ୍ଜଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଖରିଫ ମଣ୍ଡି ଆରମ୍ଭ ନେଇ ଦାବିପତ୍ର ଦିଆଯାଉଛି ।

# ବିଡିଓ–ଅଧ୍ୟକ୍ଷା ବିବାଦକୁ ନେଇ ଭୟ, ଆଶଙ୍କାରେ କର୍ମଚାରୀ

**ଗୁଣପୁର ବ୍ଲକରେ ବିଷମ ପରିସ୍ଥିତି**

ଗୁଣପୁର,୫।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକରେ ଏବେ ବିଷମ ପରିସ୍ଥିତି। ବ୍ଲକ ଅଧ୍ୟକ୍ଷା ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏଥିରେ ବ୍ଲକ ଅଫିସ କର୍ମଚାରୀ ଫସିଯାଇଛନ୍ତି। ବିଡିଓଙ୍କୁ ସହଯୋଗ କରିବେ ନା ଅଧ୍ୟକ୍ଷାଙ୍କ କଥା ଶୁଣିବେ ତାହାକୁ ନେଇ ଦୋଛକିରେ ରହିଛନ୍ତି। ଏପରିକି ଭୟ ଏବଂ ଆଶଙ୍କାରେ ସେମାନେ ଏଠାରେ ରହିବାକୁ ନିରାପଦ ନ ମଣି ବଦଳି ହୋଇ ଚାଲିଯିବାକୁ ଚାହୁଁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଧ୍ୟକ୍ଷା–ବିଡିଓ ବିବାଦ ଯୋଗୁ ବ୍ଲକରେ ଉନ୍ନୟନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ସବୁଠି ଅଶାନ୍ତ ପରିବେଶ। କାହାକୁ କହିବ ଶୁଣିବ କିଏ ଏବଂ ଅଞ୍ଚଳରେ ବିକାଶ କାର୍ଯ୍ୟ କିପରି ଆଗେଇବ ତାହା ବଡ଼ ପ୍ରଶ୍ନ। ସେହିପରି ବ୍ଲକରେ ଏପରି କେତେଦିନ ଚାଲିବ ତାହାକୁ ନେଇ ସବୁଠି ଚର୍ଚ୍ଚା।

ନିର୍ବାଚନ ସମୟରେ ଲୋକ ପ୍ରତିନିଧି ବିଭିନ୍ନ ପ୍ରତିଶ୍ରୁତି ଦେଇ ବିଜୟୀ ହୋଇ ଆସିଥିଲେ। ହେଲେ ବିବାଦୀୟ ପରିସ୍ଥିତିରେ ସେମାନେ ଏବେ ସେଗୁଡ଼ିକୁ କିପରି ପୂରଣ କରିବେ ଚିନ୍ତାରେ ପଡ଼ିଛନ୍ତି। ନିର୍ବାଚିତ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜନସାଧାରଣ ସମସ୍ତେ ହରଡ଼ଘଣାରେ ପଡ଼ିଯାଇଛନ୍ତି। ହେଲେ ଅଧ୍ୟକ୍ଷା ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଥମିବା ବଦଳରେ ବଢ଼ିବାରେ ଲାଗିଛି। ଉଭୟେ ଏବେ ମୁହାଁମୁହିଁ ସ୍ଥିତିରେ। କିଏ କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିବା ମନେ ହେଉଛି। ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଛି। ଘଟଣା ଥାନାରୁ ଯାଇ କୋର୍ଟରେ ପହଞ୍ଚିଛି। ହେଲେ ବିବାଦର ସମାଧାନ କରିବା ବଦଳରେ ନିଆଁରେ ଘିଅ ଢାଳିବା କାର୍ଯ୍ୟ ଚାଲିଛି। ତେଣୁ ଆଗକୁ ପରିସ୍ଥିତି କେଉଁ ଦିଗକୁ ଯିବ ତାହାକୁ ନେଇ ମଧ୍ୟ ଜନସାଧାରଣ ଚିନ୍ତାରେ। ବିଜେଡି ଏବଂ ସ୍ୱାଧୀନ ଗୋଷ୍ଠୀର ବିବାଦରେ ଗୁଣପୁର ବ୍ଲକ ଛନ୍ଦି ହୋଇପଡ଼ିଛି। ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ବିଜେଡିରୁ ବିଦା ହୋଇ ସ୍ୱାଧୀନ ରହିଥିବା ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ତଥା ଏବେକାର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ବ୍ଲକ ଦଖଲ କରିଥିଲେ। ଏହା ପରଠାରୁ ବ୍ଲକରେ ଅଶାନ୍ତି ଲାଗିରହିଛି। ବିଡିଓ ଶାସକ ଦଳ ଇସାରାରେ କାମ କରୁଥିବା ଅଧ୍ୟକ୍ଷାଙ୍କ ଗୋଷ୍ଠୀ ଅଭିଯୋଗ କରୁଥିବାବେଳେ ଅପରପକ୍ଷେ ଅଧ୍ୟକ୍ଷା ଶିବ ଗୌଡ଼ଙ୍କ ଇସାରାରେ ମନମୁଖି କାର୍ଯ୍ୟ ଚଳାଇଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗକୁ କେନ୍ଦ୍ରକରି ବ୍ଲକରେ ଅଶାନ୍ତି ଲାଗିରହିଛି। ରାଜ୍ୟ ସରକାର, ବିଜେଡି ଦଳ କିମ୍ବା ସ୍ୱାଧୀନ ଗୋଷ୍ଠୀ କାହାର ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ଆନ୍ତରିକତା ଦେଖିବାକୁ ମିଳୁନି। ଫଳରେ ମାମଲା ଦିନକୁ ଦିନ ଜଟିଳ ହେଉଛି। ଜୁଲାଇ ୧୧ରେ ଘଟଣା ଯାଇ ଭୁବନେଶ୍ୱରଠାରେ ପହଞ୍ଚିଥିଲା। ଅଧ୍ୟକ୍ଷାଙ୍କ ଗୋଷ୍ଠୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଡିଓଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ବିଡିଓ ଦୁର୍ନୀତି କରୁଥିବା ଅଭିଯୋଗ କରାଯିବା ସହ ତାଙ୍କୁ ଏଠାରୁ ବଦଳି କରାଯିବାକୁ ଦାବି ହୋଇଥିଲା। ବିଜେଡି ପକ୍ଷରୁ ମଧ୍ୟ ନେତା ମନ୍ତ୍ରୀଙ୍କ ନିକଟରେ ସମର୍ଥିତ ସରପଞ୍ଚ, ସମିତି ସଭ୍ୟଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ଏପରି ଘଟଣା କ୍ରମ ମଧ୍ୟରେ ଉଭୟ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ନଭେମ୍ବର ୨୨ରେ ବିଡିଓଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଅଧ୍ୟକ୍ଷାଙ୍କ ଗୋଷ୍ଠୀ ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ଏହାପରେ ବିଡିଓ ଗୁଣପୁର ଥାନାରେ ଅଧ୍ୟକ୍ଷାଙ୍କ ଭାଇ ମଧୁସୂଦନ ଶବରଙ୍କ ସମେତ ସନ୍ତୋଷ ରଥ, ଚାନ୍ଦ ପାଳଙ୍କ ନାମରେ ଏତଲା ଦେଇଥିଲେ। ୨୫ ତାରିଖ ରାତିରେ ଗୁଣପୁର ପୋଲିସ ମଧୁସୂଦନଙ୍କୁ ଗିରଫ କରିଥିଲା। ଏହାପରେ ପୌର ପରିଷଦରେ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷଙ୍କ ଦୁର୍ନୀତି ଏବଂ ମନମୁଖି କାର୍ଯ୍ୟ ପ୍ରତିବାଦରେ ବିଜେଡି ପକ୍ଷରୁ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ୮ଟି ରେକର୍ଡ ଅଧ୍ୟକ୍ଷା ଫେରାଉ ନ ଥିବା ବିଡିଓ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର(ମାଜିଷ୍ଟ୍ରେଟ)ଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ତଲାସି କରାଯାଇଥିଲା। ସେଠାରୁ ରେକର୍ଡ ନ ମିଳିବା ପରେ ବିଡିଓ ଥାନାରେ ଏତଲା ଦେଇ ନିଖୋଜ ରେକର୍ଡ ଖୋଜିବା ପାଇଁ ନିବେଦନ କରିଥିଲେ। ଡିସେମ୍ବର ୨ ରେ ଅଧ୍ୟକ୍ଷା ରେକର୍ଡ ଫେରାଇବା ସହ ବିଡିଓଙ୍କ ନାମରେ ଗୁଣପୁର ଏସ୍ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ। ଏପରି ରାଜନୀତି ପଶାପାଲିରେ ଗୁଣପୁର ବ୍ଲକ ଛନ୍ଦି ହୋଇଥିବାବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ସଂକ୍ଷେପରେ

### ୧୪ରେ ଗଣଦୌଡ଼

ନବରଙ୍ଗପୁର,୫।୧୨(ବି.ପ୍ର.)- ନବରଙ୍ଗପୁର କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଥିବାବେଳେ ଏହା ପୂର୍ବରୁ ସାଂସ୍କୃତିକ, କ୍ରୀଡ଼ା, ସାହିତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ବିଭାଗରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରମରେ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଫୁଟବଲ, କ୍ରିକେଟ୍ ଓ ବ୍ୟାଟମିଣ୍ଟନ ପ୍ରତିଯୋଗିତା ହେବ। ଫୁଟବଲ ଖେଳ ନବରଙ୍ଗପୁର କଲେଜ ପଡ଼ିଆରେ ଓ ନବରଙ୍ଗପୁର ସାଇନ୍ସ କଲେଜ ପଡ଼ିଆରେ କ୍ରିକେଟ ଖେଳ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଇଣ୍ଡୋର ଷ୍ଟାଡିୟମରେ ବ୍ୟାଟମିଣ୍ଟନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାବ୍ୟତୀତ ୧୪ ତାରିଖ ସକାଳ ସାଢ଼େ ୭ଟା ସମୟରେ ଏକ ଗଣଦୌଡ଼ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ମାଝିଗୁଡା ଛକରେ ପହଞ୍ଚି ପୁଣି ଜଗନ୍ନାଥ ମନ୍ଦିର ଛକକୁ ଫେରିବ। ଏହି ଗଣଦୌଡ଼ରେ ଜିଲାପାଳ ଡ. କମଳଲୋଚନ ମିଶ୍ର, ଏସ୍‌ପି ଏସ୍. ସୁଶ୍ରୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଗଣେଶ ଦାଶ ସୂଚନା ଦେଇଛନ୍ତି।

### ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

କାର ଦୁର୍ଘଟଣାରେ ୪ସାଙ୍ଗଙ୍କ ମୃତ୍ୟୁ ଘଟଣା



ପାପଡାହାଣ୍ଡି,୫।୧୨ (ଡି.ଏନ୍.ଏ.)-ଡାବୁଗାଁ ନିକଟ ସରାଗୁଡା ଛକ ପାଖରେ ଗତ ଶୁକ୍ରବାର ଭାରସାମ୍ୟ ହରାଇ ଏକ ଗଛରେ କାର୍ ପିଟି ହୋଇ ୪ ସାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ପ୍ରଧାନୀଗୁଡାର ଆନସାର ଖାନ ଥିଲେ। ସୋମବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଅନସାରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଦେଇଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସହ ଆର୍ଥିକ ସହାୟତା ଦେବାପାଇଁ ଅନୁରୋଧ କରିବେ ବୋଲି ସେ କହିଛନ୍ତି। ଏମ୍‌ପିଙ୍କ ଏହି ଗସ୍ତବେଳେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ନବରଙ୍ଗପୁର ଜିଲା ବିଜେଡି ଦଳର ସୋସିଆଲ ମିଡିଆ ସଂଯୋଜକ ପରେଶ ଜେନା, ବବଲୁ ଖାନ, ପ୍ରଦୀପ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

### ତେନ୍ତୁଳିଖୁଣ୍ଟି ବ୍ଲକରେ ଗ୍ରାମସଭା

ତେନ୍ତୁଳିଖୁଣ୍ଟି, ୫।୧୨(ସ୍ୱ.ପ୍ର.)- ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଆଦେଶ ପ୍ରକାରେ ସୋମବାର ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ୧୫ ପଞ୍ଚାୟତବାସୀଙ୍କୁ ନେଇ ଲୋକ ଯୋଜନା ଅଭିଯାନରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ଗ୍ରାମସଭା କରାଯାଇଛି। ଗ୍ରାମସଭାରେ ପଞ୍ଚାୟତର ସମସ୍ତ ବିଭାଗର ଆବଶ୍ୟକତା ଅନୁଯାୟୀ ଅନୁଦାନ ସଂଯୋଗୀକରଣ କରି ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ବିଭାଗଗୁଡ଼ିକ ଆବଶ୍ୟକ ଭିତ୍ତିଭୂମି ଉପରେ ଗ୍ରାମସଭାରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ୯ଟି ବିଷୟବସ୍ତୁ ମଧ୍ୟରୁ ଅନ୍ୟୂନ ଗୋଟିଏ ବା ସର୍ବାଧିକ ତିନୋଟି ବିଷୟବସ୍ତୁକୁ ଆପଣାଇ ସଂକଳ୍ପ ଗ୍ରହଣ କରାଯାଇଛି। ସଂକଳ୍ପ ବିଷୟବସ୍ତୁକୁ ପ୍ରାଧାନ୍ୟ ଦିଆଯାଇ ଅନୁଦାନର ପଚାଶ ପ୍ରତିଶତ ଅର୍ଥ ବିନିଯୋଗ ପାଇଁ ପ୍ରାବଧାନ ରଖିବା ସହ ଅନ୍ୟ ବିଷୟବସ୍ତୁରୁ ମଧ୍ୟ ପ୍ରକଳ୍ପ ଚୟନ ପାଇଁ ନିର୍ଦ୍ଦେଶନାମା ପ୍ରକାରେ ନିଷ୍ପତ୍ତି ନିଆଯାଇଛି। ସରପଞ୍ଚମାନେ ନିଜ ପଞ୍ଚାୟତ ପାଇଁ ଅଧକ୍ଷତା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ପରିଚାଳନାରେ ସହଯୋଗ କରିଥିଲେ।

# ମୃତ୍ତିକା ପରୀକ୍ଷା କରି ଚାଷ କରିବାକୁ ଗୁରୁତ୍ୱ

**ବିଶ୍ୱ ମୃତ୍ତିକା ଦିବସ**

ରାୟଗଡ଼ା ଅଫିସ,୫।୧୨

ରାୟଗଡ଼ା ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସୋମବାର ପାଳିତ ହୋଇଯାଇଛି। ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ହୋଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଯୋଗ ଦେଇଥିଲେ। ଏଥିରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜଳଛାୟା ପ୍ରକଳ୍ପ ସହକାରୀ ଯନ୍ତ୍ରୀ ଅନିତା ମହାନ୍ତି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ହାଡ଼ିବନ୍ଧୁ ଭୋଇ, ଜିଲା ମତ୍ସ୍ୟ ଅଧିକାରୀ ଚୂଳାକାନ୍ତି ତାଜନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ରାଜୀବ କୁମାର ଗୁପ୍ତ, ମୃତ୍ତିକା ରସାୟନବିତ୍ ସୁମନ ସିଂହ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ(କୃଷି) ବନ୍ଧୁ ଚରଣ ଜେନା, ସହକାରୀ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍ଏଫ୍ଏଲ୍ ଏବଂ ଇଫ୍‌କୋ ପ୍ରତିନିଧି ମଧ୍ୟ ଏଥିରେ ଯୋଗ ଦେଇଥିଲେ।

ରାୟଗଡ଼ା ବ୍ଲକର ୨୦ ଚାଷୀ, ବିଭିନ୍ନ ସ୍କୁଲରୁ ଆସିଥିବା ୧୫ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, କୃଷି ଓ ଆନୁଷଙ୍ଗିକ କୃଷି ବିଭାଗରେ କାର୍ଯ୍ୟରତ ଅନ୍ୟ କ୍ଷେତ୍ର କର୍ମଚାରୀ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉପସ୍ଥିତ ବକ୍ତାମାନେ ବିଶ୍ୱ ମୃତ୍ତିକା ଦିବସ ପାଳନର ଉଦ୍ଦେଶ୍ୟ, ମାଟିପରୀକ୍ଷା ଅନୁଯାୟୀ ସାର ପ୍ରୟୋଗ, ଜୈବିକ ସାର ପ୍ରୟୋଗ, ସମନ୍ୱିତ ଖାଦ୍ୟସାର ପରିଚାଳନା କରି ଫସଲ ଉତ୍ପାଦନରେ ନିରନ୍ତରତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରଯାଇଥିଲା। କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରଯାଇଥିଲା। ଶେଷରେ ଚାଷୀ ଓ ଛାତ୍ରୀଛାତ୍ର ମୃତ୍ତିକା ପରୀକ୍ଷାଗାରକୁ ଯାଇ ମୃତ୍ତିକା କିପରି ପରୀକ୍ଷା କରାଯାଏ ସେ ବିଷୟରେ ଅବଗତ ହୋଇଥିଲେ।



ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଉଛି ।

# ଆବେଦନର ବର୍ଷେ ପରେ ବି ମିଳୁନି ଜଙ୍ଗଲ ଜମିପଟ୍ଟା



ଅଭିଯୋଗ ଜଣାଇବାକୁ ଆସିଥିବା ଗ୍ରାମବାସୀ।

ରାୟଗଡ଼ା ଅଫିସ,୫।୧୨

ଜମି ନ ଥିବା ଗରିବ ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ ହୋଇଛି ଜଙ୍ଗଲ ଜମିପଟ୍ଟା ଆଇନ। ହେଲେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ମଧ୍ୟ ହିତାଧିକାରୀଙ୍କୁ ପଟ୍ଟା ମିଳୁନାହିଁ। ରାୟଗଡ଼ା ସଦର ବ୍ଲକ ପିତାମହଲ, କୁତୁଲି, ନାକିଟି, ତାଡ଼ମା, ଗୁମ୍ମା ଏବଂ କୁମ୍ଭିକୋଟା ପଞ୍ଚାୟତ ଅନ୍ତର୍ଗତ ୯୦ ଗ୍ରାମର ବାସିନ୍ଦା ଜଙ୍ଗଲ ଜମିପଟ୍ଟାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ, ୬ ପଞ୍ଚାୟତର ହିତାଧିକାରୀ ୨୦୨୧ ରେ ଜଙ୍ଗଲ ଜମିପଟ୍ଟା ପାଇଁ ଆବେଦନ କରିଥିଲେ। ତେବେ ଏ ପର୍ଯ୍ୟନ୍ତ ସେମାନେ ପଟ୍ଟା ପାଇନାହାନ୍ତି। ସେମାନଙ୍କ କହିବା ହେଲା, ଯେଉଁ ଜଙ୍ଗଲ ଜମିରେ ସେମାନେ ଚାଷ କରୁଛନ୍ତି ସେଠାରେ ଚାଷକାମ ଜାରି ରଖିବା ପାଇଁ ଗୋଷ୍ଠୀ ପଟ୍ଟା ନିମନ୍ତେ ଆବେଦନ କରିଥିଲେ। ଏହାପରେ ତହସିଲ ଏବଂ ଆର୍ଆଇ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଯାଇଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଥିବା ସେମାନେ କହିଛନ୍ତି। ଏ ନେଇ ଉପଖଣ୍ଡ ସ୍ତରୀୟ ବୈଠକରେ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଥିଲେ ମଧ୍ୟ ପଟ୍ଟା ମିଳୁ ନ ଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଜମି ପଟ୍ଟା ଆଇନ୍–୨୦୦୬ର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ନେଇ ସମସ୍ତ ଗ୍ରାମର ମୁଖିଆ ଏକତ୍ରିତ ହୋଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ରାଜସ୍ୱ ଏବଂ ବନ ବିଭାଗ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତଶ୍ରୁତି ଦେଇଛନ୍ତି।

### ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା ଅଫିସ,୫।୧୨

ରାୟଗଡ଼ା ସଦର ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ୫୪ ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୪୭ ଟି ବ୍ୟକ୍ତିଗତ ଏବଂ ୭ ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଡିଆର୍‌ଡିଏ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ଭୀମସେନ ଶବର, ଆଇଟିଡିଏ ପିଏ ପଦ୍ମ ଚରଣ ନାଏକ, ସିଡିଏମ୍‌ପିଏଚ୍‌ଓ ଡା. ଲାଲମୋହନ ରାଉତରାୟ, ଏଏସ୍‌ପି ରାମ ପ୍ରସାଦ ସାହୁ, ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଡେପୁଟି କଲେକ୍ଟର ଅନ୍ୱେଷା ଦାଶ, ଜିଲା ଆପତକାଳୀନ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ତାପସ କୁମାର ରାଉତ, ସ୍ଥାନୀୟ ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ୟାଶିର୍ ବିଲଲ ଅହମ୍ମଦଙ୍କଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଗୁଡ଼ିକର ତଦନ୍ତ କରି ଶୀଘ୍ର ସମସ୍ୟାର ସମାଧାନ ନିମନ୍ତେ ଅତିରିକ୍ତ ଜିଲାପାଳ ବେହେରା ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ରାୟଗଡ଼ାର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

### ପାର୍ଲାମେଣ୍ଟ ସେଣ୍ଟ୍ରାଲ ଭବନରେ ଅଭିଭାଷଣ ଦେଇ ପ୍ରଶଂସିତ

ରାୟଗଡ଼ା ଅଫିସ,୫।୧୨

ପାର୍ଲାମେଣ୍ଟ ସେଣ୍ଟ୍ରାଲ ଭବନଠାରେ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ବିଷୟରେ ଅଭିଭାଷଣ ପ୍ରଦାନ ନିମନ୍ତେ ଏନ୍ଏସ୍ଏସ୍ ପକ୍ଷରୁ ଓଡ଼ିଶାରୁ ଜଣେମାତ୍ର ସ୍ୱେଚ୍ଛାସେବୀ ଅକ୍ଷୟ ମିଶ୍ରଙ୍କୁ ଡିସେମ୍ବର ୩ ରେ ନୂଆଦିଲ୍ଲୀ ଯାଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ



ବାଚସ୍ପତି ଓମ୍ ବିର୍ଲା ଯୋଗ ଦେଇଥିଲେ। ଅନ୍ୟ ଏମ୍‌ପିମାନେ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ସୋମବାର ଅକ୍ଷୟ ଦିଲ୍ଲୀରୁ ଫେରିବା ପରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଧ୍ୟକ୍ଷ ପ୍ରସନ୍ନ କୁମାର ଗନ୍ତାୟତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହିସମୟରେ ଏନ୍ଏସ୍ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ସାହୁ, ଭାସ୍କର ଗୁପ୍ତା, କେଶବ ଜାନି, ରସାୟନ ବିଜ୍ଞାନ ମୁଖ୍ୟ ଏ. ଶ୍ରୀନିବାସ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମଧ୍ୟ ଏଥିରେ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଅକ୍ଷୟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୯–୨୦୨୨ ବର୍ଷର ଛାତ୍ର। ସେ ଏନ୍ଏସ୍ଏସ୍‌ର ଜଣେ ଭଲ ସ୍ୱେଚ୍ଛାସେବୀ ଥିଲେ।

# ଅଧିକାରୀଙ୍କୁ ଦାବିପତ୍ର ଦେଲେ ଅଙ୍ଗନୱାଡି କର୍ମୀ

ଉମରକୋଟ, ୫।୧୨(ସ୍ୱ.ପ୍ର.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ନିଜର ୮ଦଫା ସମ୍ବଳିତ ଦାବିପତ୍ର ବିଡିଓ ଏବଂ ସିଡିପିଓଙ୍କୁ ଦେଇଛନ୍ତି। ବିଭିନ୍ନ ଦାବିରେ ଭୁବନେଶ୍ୱରରେ ଅଙ୍ଗନୱାଡି କର୍ମୀମାନେ ୧୪ଦିନ ହେବ ଆନ୍ଦୋଳନ କରୁଥିଲେ ମଧ୍ୟ ସରକାର ଏ ଦିଗରେ ଧ୍ୟାନ ନ ଦେବା ଦୁଃଖଦାୟକ ବୋଲି ସେମାନେ କହିଛନ୍ତି।

ସୋମବାର ଉମରକୋଟ ବ୍ଲକରେ ଥିବା ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଡିଏନ୍‌କେସ୍ଥିତ ଗୋପବନ୍ଧୁ ଛକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ କର୍ମୀମାନଙ୍କ ମାସିକ ବେତନ ୧୮ ହଜାର, ଅବସରକାଳୀନ ଭତ୍ତା ୩ ହଜାର, ଅବସରକାଳୀନ ଗ୍ରାଚ୍ୟୁଇଟି ୨ ଲକ୍ଷ, ସହାୟିକାଙ୍କୁ ମାସିକ ୯ ହଜାର ଟଙ୍କା ଦେବାକୁ ଉଲ୍ଲେଖ ରହିଛି। ଯଦି ଓଡ଼ିଶା ସରକାର ତାଙ୍କର ଦାବି ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ଦିଲ୍ଲୀରେ ଆନ୍ଦୋଳନ କରିବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଫଳରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ତାଲା ଝୁଲୁଛି। ତୁରନ୍ତ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀଙ୍କ ଦାବି ପୂରଣ କରିବାକୁ ବୁଦ୍ଧିଜୀବୀମାନେ କହିଛନ୍ତି।




ସିଡିପିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# ‘ଉତ୍ସାହ’ରେ ଭାଗ ନେଲେ ୧୪୫ ଅନାଥ ଶିଶୁ

ପାପଡାହାଣ୍ଡି,୫।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଲାଲବାହାଦୁର ହାଇସ୍କୁଲରେ ସୋମବାର ଜିଲା ପ୍ରଶାସନ ଓ ୯ଟି ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଉତ୍ସାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସମ୍ମାନିତ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ସୁରେଶ ପଟ୍ଟନାୟକ, ବିଡିଓ ରଞ୍ଜିତା ମଲିକ, ସିଡିପିଓ ଏସ୍.ଗୀତା, ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ ଦିବାକର ବାହୁକ, ଡ଼ିଏସ୍ଏସ୍‌ଓ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାର ୯ଟି ଶିଶୁ ଯତ୍ନ ଅନୁଷ୍ଠାନର ମୋଟ ୧୪୫ ଜଣ ଅନାଥ ଛାତ୍ରୀଛାତ୍ରଙ୍କୁ ନେଇ ୧୦୦, ୨୦୦ମିଟର ଦୌଡ଼, ଫୁଟବଲ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ୟାରେମ, ଚେସ୍ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଓ କିଶୋର ମାର୍ଥା ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଜାହୁଲ ହୁସେନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଖେଳର କୃତି ପ୍ରତିଯୋଗୀଙ୍କୁ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ପୁରସ୍କୃତ କରିଥିଲେ। ବିଜୟୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।




ଜିଲାପାଳ କମଳଲୋଚନ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

### ଉମ୍ଭସରା କଲେଜରେ ଆଲୋଚନାଚକ୍ର

ଗୁଣପୁର,୫।୧୨(ଡି.ଏନ୍.ଏ.)

ଗୁଣପୁର ବ୍ଲକ ଅନ୍ତର୍ଗତ ଉମ୍ଭସରା ଯୁକ୍ତ୨ ମହାବିଦ୍ୟାଳୟରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜନ୍ମବାର୍ଷିକି ପାଳନ ଅବସରରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅଧକ୍ଷ ବିଦ୍ୟାଧର ନାହାକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ସେଷସାୟି ସେନାପତି ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଶାନ୍ତ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅରବିନ୍ଦ ଶିକ୍ଷାକେନ୍ଦ୍ରର ଯୋଗେନ୍ଦ୍ର ନାରାୟଣ ଦେଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୀନକେତନ ସାହୁ ମାନବ ସମାଜକୁ ଶ୍ରୀ ଅରବିନ୍ଦଙ୍କ ଅବଦାନ ବିଷୟରେ କହିଥିଲେ।

# ମହେନ୍ଦ୍ରଗିରି ଦର୍ଶନ ନିଃଶୁଳ୍କ କରାଯାଉ: ଗିରିଧର

ଗୁଣପୁର,୫।୧୨(ଡି.ଏନ୍.ଏ.)

ଗଜପତି ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ମହେନ୍ଦ୍ରଗିରି ଦର୍ଶନ ନିଃଶୁଳ୍କ କରାଯିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଦାବି କରିଛନ୍ତି। ଏ ନେଇ ସେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ତାଙ୍କର ଦାବି ହେଲା, ଏହା ହିନ୍ଦୁ ଲୋକଙ୍କ ପାଇଁ ଏକ ଆସ୍ଥା ଏବଂ ବିଶ୍ୱାସର ସ୍ଥାନ। ଏଠାକୁ ବିଭିନ୍ନ ସମୟରେ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ତେବେ ବିଡ଼ମ୍ବନାର ବିଷୟ ହେଲା ସେମାନଙ୍କ ଠାରୁ ଅଧିକ ଶୁଳ୍କ ସଂଗ୍ରହ କରାଯାଉଛି। ତେଣୁ ଏହା ବନ୍ଦ କରାଯିବା ଦିଗରେ ପଦକ୍ଷେପ ନେବାକୁ ଗମାଙ୍ଗ ଅନୁରୋଧ କରିଛନ୍ତି।

# ଫାଇନାଲରେ ନବରଙ୍ଗପୁର ପୌରପାଳିକା ଦଳ

**ମଣ୍ଡେଇ କପ୍ ଫୁଟବଲ ଟୁର୍ନାମେଣ୍ଟ**

ନବରଙ୍ଗପୁର,୫।୧୨(ବି.ପ୍ର.)

ନବରଙ୍ଗପୁର କଲେଜ ପଡ଼ିଆରେ ଅନୁଷ୍ଠିତ ମଣ୍ଡେଇ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ନବରଙ୍ଗପୁର ପୌରପାଳିକା ଦଳ ଓ ନବରଙ୍ଗପୁର ବ୍ଲକ ଦଳ ପରସ୍ପରକୁ ଭେଟିଥିଲେ। ଖେଳର ଅନ୍ତିମ କ୍ଷଣରେ ପୌରପାଳିକା ଦଳ ବ୍ଲକ ଦଳକୁ ୨–୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳ ଫାଇନାଲରେ ରାଇଘର ଟିମ୍‌କୁ ଭେଟିବ। ମ୍ୟାଚରେ ଅତିଥିଭାବେ ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଜିଲା କ୍ରୀଡ଼ା ସଂଘ ଉପସଭାପତି ଏମ୍. ବାଲା କୃଷ୍ଣା ରାଓ, ସହସମ୍ପାଦକ ମନୋଜ ପଟ୍ଟନାୟକ, ଆଥ୍‌ଲେଟିକ ସମ୍ପାଦକ ଜ୍ୟୋତି ପରିଚ୍ଛା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ପରିଚାଳନାରେ ମନୋରଞ୍ଜନ ପ୍ରହରାଜ, ଜେଡ୍. ହୁସେନ, ଫିରୋଜ ଗାନ୍ଧୀ, ଏସ୍. କେ. ସମୀର, ମନୋଜ ପୂଜାରୀ, ସାଧୁ ସୁମୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ୨ଶହ ମିଟର ଦୂର ଗଲେ ମିଳୁଛି ପିଇବା ପାଣି

- ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା
- ପିଇବା ପାଣି ପାଇଁ ଦୂରକୁ ଯାଉଛନ୍ତି କୋମଳମତି ଶିଶୁ
- ବଢ଼ୁଛି ଦୁର୍ଘଟଣା ଆଶଙ୍କା
- ବାରମ୍ବାର ଦାବି ସତ୍ତ୍ୱେ ପ୍ରଶଶସନ ଶୁଣୁ ନ ଥିବା ଗ୍ରାମବାସୀଙ୍କ ଅଭିଯୋଗ

ନନ୍ଦାହାଣ୍ଡି,୫।୧୨(ଡି.ଏନ୍.ଏ.)

ଛୋଟ ଛୋଟ ଶିଶୁଙ୍କୁ ଉତ୍ତମ ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ପ୍ରାକ୍ ଶିକ୍ଷା ପ୍ରଦାନ ପାଇଁ ସରକାରଙ୍କ ଅଙ୍ଗନୱାଡି ଯୋଜନାର ପରିକଳ୍ପନା। କିନ୍ତୁ ଏହି ଯୋଜନାରେ ବ୍ୟତିକ୍ରମ ଦେଖାଦେଇଛି ଜିଲା ମୁଖ୍ୟାଳୟର ସୀମାବର୍ତ୍ତୀ ଅଞ୍ଚଳରେ। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତରେ ଆଜକୁ ଦଶ ବର୍ଷ ହେବ ଅଙ୍ଗନୱାଡି କେନ୍ଦ୍ର ସ୍ଥାପିତ ହେଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ରଟି ରହିଛି। ପାନୀୟ ଜଳ ଏଠାକାର ଏକ ମୁଖ୍ୟ ସମସ୍ୟା। ଖାଇ ସାରି କୋମଳମତି ଶିଶୁମାନେ ୨୦୦ ମିଟର ଦୂରକୁ ଯାଆନ୍ତି ପିଇବା ପାଣି ପାଇଁ। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଛୋଟ ପିଲାମାନେ ପାଣି ପାଇଁ ଦୂରକୁ ଯାଉଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଆଶଙ୍କା ରହିଛି। ଏପରି ହେଲେ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସେହିଭଳି ଉକ୍ତ କେନ୍ଦ୍ରରେ ପାଚେରି ନ ଥିବା ବେଳେ ଶୌଚାଳୟ ନାମକୁମାତ୍ର ଅଛି। କିନ୍ତୁ ଟାଙ୍କି ନ ଥିବାରୁ ବ୍ୟବହାର ହୋଇ ପାରୁନାହିଁ। ବାରମ୍ବାର ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନି ବୋଲି ସରୋଜ ବାଘ, ପ୍ରଦୀପ ଖୁରା, ଲିଙ୍ଗରାଜ ବିଷୋୟୀ, ନନ୍ଦେଇ ସାନ୍ତାଙ୍କ ସମେତ ବହୁ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ନନ୍ଦାହାଣ୍ଡି ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ପଚାରିବାରୁ ଉକ୍ତ କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବି ବୋଲି କହିଛନ୍ତି ।





ଜର୍ମାନୀର ବର୍ଲିନସ୍ଥିତ ଚାଇନା ଦୂତାବାସ ଆଗରେ ବେଜିଂର କୋଭିଡ୍‌-୧୯ କଟକଣା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ।


ମସ୍କୋର କ୍ରାସ୍‌ନୋଗୋରସ୍କସ୍ଥିତ ସ୍ପୋର୍ଟ୍ସ ଆଣ୍ଡ ପାଟ୍ରିଓଟିକ୍ କ୍ଲବ୍‌ରେ ଜଣେ ଯୁବତୀ ପ୍ରାରମ୍ଭିକ ସାମରିକ ପ୍ରଶିକ୍ଷଣ ନେଉଛନ୍ତି।

# ବଳପୂର୍ବକ ଧର୍ମାନ୍ତରୀକରଣ ସମ୍ବିଧାନ ବିରୋଧୀ

**ନୂଆଦିଲ୍ଲୀ,୫।୧୨**

ବଳପୂର୍ବକ ଧର୍ମାନ୍ତରୀକରଣ ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଏହା ସମ୍ବିଧାନ ବିରୋଧୀ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଭୟ ଦେଖାଇ, ଧମକ ଦେଇ, କିମ୍ବା ଉପହାର ଏବଂ ଆର୍ଥିକ ଫାଇଦାର ପ୍ରଲୋଭନ ଦେଖାଇ କରାଯାଉଥିବା ପ୍ରତାରଣାପୂର୍ଣ୍ଣ ଧର୍ମ ପରିବର୍ତ୍ତନ ରୋକିବା ଦିଗରେ କଠୋର ପଦକ୍ଷେପ ନେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି ବେଳେ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଉପରୋକ୍ତ



ଟିପ୍ପଣୀ ଦେଇଛନ୍ତି। ଏଭଳି ଧର୍ମ ପରିବର୍ତ୍ତନ ସମ୍ପର୍କରେ ରାଜ୍ୟଗୁଡ଼ିକରୁ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କେନ୍ଦ୍ର ସରକାର ଜବାବ ରଖିଥିଲେ। ସବିଶେଷ ତଥ୍ୟ ଉପସ୍ଥାପନ ନିମନ୍ତେ କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ସପ୍ତାହେ ସମୟ ମାଗିଥିଲେ।

ପିଟିଶନର ଶୁଣାଣି ଯୋଗ୍ୟତାକୁ ନେଇ ଜଣେ ଆଇନଜୀବୀ ପ୍ରଶ୍ନ କରିବାରୁ ବେଶୀ ଚାଲାକି ଦେଖାଅ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଆମେ ଏକ ସମାଧାନରେ ପହଞ୍ଚିବାକୁ ଏବଂ ସବୁ କିଛିକୁ ଠିକ୍ ବାଟରେ ନେବା ଲାଗି ଏଠି ବସିଛୁ। ଯଦି ପରୋପକାରର ଉଦ୍ଦେଶ୍ୟ ଭଲ ହୋଇଥାଏ, ତେବେ ସ୍ୱାଗତଯୋଗ୍ୟ। ପରୋପକାରର ଉଦ୍ଦେଶ୍ୟ ଧର୍ମାନ୍ତରୀକରଣ ହେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରା ନଯାଉ, କାରଣ ଏହା ଅତି ଗମ୍ଭୀର ପ୍ରସଙ୍ଗ ଏବଂ ସମ୍ବିଧାନ ବିରୋଧୀ। ଭାରତରେ ରହିବାକୁ ହେଲେ ଏହାର ସଂସ୍କୃତି ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ରେ ହେବ।

# ‘ଇତିହାସ ପୁନଃ ଲିଖନ ପାଇଁ ବସିନାହୁଁ’

**ନୂଆଦିଲ୍ଲୀ,୫।୧୨(ପି.ଟି.)**

ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲ ନିର୍ମାଣକୁ ନେଇ ଇତିହାସରେ ଭୁଲ୍ ତଥ୍ୟ ରହିଥିବା ଅଭିଯୋଗ ହୋଇଛି। ଏହି ଭୁଲ୍ ହଟାଇବା ସହ ଉକ୍ତ କୀର୍ତ୍ତିରାଜିର ବୟସ ନିର୍ଦ୍ଧାରଣ ପାଇଁ ହୋଇଥିବା ଅବେଦନର ବିଚାର କରିବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏ ସମ୍ପର୍କରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ନିକଟରେ ଆବେଦନ କରିବାକୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜନସ୍ୱାର୍ଥ ମାମଲା ଅର୍ଥ ନୁହେଁ ମାମଲା ସହ ଆଦୌ ସମ୍ପୃକ୍ତ ନ ଥିବା ବିଷୟରେ ପ୍ରଶ୍ନ କରିବା। ଆମେ ଏଠାରେ ଇତିହାସର ପୁନଃ ଲିଖନ ପାଇଁ ବସିନାହୁଁ। ଇତିହାସକୁ ଜାରି ରହିବାକୁ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

**ତାଜମହଲର ଭୁଲ୍ ତଥ୍ୟ ହଟାଇବା ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ**

ଇତିହାସ ବହି ଏବଂ ପାଠ୍ୟପୁସ୍ତକରେ ତାଜମହଲ ନିର୍ମାଣକୁ ନେଇ ଭୁଲ ଐତିହାସିକ ତଥ୍ୟ ରହିଥିବା ଅଭିଯୋଗ ଆଣି ଏହାକୁ ହଟାଇଦେବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁର୍‌ଜିତ ସିଂ ଯାଦବ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ତାଜମହଲର ବୟସ ସମ୍ପର୍କରେ ତଦନ୍ତ କରିବା ଲାଗି ଏଏସ୍ଆଇକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ପିଟିଶନରେ ଅନୁରୋଧ କରାଯାଇଥିଲା। ମୋଗଲ ସମ୍ରାଟ ଶାହାଜାହାନ ତାଙ୍କ ସ୍ତ୍ରୀ ମମତାଜ ମହଲଙ୍କ ସ୍ମୃତିରେ ଏହି ଶୌଧ ନିର୍ମାଣ କରିବା ପୂର୍ବରୁ ସେଠାରେ ବିଶାଳ ଶୌଧ ରହିଥିଲା ବୋଲି ଆବେଦନକାରୀ ତାଙ୍କ ଗବେଷଣାରୁ ଜାଣିବାକୁ ପାଇଥିବା କହିଥିଲେ।



# ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପରମାତ୍ମା ଘୋଷଣା ଆବେଦନ ଖାରଜ

**ନୂଆଦିଲ୍ଲୀ,୫।୧୨(ଆଇଏଏନ୍ଏସ୍)**

ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ‘ପରମାତ୍ମା’ ଘୋଷଣା କରିବା ଲାଗି ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ ସର୍ବୋଚ୍ଚ ଅଦାଲତ ୧ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ



ପ୍ରତ୍ୟେକଙ୍କୁ ସେମାନଙ୍କ ଧର୍ମ ପାଳନ କରିବାର ପୂର୍ଣ୍ଣ ଅଧିକାର ରହିଛି ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ତାଙ୍କ ପିଟିଶନରେ ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭାରତୀୟ ଜନତା ପାର୍ଟି (ଭାଜପା), ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ’ ବୋର୍ଡ, ନ୍ୟାଶନାଲ ଖ୍ରୀଷ୍ଟିଆନ କାଉନ୍‌ସିଲ, ରାମକ୍ରିଷ୍ଣ ମଠ, ଗୁରୁଦ୍ୱାରା ବଙ୍ଗଳା ସାହିବ, ଶ୍ରୀପାଲାନପୁରୀ ସ୍ଥାନକ୍ୱାସି ଜୈନ ଆସୋସିଏଶନ, ବୁଦ୍ଧିଷ୍ଟ ସୋସାଇଟି ଅଫ୍ ଇଣ୍ଡିଆ ଆଦିଙ୍କୁ ପକ୍ଷ କରିଥିଲେ। ସମସ୍ତେ ଗୋଟିଏ ଧର୍ମ ପାଳନ କରନ୍ତୁ ବୋଲି ତୁମେ କହିପାରିବ ନାହିଁ ବୋଲି ଖଣ୍ଡପୀଠ ଆବେଦନକାରୀ ଉପେନ୍ଦ୍ର ନାଥ ଦଳାଇଙ୍କୁ କହିଥିଲେ। ଏହା ପ୍ରଚାରଧର୍ମୀ ମାମଲା କହି ଖଣ୍ଡପୀଠ ଖାରଜ କରିଦେବା ସହ ତୁମେ ଚାହିଁଲେ ଅନୁକୂଳଚନ୍ଦ୍ରଙ୍କୁ ପରମାତ୍ମା ବିବେଚନା କରିପାର, କିନ୍ତୁ ଅନ୍ୟ ଉପରେ ଲଦିଦେଇପାରିବ ନାହିଁ ବୋଲି କହିଥିଲେ।

# ଭାରତ-ଜର୍ମାନୀ ଗତିଶୀଳତା ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ,୫।୧୨**

ଭାରତ ଏବଂ ଜର୍ମାନୀ ମଧ୍ୟରେ ସୋମବାର ଗତିଶୀଳତା ସହଯୋଗିତା ଚୁକ୍ତି ସ୍ୱାକ୍ଷର ହୋଇଛି। ଏଥିସହିତ ୟୁକ୍ରେନ୍ ଯୁଦ୍ଧ, ଆଫଗାନିସ୍ତାନ ସ୍ଥିତି ଏବଂ ପାକିସ୍ତାନରୁ ସୀମାପାର ଆତଙ୍କବାଦ ଆଦି ପ୍ରମୁଖ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ତାଙ୍କ ଜର୍ମାନୀ ପ୍ରତିପକ୍ଷ ଆନ୍ନାଲେନା ବଏରବକ୍ ଆଲୋଚନା କରିଥିଲେ। ମୋବିଲିଟି ଚୁକ୍ତିନାମା ବଳରେ ଦୁଇ ଦେଶର ଲୋକେ ପରସ୍ପର ଦେଶକୁ ସହଜରେ ଯାଇ ଅଧ୍ୟୟନ, ଗବେଷଣା ଓ କାର୍ଯ୍ୟ କରିପାରିବେ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିର ଏହା ଏକ ବଳିଷ୍ଠ ସଙ୍କେତ ବୋଲି ଜୟଶଙ୍କର କହିଛନ୍ତି। ରୁଷିଆରୁ ଭାରତ ଅଶୋଧିତ ତୈଳ ଆମଦାନି


ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଜର୍ମାନୀ ପ୍ରତିପକ୍ଷ ଆନ୍ନାଲେନା ବଏରବକ୍।

କରିବାକୁ ଜୟଶଙ୍କର ଦୃଢ଼ ସମର୍ଥନ କରିଥିଲେ। ଏହା ମୁଖ୍ୟତଃ ବଜାର ଶକ୍ତି ଦ୍ୱାରା ପରିଚାଳିତ ବୋଲି ସେ କହିଥିଲେ। ଶକ୍ତି, ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ୨ ଦିନିଆ ଭାରତ ଗସ୍ତରେ ଆସିଛନ୍ତି।

# ଜି୨୦ ଲୋଗୋରେ ରହୁ ଭିନ୍ନ ପ୍ରତୀକ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

**ସମିଟ୍ ରଣନୀତି ଲାଗି ସର୍ବଦଳୀୟ ବୈଠକ**

**ପଦ୍ମକୁ ନେଇ ଆପତ୍ତି ଉଠାଇଲେ ମମତା**

୨୦୨୩ ବର୍ଷ ଲାଗି ଭାରତ ଜି୨୦ ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛି। ଆସନ୍ତା ବର୍ଷ ହେବାକୁ ଥିବା ଜି୨୦ ସମିଟ୍ ଲାଗି ରଣନୀତି ପ୍ରସ୍ତୁତି ନିମନ୍ତେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ଟାମାଙ୍ଗ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସମେତ ବିଭିନ୍ନ ଦଳର ନେତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ା, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରାବାବୁ ନାଇଡୁ ପ୍ରମୁଖ। ସେହିପରି ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଥିଲେ। ଜି୨୦ ଲୋଗୋରେ ଥିବା ପଦ୍ମ ଭାଜପାର ନିର୍ବାଚନୀ ସଙ୍କେତ ହୋଇଥିବାରୁ ଏହାକୁ ନେଇ ମମତା ଆପତ୍ତି ଉଠାଇଛନ୍ତି। ପଦ୍ମକୁ ହଟାଇ ଅନ୍ୟ କୌଣସି ଜାତୀୟ ପ୍ରତୀକ ଲୋଗୋରେ ରଖିବାକୁ ସେ ଦାବି କରିଛନ୍ତି। ପ୍ରକାଶଯେ, ଆସନ୍ତାବର୍ଷ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଜି୨୦ ନେତାମାନଙ୍କ ସମ୍ମିଟ୍ ଅନୁଷ୍ଠିତ ହେବ।

# ବର୍ଷକୁ ୬୪,୦୦୦ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ

## ଚାଇନାରେ ବଢୁଛି ବାୟୁ ପ୍ରଦୂଷଣ

**ବେଜିଂ, ୫।୧୨**

ପ୍ରଦୂଷିତ ବାୟୁରେ ଥିବା କ୍ଷୁଦ୍ର କଣିକା ଚାଇନାରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି। ସାଇଣ୍ଟିଫିକ୍ ଜର୍ନାଲ ନେଚର କମ୍ୟୁନିକେଶନରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁସାରେ, ବାୟୁ ପ୍ରଦୂଷଣ କାରଣରୁ ଚାଇନାରେ ପ୍ରତିବର୍ଷ ୬୪,୦୦୦ ଗର୍ଭସ୍ଥ ଶିଶୁଙ୍କ ପ୍ରାଣହାନି ଘଟୁଛି। ଦୂଷିତ ବାୟୁରେ ଉପସ୍ଥିତ କ୍ଷୁଦ୍ର କଣିକାର ଆକାର ୨.୫ ମାଇକ୍ରୋନ୍‌ରୁ କମ୍। ଏହି କ୍ଷୁଦ୍ର କଣିକା ପ୍ଲାସେଣ୍ଟା ମଧ୍ୟ ଦେଇ ଗର୍ଭବତୀ ମହିଳାଙ୍କ ଗର୍ଭାଶୟରେ ପ୍ରବେଶ କରିବା ଦ୍ୱାରା ଶିଶୁର ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ। ଏ



କାରଣରୁ ସେମାନଙ୍କ ମୃତ୍ୟୁ ଘଟୁଥିବା ଷ୍ଟଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ତେବେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଶଗୁଡ଼ିକ ମଧ୍ୟରେ ଚାଇନା ଚତୁର୍ଥ ସ୍ଥାନରେ ରହିଥିବାବେଳେ ଭାରତ, ପାକିସ୍ତାନ ଏବଂ ନାଇଜେରିଆ ଆଗରେ ଅଛନ୍ତି। ଚାଇନା ବ୍ୟତୀତ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ୯୮% ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ୨୦୧୫ରେ ପ୍ରକାଶିତ ରିପୋର୍ଟ ମୁତାବକ ଲାଟିନ୍ ଆମେରିକା, ଏସିଆ ଏବଂ ଆଫ୍ରିକାରେ ୪୦% ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଦେଶରେ ବାୟୁ ପ୍ରଦୂଷଣ ମାତ୍ରାକୁ କମାଇବା ପାଇଁ ସରକାର ୧୦ ବର୍ଷ ଧରି ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଶ୍ୱର ୧୩୭ ଦେଶରେ ବାୟୁ ପ୍ରଦୂଷଣ କମିଥିବା ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଗତ ୨ ବର୍ଷ ତୁଳନାରେ ଚାଇନାରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ୧୧% ବୃଦ୍ଧି ଘଟିଛି। ତେବେ ଦେଶରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁକୁ ରୋକିବା ଲାଗି ଏୟାର୍ ପଲ୍ୟୁଶନ୍ ରୋକାଯିବା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଚାଇନା ପେକିଂ ୟୁନିଭର୍ସିଟିର ଗବେଷକ ଜୁଇ ଟାଓ କହିଛନ୍ତି।

# ସିଙ୍ଗାପୁରରେ ଲାଲୁଙ୍କ କିଡ୍‌ନୀ ଅସ୍ତ୍ରୋପଚାର

**ପାଟନା,୫।୧୨**

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ କିଡ୍‌ନୀ ଅସ୍ତ୍ରୋପଚାର ସୋମବାର ସିଙ୍ଗାପୁରରେ ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏନେଇ ସୂଚନା ଦେଇଛନ୍ତି। ୭୪ ବର୍ଷୀୟ ଲାଲୁ ଏବଂ ତାଙ୍କୁ କିଡ୍‌ନୀ ଦେଇଥିବା ବଡ଼ ଝିଅ ରୋହିଣୀ ଆଚାର୍ଯ୍ୟ ଉଭୟ ଅସ୍ତ୍ରୋପଚାର ପରେ ସୁସ୍ଥ ଥିବା ତେଜସ୍ୱୀ କହିଛନ୍ତି। ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ସମସ୍ତଙ୍କୁ ତେଜସ୍ୱୀ କୃତଜ୍ଞତା ଜଣାଇବା ସହ ହସ୍ପିଟାଲରୁ ବାପାଙ୍କର ଏକ ଭିଡିଓ ଶେୟାର କରିଛନ୍ତି।


ଅସ୍ତ୍ରୋପଚାର ପରେ ବଡ଼ଝିଅ ରୋହିଣୀ ଆଚାର୍ଯ୍ୟଙ୍କ ସହ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ।

## ସଂକ୍ଷେପରେ

### ଶୀତ ଅଧିବେଶନ ପାଇଁ ଆଜି ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୫।୧୨:** ପାର୍ଲାମେଣ୍ଟର ଶୀତ ଅଧିବେଶନ ୭ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ଅଧିବେଶନ କାର୍ଯ୍ୟସୂଚୀ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏହା ବ୍ୟତୀତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ସନ୍ଧ୍ୟାରେ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ଅଧ୍ୟକ୍ଷତା କରିବେ। ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଡାକିବା ପରିବର୍ତ୍ତେ ବାଚସ୍ପତି ପ୍ରଥମ ଥର ପାଇଁ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକ ଡାକିଛନ୍ତି। ଶୀତ ଅଧିବେଶନରେ ୧୬ଟି ନୂଆ ବିଲ୍ ଆଣିବା ଲାଗି ସରକାର ଗତ ସପ୍ତାହରେ ତାଲିକାଭୁକ୍ତ କରିଥିଲେ। ସର୍ବଦଳୀୟ ବୈଠକ ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବିଭିନ୍ନ ଦଳର ଗୃହ ନେତାଙ୍କୁ ଆମନ୍ତ୍ରଣ କରିଛନ୍ତି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇପାରନ୍ତି।

### ବିଦ୍ୟୁତ୍ କାଟ୍: ମେଡିକାଲରେ ଆଖିବୁଜିଲେ ୪ ଶିଶୁ

**ରାୟପୁର,୫।୧୨:** ଛତିଶଗଡ଼ର ସୁରଗୁଜାସ୍ଥିତ ଅମ୍ବିକାପୁର ସରକାରୀ ମେଡିକାଲ କଲେଜରେ ଶନିବାର ବିଳମ୍ବିତ ରାତିରେ ବିଜୁଳି ଚାଲିଯିବାରୁ ଭେଣ୍ଟିଲେଟର ଏବଂ ଅକ୍ସିଜେନ୍ ସପୋର୍ଟ ସିଷ୍ଟମ୍ ଅଚଳ ହୋଇଯାଇଥିଲା। ଫଳରେ ମେଡିକାଲର ସ୍ୱତନ୍ତ୍ର ନ୍ୟୁବର୍ନ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ୪ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୨ରୁ ୩୬ ଦିନ ମଧ୍ୟରେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ସିଂଦେଓ ମେଡିକାଲ କଲେଜରେ ପହଞ୍ଚି ମୃତ୍ୟୁର କାରଣ ସମ୍ପର୍କରେ ଜାଣିବା ପାଇଁ ଡାକ୍ତରଙ୍କ ସହ କଥା ହୋଇଛନ୍ତି। ବିଦ୍ୟୁତ୍ ସରବରାହରେ ବ୍ୟାଘାତ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ନେପାଳରେ ସରକାର ଗଠନ ପାଇଁ ଶାସକ ମେଣ୍ଟର ବୈଠକ

**କାଠମାଣ୍ଡୁ,୫।୧୨:** ନେପାଳରେ ୫ ଦଳକୁ ନେଇ ଗଠିତ ଶାସକ ମେଣ୍ଟ ପୁନର୍ବାର କ୍ଷମତା ଦଖଲ ଦିଗରେ ଅଗ୍ରସର ହୋଇଛି। ନଭେମ୍ବର ୨୦ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସଫଳତା ମିଳିବା ପରେ ନୂଆ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କ ସରକାରୀ ବାସଭବନରେ ମେଣ୍ଟ ନେତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ନେପାଳୀ କଂଗ୍ରେସ (ଏନ୍‌ସି) ମୁଖ୍ୟ ଦେଉବା, ବରିଷ୍ଠ ନେତା ରାମଚନ୍ଦ୍ର ପଉଡେଲ, ଉପାଧ୍ୟକ୍ଷ ପୂର୍ଣ୍ଣ ବାହାଦୁର ଖଡ୍‌କା, ସିପିଏନ୍ (ମାଓଇଷ୍ଟ ସେଣ୍ଟର) ଅଧ୍ୟକ୍ଷ ପୁଷ୍ପ କମଳ ଦହଲ ‘ପ୍ରଚଣ୍ଡ’, ସିନିୟର ଭାଇସ୍-ଚେୟାରମ୍ୟାନ୍ ନାରାୟଣ କାଜି ଶ୍ରେଷ୍ଠ, ସିପିଏନ୍ (ୟୁନିଫାଏଡ୍ ସୋସିଆଲିଷ୍ଟ) ଅଧ୍ୟକ୍ଷ ମାଧବ ନେପାଳ ଏବଂ ରାଷ୍ଟ୍ରୀୟ ଜନମୋର୍ଚ୍ଚା ଉପାଧ୍ୟକ୍ଷ ଦୁର୍ଗା ପଉଡେଲ ଉପସ୍ଥିତ ଥିଲେ। ୧୬୫ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ୯୦ ଆସନ ଶାସକ ମେଣ୍ଟ ଦଖଲ କରିଛି। ତେଣୁ ଦେଶବାସୀ ସେମାନଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଥିବା ମିଳିତ ବୈଠକରେ ଆଲୋଚନା ହୋଇଛି। ବୈଠକ ପରେ ଏକ ମିଳିତ ବିବୃତି ଜାରି କରାଯାଇଛି। ଦେଶ ଆଗରେ ଥିବା ସବୁ ପ୍ରକାର ଆହ୍ୱାନକୁ ସାମ୍ନା କରିବା ପାଇଁ ମେଣ୍ଟ ପ୍ରସ୍ତୁତ ଥିବା ଏଥିରେ କୁହାଯାଇଛି। ବୈଠକରେ ମୁଖ୍ୟତଃ କ୍ଷମତା ଭାଗବଣ୍ଟା ଓ ସରକାର ଗଠନ ସମ୍ପର୍କରେ ଆଲୋଚନା ହୋଇଥିବା ବରିଷ୍ଠ ଏନ୍‌ସି ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରକାଶ ମାନ୍ ସିଂ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆଉଟଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ସାଢ଼େ ୩ କୋଟି

କୋରାପୁଟ,୫।୧୨(ସ୍ୱ.ପ୍ର)-ଦୀର୍ଘ ଦିନର ଦାବିପରେ କୋରାପୁଟରେ ନିର୍ମାଣ ହେବାକୁ ଯାଉଛି ଆଉଟଡୋର ସ୍ପୋର୍ଟସ କମ୍ପ୍ଲେକ୍ସ। କୋରାପୁଟ ଷ୍ଟାଡିୟମଠାରେ ଏହି ଆଉଟଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସାଢେ ୩ କୋଟି ଟଙ୍କା ମଞ୍ଜୁର କରିଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୋମବର କହିଛନ୍ତି। ଏଥିରେ ଫୁଟବଲ, ଆଥ୍‌ଲେଟିକ ପଡିଆ ହେବା ସହ ତାଲିମଲାଗି ଗୃହ ନିର୍ମାଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି ଅର୍ଥ ମଞ୍ଜୁର ପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ୫-ଟି ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାଦ୍ୱାରା ଜିଲାର କ୍ରୀଡବିତ୍‌ମାନେ ଉପକୃତ ହେବା ସହ ସେମାନେ ତାଲିମ ନେଇ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି। ସେହିପରି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ତାଙ୍କ ପ୍ରତିକ୍ରିୟାରେ କୋରାପୁଟଠାରେ ଏକ ଆଉଟଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ନେଇ ସରକାର ଅର୍ଥ ମଞ୍ଜୁର କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଆବଶ୍ୟକ ପଡିଲେ ଆହୁରି ଅର୍ଥ ସେ ଏମ୍‌ପିଙ୍କ ପାଣ୍ଠିରୁ ଯୋଗାଇ ଦେବେ ବୋଲି କହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ମୁନିଗୁଡ଼ା,୫।୧୨(ଡି.ଏନ୍.ଏ.)-ମୁନିଗୁଡ଼ା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ବୈଜୟନ୍ତୀ ଦାସ(୫୦)ଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୋମବାର ତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାତୃପ୍ରସାଦ ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ଖବରଦାତା ବିଜୟ ପ୍ରସାଦ ଉଲାକା, ମୁନିଗୁଡ଼ା ଯୁକ୍ତ ୨ ମହାବିଦ୍ୟାଳୟର କ୍ରୀଡ଼ା ଅଧାପକ ଚତୁର୍ଭୁଜ ବଞ୍ଚର ଉପସ୍ଥିତ ଥିଲେ। ସମସ୍ତ ଗୁରୁମା, ଗୁରୁଜୀ ଏବଂ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# କଙ୍ଗ୍ରାରୁ ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ

ତେନ୍ତୁଳିଖୁଣ୍ଟି, ୫।୧୨(ଡି.ଏନ୍.ଏ.)



ତେନ୍ତୁଳିଖୁଣ୍ଟି ବ୍ଲକର କଙ୍ଗ୍ରାଠାରୁ ଲକଡୀ ପଲା ଦେଇ ଆଦର୍ଶ ବିଦ୍ୟାଳୟ ରାସ୍ତା ତିଆରି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କଙ୍ଗ୍ରାରୁ ଆଦର୍ଶ ବିଦ୍ୟାଳୟ ୪କିମି ରାସ୍ତାର ପିଚୁ ସମ୍ପୂର୍ଣ୍ଣ ଉଠିଯାଇ ମେଟାଲ ଦେଖାଦେଉଛି। ରାସ୍ତା ଖଲଢ଼ିପ ହୋଇ ରହିଛି। ଏହି ରାସ୍ତା ଦେଇ କଂଗ୍ରା, ଲକଡୀପଲା, କନ୍ଦଗୁଡା, ଜାନୀଗୁଡା, ଉମରି ଗ୍ରାମବାସୀ ଅଞ୍ଚଳଗୁମ୍ଫାର ବ୍ୟାଙ୍କ, ସମବାୟ ବ୍ୟାଙ୍କ, ବ୍ଲକ, ଥାନା, ତହସିଲ ଅଫିସକୁ ଯାଆନ୍ତି। ଏଥିସହ କଂଗରା, କନ୍ଦଗୁଡ଼ା, ଲକଡୀପଲା ଗ୍ରାମର ଚାଷୀମାନେ ଶୁକ୍ରବାର, ଶନିବାର, ମଙ୍ଗଳବାର ହାଟକୁ ଫସଲ ଆଣିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ମରାମତି କରିବାକୁ ରଘୁନାଥ ମାଝି, ପ୍ରଫୁଲ୍ଲ ମାଝି, ଦେବେନ୍ଦ୍ର ହରିଜନ, ଅଶୋକ ବିଷୋୟୀ ଦାବି କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରୋଶନଙ୍କୁ ପଚରିବାରୁ ଏହି ରାସ୍ତା ମରାମତି ପ୍ରସ୍ତାବ ପଠାଯାଇଛି। ଶୀଘ୍ର କାମ କରାଯିବ ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ସରଗିଫୁଲ୍‌ରେ ମୁନିଗୁଡ଼ା ଛାତ୍ରୀଙ୍କ ସଫଳତା

ମୁନିଗୁଡ଼ା,୫।୧୨(ଡି.ଏନ୍.ଏ.)



ରାୟଗଡ଼ା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସରଗିଫୁଲ୍ କାର୍ଯ୍ୟକ୍ରମରେ ମୁନିଗୁଡ଼ାର ଛାତ୍ରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ମୁନିଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଆଦିବାସୀ ଲୋକନୃତ୍ୟ ପ୍ରତିଯୋଗିତାରେ ଦଳଗତ ଓ ଏକକ ନୃତ୍ୟରେ ଭାଗନେଇ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ଏବଂ ମୁନିଗୁଡ଼ା ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଛାତ୍ରୀଙ୍କ ଚିତାକର୍ଷକ ନୃତ୍ୟ ଦର୍ଶକ ଏବଂ ବିଚାରକ ମଣ୍ଡଳୀଙ୍କ ମନ ମୋହିଥିଲା। ଫଳରେ ସେମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ଏହା ଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ବୋଲି ମୁନିଗୁଡ଼ା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁ କହିବା ସହ ଖୁସି ପ୍ରକାଶ କରିଛନ୍ତି। ଏଥିସହ ସ୍କୁଲର ହିନ୍ଦୀ ଶିକ୍ଷକ ଅରୁଣ ସାହୁ, ଶିକ୍ଷୟିତ୍ରୀ ଅନୁପମା ବେହେରା, ଗାଇଡ୍ ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ମେଟ୍ରନ୍ ଦେବସ୍ମିତା ପ୍ରଧାନ ଛାତ୍ରୀମାନଙ୍କୁ ସହାୟତା କରିଥିବା କହିଥିଲେ। ରାଜ୍ୟସ୍ତରରେ ମଧ୍ୟ ଛାତ୍ରୀମାନଙ୍କ ସଫଳତା ନେଇ ଶୁଭକାମନା ଜଣାଇଛନ୍ତି।

# ବିଭିନ୍ନ ଦାବି ନେଇ ଆଶାକର୍ମୀ ସଂଘର ଆନ୍ଦୋଳନ

ଗୁଣପୁର,୫।୧୨(ଡି.ଏନ୍.ଏ.)

ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଡାକରା କ୍ରମେ ରାଜ୍ୟ ବ୍ୟାପୀ ଆଶାକର୍ମୀଙ୍କ ଆନ୍ଦୋଳନ ଚାଲିଛି। ଏହି କ୍ରମରେ ରାୟଗଡ଼ା ଜିଲା ଗୁଣପୁରଠାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ୨୯ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଯାଇ ଆନ୍ଦୋଳନରେ ଯୋଗଦେବା ପରେ ୧ ତାରିଖଠାରୁ ଜିଲାର ଅନ୍ୟ ସ୍ଥାନରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏହିକ୍ରମରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆଶାକର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯିବା, ଜିଲାର ବିଭିନ୍ନ ସିଏସ୍‌ସି, ପିଏସ୍‌ସିରେ ଆଶାମାନଙ୍କ ନିମନ୍ତେ ବିଶ୍ରାମ ଗୃହ ନିର୍ମାଣ, ଆଶାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ସହ ମେଡିକାଲ କର୍ମଚାରୀଙ୍କ ଦୁର୍ବ୍ୟବହାର ବନ୍ଦ କରାଯିବା, ଆଶାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଦରମା, ସରକାରୀ ମାନ୍ୟତା ନମିଳିବା ପର୍ଯ୍ୟନ୍ତ ଅବସର ନେଉଥିବା ଆଶାକର୍ମୀଙ୍କୁ ଏକ କାଳୀନ ୫ଲକ୍ଷ ଟଙ୍କା ଓ ମାସିକ ଭତ୍ତା ବାବଦରେ ୫ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବା ଆଶାକର୍ମୀମାନଙ୍କୁ ମୃତ୍ୟୁକାଳୀନ ସହାୟତ ୫ ଲକ୍ଷ ପ୍ରଦାନ ସହ ପରିବାରର ଜଣଙ୍କୁ ନିଯୁକ୍ତି ସେମାନେ ଦାବି କରିଛନ୍ତି। କୋଭିଡ ସମୟରେ ପ୍ରାଣ ହରାଇଥିବା ଆଶା କର୍ମୀଙ୍କୁ ସରକାର ଘୋଷଣା କରିଥିବା ରାଶି ପ୍ରଦାନ, ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ଏଏନ୍‌ଏମ୍ ଭାବେ ନେବା, ସାମାଜିକ ସୁରକ୍ଷାରେ ସାମିଲ କରିବା ସହ ଗ୍ରୁପ ବୀମା ପ୍ରଦାନ ଏପରି ୧୦ ଦାଫା ଦାବି ନେଇ ଆନ୍ଦୋଳନ ଆରମ୍ଭ କରାଯାଇଛି। ଗୁଣପୁର ବ୍ଲକ ସଭାନେତ୍ରୀ ଜୟନ୍ତୀ ନାୟକ, ସମ୍ପାଦିକା ଭାଗ୍ୟବତୀ ଗୌଡ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଛି।


ଧାରଣାରେ ବସିଥିବା ଆଶାକର୍ମୀମାନେ।

# ୩୨ ଅଭିଯୋଗ ଶୁଣିଲେ ଜିଲାପାଳ

କୋରାପୁଟ,୫।୧୨(ସ୍ୱ.ପ୍ର)

କୋରାପୁଟ ଡିଆରଡିଏ ସଦଭାବନା ସମ୍ମିଳନୀ ସଭା ଗୃହରେ ସୋମବାର ଜିଲାପାଳଙ୍କ ୩୨ଟି ଅଭିଯୋଗର ଶୁଣାଣି କରିଛନ୍ତି। ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାସ୍ତା, ସ୍ୱାସ୍ଥ୍ୟସେବା, ଶିକ୍ଷା, ପରିବହନ, ପାନୀୟ ଜଳ ଆଦି ବିଭିନ୍ନ ମୌଳିକ ସୁବିଧା ପ୍ରଦାନ, ଭାରତମାଳା ରାସ୍ତା ନେଇ ଆବଶ୍ୟକ କ୍ଷତିପୂରଣ ନେଇ ୧୪ ବ୍ଲକ ଓ ୪ ପୌରାଞ୍ଚଳରୁ ବହୁ ବ୍ୟକ୍ତି ଓ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରଭ ଶିବାଜୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚକୁଣ୍ଡୀୟ ଗୀତା ଜୟନ୍ତୀ ଉଦ୍‌ଯାପିତ

ଗୁଣପୁର,୫।୧୨(ଡି.ଏନ୍.ଏ.)

ଗୁଣପୁର ବ୍ଲକ୍ ତମ୍ପସରା ପଞ୍ଚାୟତର କାନ୍ତାରିଗୁଡ଼ାଠାରେ ଦୁଇଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ଗୀତା ଜୟନ୍ତି ତଥା ପଞ୍ଚ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନାମଯଜ୍ଞ ସହ ପ୍ରବଚନ, ଘୃତଯଜ୍ଞ, ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଟିଟିମିରି କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ବୁଡ଼ ଶବର ଅଧ୍ୟକ୍ଷତା କରିଥିଲେ। ଏଥିରେ ଟିଟିମିରି କେନ୍ଦ୍ର ଅଧୀନ ୨୫ ସତ୍‌ସଙ୍ଗ ମଣ୍ଡଳୀ ଭାଗ ନେଇଥିଲେ।

କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ମହେନ୍ଦ୍ରଗିରିର ସ୍ୱାମୀ ଭାସ୍କର ତୀର୍ଥ ମହାରାଜ ଯୋଗ ଦେଇଥିବାବେଳେ ଆଦିତ୍ୟ ବାହିନୀର ରାଜ୍ୟ ଉପସଭାପତି ତ୍ରିପତି ମହାନ୍ତି, ଜିଲା ସଭାପତି ସୁଦର୍ଶନ ଗମାଙ୍ଗ, ଶବର ସମାଜର ସର୍ବୋଚ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ, ସହ ସମ୍ପାଦକ ଶାନ୍ତି ମଣ୍ଡଳ, ସଭାପତି ଝାମ୍ପୁରା ରଇତ, ସମ୍ପାଦକ କୃଷ୍ଣ ଶବର, ଉଦ୍ଧବ ଗମାଙ୍ଗ, ସାଧାରଣ ସମ୍ପାଦକ ବନମାଳି ଶବର, ବିଶ୍ୱହିନ୍ଦୁ ପରିଷଦର ଗୋପାଳକୃଷ୍ଣ ଦେଓପାତ୍ର, ସତ୍‌ସଙ୍ଗ ପ୍ରମୁଖ ନରସିଂହ ପଟ୍ଟନାୟକ, ଅଦ୍ୱୈତ ବେଦାନ୍ତ ଆଶ୍ରମର ନଳିନୀ ମହାନ୍ତି, ବିବେକାନନ୍ଦ କନ୍ୟାକୁମାରୀ ଶାଖା ଦକ୍ଷିଣ ଓଡ଼ିଶା ସଙ୍ଗଠିକା ନିଳାକ୍ଷୀ ଦିଦି, ଗୁଣପୁର ଶାଖାର ପ୍ରତିଭା ରଥ, ଆର୍‌ଏସ୍‌ଏସ୍‌ର ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ଗୀତା ଜୟନ୍ତି ପାଳନ ହୋଇଥିଲା। ଏଥିରେ ମହେନ୍ଦ୍ରଗିରି ଆଶ୍ରମର ସ୍ୱାମୀ ଭାସ୍କର ତୀର୍ଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ୱାମୀ ନିର୍ବାଣ ନନ୍ଦଗିରି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟିର କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ସନ୍ତୋଷୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ଗୀତା ଜୟନ୍ତି ବିଷୟରେ କହିଥିଲେ।



# ଓଏପିଏଫ୍ ଯବାନଙ୍କ ଝୁଲନ୍ତା ମୃତଦେହ

ଗୋଲାମୁଣ୍ଡା,୫।୧୨(ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ପରିସରରେ ଥିବା ଷ୍ଟାଫ କ୍ୱାର୍ଟରରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଦଶପୁର ଫାଣ୍ଡିର ଓଏପିଏଫ ଯବାନ ଦେବରାଜ ନାୟକ (୩୨)। ମୃତକଙ୍କ ଘର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ଅଞ୍ଚଳର ବୋଲି ଜଣାପଡିଛି। ଘଟଣାସ୍ଥଳରେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ କୁମାର ଚୋପଦାର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛି। ନନ୍ଦାହାଣ୍ଡିରୁ ପରିବାରବର୍ଗ ପହଞ୍ଚିବା ପରେ ପୋଲିସ ଉକ୍ତ ଘର ଖୋଲି ମୃତଦେହ ଜବତ କରିଛି। ଅନ୍ୟପଟେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ଯବାନଙ୍କ ସ୍ତ୍ରୀ ଭାରତୀ ଭଦ୍ରା ତାଙ୍କ ସ୍ୱାମୀଙ୍କ ସହିତ ରାତି ୧୧ଟାରେ କଥା ହୋଇଥିଲି ଓ ସେ ଏକଦମ ଠିକ ଥିଲେ। କିଛି ଅସୁବିଧା ଥିଲେ ନିଶ୍ଚିତ କହିଥାନ୍ତେ, ସେ କାହିଁକି ଆତ୍ମହତ୍ୟା କରିବେ। ଆତ୍ମହତ୍ୟା କରିବାର କୌଣସି କାରଣ ନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ପରିବାର ଲୋକେ। ପୋଲିସ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଘଟଣାର ସବୁ ଦିଗକୁ ଦେଖି ତଦନ୍ତ କରାଯାଉଛି ବୋଲି ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଚୋପଦାର କହିଛନ୍ତି। ମୃତ ଯବାନଙ୍କ ୩ ବର୍ଷର ଝିଅ ରହିଛି।

# ଦିବ୍ୟାଙ୍ଗ ଭଗବତୀଙ୍କ ଉପରେ ପଡୁନି ପ୍ରଶାସନର ଦୃଷ୍ଟି

ଉମରକୋଟ, ୫।୧୨(ସ୍ୱ.ପ୍ର.)



- ୭ଶହ ବଦଳରେ ମିଳୁଛି ୫ଶହ ଭତ୍ତା
- ମିଳୁନି ଆବାସ ଘର କିମ୍ବା ଟ୍ରାଇ ସାଇକେଲ

ଦିବ୍ୟାଙ୍ଗଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାଳ ମାଳ ଯୋଜନା ରହିଛି। ତେବେ ଦୁଃଖର କଥା ପ୍ରଶାସନିକ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଦିବ୍ୟାଙ୍ଗମାନେ ସରକାରି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ଉଦାହରଣ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୋପେନା ପଞ୍ଚାୟତର ମାଲପାରାରେ ଦେଖିବାକୁ ମିଳିଛି। ମାଲପାରା ଗ୍ରାମର ୨ନମ୍ବର ୱାର୍ଡର ଆଶାଦ୍ରୁ ସାନ୍ତାର ଝିଅ ଭଗବତୀ (୨୦)। ସେ ଜନ୍ମରୁ ଦିବ୍ୟାଙ୍ଗ। ସେ କଥା ମଧ୍ୟ କହି ପାରନ୍ତି ନାହିଁ। ସରକାରୀ ସହାୟତାଭାବେ କେବଳ ୫ଶହ ଟଙ୍କା ଭତ୍ତା ମିଳୁଛି। ଆଗରୁ ଭଗବତୀଙ୍କୁ ୭ଶହ ଟଙ୍କା ମିଳୁଥିଲା। କିନ୍ତୁ ତାଙ୍କର ଆଧାରକାର୍ଡ ନ ଥିବାରୁ ଏବେ ପାଞ୍ଚଶହ ଟଙ୍କା ମିଳୁଛି ବୋଲି କହିଛନ୍ତି ପରିବାର ଲୋକେ। ବର୍ତ୍ତମାନ ସୁଦ୍ଧା ତାଙ୍କୁ ଆବାସ ଘର ମିଳିଛି ନା ଟ୍ରାଇ ସାଇକେଲ। ବାରମ୍ବାର ବ୍ଲକ ଅଫିସରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଆଶାଦ୍ରୁ କହିଛନ୍ତି। ଏ ନେଇ ଉମରକୋଟ ବିଡିଓ ଡକ୍ଟର ହିମାଚଳ ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ପାଇନାହିଁ। ୨୦୦ ଟଙ୍କା କଟିବା କଥା ନୁହେଁ। ଭଗବତୀଙ୍କ ପାସ ବୁକ୍ ଦେଖିବାପରେ କେଉଁ ସମସ୍ୟା ଯୋଗୁ ଏହି ତ୍ରୁଟି ହେଇଛି ଜାଣି ହେବ ବୋଲି ସେ କହିଛନ୍ତି। ଯଦି ଭୁଲରେ ୨୦୦ ଟଙ୍କା କମ ପାଉଛନ୍ତି ତାହେଲେ ସମସ୍ତ ଟଙ୍କା ଦେବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି।


## ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL) UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT - 764006, ODISHA, Phone: (06854)242001, Fax: (06854)242038
e-mail: sgmel.ukhep@ohpcltd.com, CIN: U40101OR1995SGC003963

**TENDER CALL NOTICE No.- UKHEP-41/2022-23 Dated:02.12.2022**

No. CAD-4011: Sealed tenders in duplicate are invited from Govt. registered Agencies/Electrical Contractors having HT Electrical Licence issued by ELBO for the job as mentioned below by Semiskilled and skilled Workmen on Job contract basis for a Calendra year (12 Months)

| Sl. No. | Description of Work | Cost of Tender paper in Rs. | EMD in shape of Bid Security Declaration |
|---|---|---|---|
| 1 | Annual Maintenance of 11KV Lines, 11/0.4 KV Substation, LT Lines, 05 Nos. of distribution Transformers, Illumination System of Street Light, Internal and External electrication work of Residential and Non Residential Buildings under UKHEP, Bariniput for one year on job contract basis. | 708/- inclusive of GST | Bid Security Declaration form duly filled & signed should be submitted |

The sale of tender paper will be from : 09.12.2022 to 11.00 hrs. of 20.12.2022
The Last date & time of receipt of tender : 12.00 hrs. of 20.12.2022
The date & Time of opening of tender : 12.30 hrs. of 20.12.2022
For details of tender documents, terms & conditions, eligibility criteria and downloading, please refer our website **www.ohpcltd.com**.

Sd./- C & P Head
Upper Kolab H.E. Project, Bariniput
OIPR-04002/11/0070/2223

## GOVERNMENT OF ODISHA
## "e" PROCUREMENT NOTICE
**Bid Identification No. 32 of 2022-23**

No. O-1369: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 07 Nos.
3. Estimated Cost : Rs.346.71 to 470.54 lakh
4. Eligible Class of Contractor : "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 32 of 2022 - 23 | Dt.15.12.2022 at 11.00 hrs. | Dt.30.12.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Superintending Engineer
RWS&S Division, Balangir
OIPR-25033/11/0031/2223

## ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ଜିଲ୍ଲା: ବୌଦ୍ଧ
### ବିଜ୍ଞାପନ

ଚଳିତ ଖରିଫ୍ ୨୦୨୨–୨୩ ବର୍ଷରେ ବୌଦ୍ଧ ଜିଲ୍ଲାର ୪୨ ଗୋଟି ସେବା ସମବାୟ ସମିତି ଓ ୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ତା୦୬।୧୨।୨୦୨୨ରିଖଠାରୁ କଣ୍ଟାମାଳ ବ୍ଲକ ଓ ତା୧୩।୧୨।୨୦୨୨ରିଖଠାରୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକ ଅଞ୍ଚଳର ଚାଷୀଭାଇମାନଙ୍କଠାରୁ ଧାନକ୍ରୟ କରାଯିବ। ଚଳିତ ଖରିଫ୍ ୨୦୨୨–୨୩ ବର୍ଷ ନିମନ୍ତେ ସାଧାରଣ (FAQ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୦୪୦.୦୦ ଏବଂ ଉତ୍ତମ (Grade A) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୦୬୦.୦୦ ସରକାର ସ୍ଥିର କରିଛନ୍ତି। ସବିଶେଷ ବିବରଣୀ ନିମନ୍ତେ ଚାଷୀଭାଇମାନେ ସେମାନେ ପଞ୍ଜୀକରଣ କରିଥିବା ସମିତିରେ ଯୋଗାଯୋଗ କରିବାକୁ ଅନୁରୋଧ।

| F.A.Q. ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨. କୁଟା, କାଠି, ଧୂସ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋକା ଶତକଡ଼ା ୪ ମଧ୍ୟରେ ରହିବ) | ୫% |
| ୪. ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୬. ଆର୍ଦ୍ରତା | ୧୭% |

ବି.ଦ୍ର.: ୧. ଆଧାର କାର୍ଡ ସାଙ୍ଗରେ ଆଣି ପଞ୍ଜୀକୃତ ଚାଷୀ କ୍ରୟ କେନ୍ଦ୍ରକୁ ଆସିବେ। ସକାଳ ୮.୦୦ ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ ଟୋକନ ପାଇଥିବା ଚାଷୀମାନେ ହିଁ ଟୋକନରେ ଦର୍ଶିତ ତାରିଖରେ F.A.Q. ମାନର ଧାନ କ୍ରୟ କେନ୍ଦ୍ରକୁ ଆଣିବେ।
୨. ଯେ କୌଣସି ସହାୟତା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିଃଶୁଳ୍କ ସହାୟତା ନମ୍ବର ୧୯୬୭କୁ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଯୋଗାଯୋଗ କରିପାରିବେ।

ଉପ–ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଆର୍.ଏମ୍.ସି., ବୌଦ୍ଧ

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା କ୍ରୟ କମିଟି, ବୌଦ୍ଧ

## ODISHA PUBLIC SERVICE COMMISSION, CUTTACK
### NOTICE

**No. 10934/PSC Dt.05.12.2022**
**PF-1E-11-2021/22 (DR-III)**

No. D-239: It is for information of all concerned that, 12 (Twelve) candidates bearing following PPSAN/ Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Telugu** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 12.12.2022 | 02.30 P.M. | 00117959, 00115368, 00119623, 00118776, 00119762, 00133222, 00114162, 00116108, 00123922, 00121652, 00121574 & 00120085 = **12 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:
1. Hard copy of the online application form.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
7. Degree or Diploma Certificate in Computer Application in respect of educational qualification prescribed;
8. Odia Test Pass Certificate.
9. Caste Certificate claim as S.T./S.C./S.E.B.C. wherever applicable.
10. Permanent Disability Certificate (including percentage of permanent disability i.e. 40% and more).
11. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
12 Sports Persons Certificate issued by the Director of Sports Odisha.
13. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0214/2223 Sd./- Additional Secretary

## ODISHA PUBLIC SERVICE COMMISSION, CUTTACK
### NOTICE

**No. 10938/PSC Dt.05.12.2022**
**PF-1E-11-2021/22 (DR-III)**

No. D-238: It is for information of all concerned that, 12 (Twelve) candidates bearing following PPSAN/ Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Indian Music** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 12.12.2022 | 10.30 A.M. | 00115936, 00033373, 00087545, 00125469, 00114013, 00121927, 00125796, 00114469, 00114353, 00132847, 00131519 & 00117885 = **12 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:
1. Hard copy of the online application form.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
7. Degree or Diploma Certificate in Computer Application in respect of educational qualification prescribed;
8. Odia Test Pass Certificate.
9. Caste Certificate claim as S.T./S.C./S.E.B.C. wherever applicable.
10. Permanent Disability Certificate (including percentage of permanent disability i.e. 40% and more).
11. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
12 Sports Persons Certificate issued by the Director of Sports Odisha.
13. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0217/2223 Sd./- Additional Secretary

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
No. CAD-4009
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No. 8551 Date: 03.12.2022
File: SMT-1838

### NOTICE INVITING TENDER

| | | | |
|---|---|---|---|
| 1 | Name of work | : | Development of Shree Gundicha Temple, Puri and Development of Pleasure Garden (Pramod Udyan) of the Lord, Puri under ABADHA Scheme on Turnkey Basis |
| 2 | Bid Identification No. | : | 52/Tender/OBCC/2022-23 |
| 3 | Date of availability of bid document in e-procurement portal | : | From 09.12.2022 |
| 4 | Last date & time of receipt of Online bid | : | Upto 5.00 P.M. on 04.01.2023 |
| 5 | Last Date of Pre-Bid Queries | : | Till 5.00 P.M. on 16.12.2022 |
| 6 | Date & time for pre-bid meeting | : | At 11.30 A.M. on 17.12.2022 (Through Video Conferencing) **https://meet.google.com/nzo-ngdg-zoq** |
| 7 | Date of issuance of Pre-bid Clarification | : | 20.12.2022 |
| 8 | Date of Bid Opening | : | 04.01.2023 at 05.30 P.M. |

09. Further details can be seen from the e-Procurement portal **https://www.tendersodisha.gov.in**.
10. OBCC has the right to accept or reject the Notice/RFP without assigning any reason thereof.

OIPR-34161/11/0027/2223 Sd./- EIC-cum-Managing Director

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଫାଳୀ ଭାରତୀୟ ଦଳ ଅଧିନାୟିକା

## ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୫।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଜାନୁୟାରୀ ୧୪ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ପ୍ରତିଭାସମ୍ପନ୍ନ ଓପନିଂ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟିକା ଭାବେ ମନୋନୀତ କରାଯାଇଛି। ଏଥିସହିତ ଡିସେମ୍ବର ୨୭ରୁ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିପାକ୍ଷିକ ଟି୨୦ ସିରିଜରେ ମଧ୍ୟ ସେ ଭାରତୀୟ ଦଳର ନେତୃତ୍ୱ ନେବେ। ୧୮ ବର୍ଷୀୟା ଶେଫାଳୀ ୨୦୧୯ରେ ଜାତୀୟ ସିନିୟର ଦଳରେ ପଦାର୍ପଣ କରିବା ପରେ ଦୁଇଟି ଟେଷ୍ଟ, ୨୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୪୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ୫ଟି ଟି୨୦ ମ୍ୟାଚ ଲାଗି ସେ ୧୮ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ। ସମସ୍ତ ୫ଟି ଟି୨୦ ମ୍ୟାଚ ଟୁକ୍ସ ଓଭାଲ, ପ୍ରିଟୋରିଆଠାରେ ଯଥାକ୍ରମେ ଡିସେମ୍ବର ୨୭, ୨୯, ୩୧ ଏବଂ ଜାନୁୟାରୀ ୨ ଓ୪ରେ ଖେଳାଯିବ। ୧୯ ବର୍ଷରୁ କମ୍ ଟି୨୦ ବିଶ୍ୱକପ୍ ୧୬ଟି ଦଳକୁ ନେଇ ଖେଳାଯିବ। ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକା, ୟୁଏଇ ଓ ସ୍କଟ୍‌ଲାଣ୍ଡ ସମେତ ଭାରତ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୩ ଦଳ ସୁପର ସିକ୍ସ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୧୨ଟି ଦଳ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ପୋଶ୍ଚେଫଷ୍ଟ୍ରୁମସ୍ଥିତ ଜେବି ମାର୍କ୍ସ ଓଭାଲଠାରେ ଜାନୁୟାରୀ ୨୭ରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଜାନୁୟାରୀ ୨୯ରେ ଖେଳାଯିବ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ମହିଳା କ୍ରିକେଟ ଦଳ:** ଶେଫାଳୀ ବର୍ମା (ଅଧିନାୟିକା), ଶ୍ୱେତା ଶେରାୱତ (ଉପ ଅଧିନାୟିକା), ରିଚା ଘୋଷ (ଉଇକେଟକିପର), ଜି. ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହେଦିୟା, ହର୍ଲି ଗାଲା, ହୃଷିତା ବସୁ (ଉଇକେଟକିପର), ସୋନମ ଯାଦବ, ମନତ କାଶ୍ୟପ, ଅର୍ଚ୍ଚନା ଦେବୀ, ପାର୍ଶବୀ ଚୋପ୍ରା, ଟିଟାସ ସାଧୁ, ଫଲକ ନାଜ୍, ଶବନମ ଏମ୍‌ଡି, ଶିଖା, ନାଜଲା ସିଏମ୍‌ସି ଓ ଯଶଶ୍ରୀ।

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ:** ଶେଫାଳୀ ବର୍ମା (ଅଧିନାୟିକା), ଶ୍ୱେତା ଶେରାୱତ (ଉପ ଅଧିନାୟିକା), ରିଚା ଘୋଷ (ଉଇକେଟକିପର), ଜି. ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହେଦିୟା, ହର୍ଲି ଗାଲା, ହୃଷିତା ବସୁ (ଉଇକେଟକିପର), ସୋନମ ଯାଦବ, ମନତ କାଶ୍ୟପ, ଅର୍ଚ୍ଚନା ଦେବୀ, ପାର୍ଶବୀ ଚୋପ୍ରା, ଟିଟାସ ସାଧୁ, ଫଲକ ନାଜ୍ଓ ଶବ୍‌ନମ ଏମ୍‌ଡି। ଷ୍ଟାଣ୍ଡବାଇ ଖେଳାଳି: ଶିଖା, ନାଜଲା ସିଏମ୍‌ସି ଓ ଯଶଶ୍ରୀ।




# ଛତିଶଗଡ଼ ଚାମ୍ପିୟନ




ଚାମ୍ପିୟନ ଛତିଶଗଡ଼ ଦଳର ଅଧିନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୫।୧୨ (ଡି.ଏନ୍.ଏ.):** ସ୍ଥାନୀୟ ସୁନ୍ଦରପଦା ଫୁଟ୍‌ବଲ ପଡ଼ିଆରେ ଅନୁଷ୍ଠିତ ୧୩ତମ ଲିଙ୍ଗରାଜ ଚ୍ୟାଲେଞ୍ଜ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟର୍ନାମେଣ୍ଟରେ ଛତିଶଗଡ଼ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ଇଷ୍ଟକୋଷ୍ଟ ରେଲୱେ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଏବଂ ରାଉରକେଲା ରାଇଜିଂ କ୍ଲବ ଆଦି ୫ଟି ଦଳ ଭାଗନେଇଥିଲେ। ଶନିବାର ସମସ୍ତ ଲିଗ୍ ମ୍ୟାଚ ଖେଳାଯାଇଥିବାବେଳେ ଶେଷ ଦିନରେ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ଛତିଶଗଡ଼ ଜିତିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଫାଇନାଲରେ ଆନ୍ଧ୍ରପ୍ରଦେଶ ଦଳକୁ ୨-୦ରେ ପରାସ୍ତ କରି ଛତିଶଗଡ଼ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଆଟାକର ଭାବରେ ଆନ୍ଧ୍ରପ୍ରଦେଶ ଚିମ୍‌ର ସାଇ ଏବଂ ଶ୍ରେଷ୍ଠ ୟୁନିଭର୍ସାଲ ଖେଳାଳି ଭାବରେ ରାମପ୍ରସାଦଙ୍କୁ ବିବେଚିତ କରାଯାଇଥିବାବେଳେ ଛତିଶଗଡ଼ର ଦୀପେଶ ସିନ୍ହାଙ୍କୁ ଶ୍ରେଷ୍ଠ ବ୍ଲକର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ତଥା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ମୁଖ୍ୟ ଅତିଥି, ପୂର୍ବତନ ରଣଜି ଖେଳାଳି ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସିନେ କଳାକାର ପିଙ୍କି ପ୍ରଧାନ, ସାମାଜିକ କର୍ମୀ ସୁରେନ୍ଦ୍ର ପ୍ରଧାନ, ପ୍ରିୟବ୍ରତ ସ୍ୱାଇଁ, ହିମାଂଶୁ ଛୋଟରାୟ, କର୍ପୋରେଟର ରାମଚନ୍ଦ୍ର ରଣସିଂ ଏବଂ ସୁଜାତା ଛୋଟରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ୪୦ବର୍ଷରୁ ଉର୍ଦ୍ଧ୍ୱ ସଫ୍ଟ ଟେନିସ୍ ଡବଲ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ବିକାଶ ଚନ୍ଦ୍ର ପଟ୍ଟନାୟକ, ଭାରତୀୟ ସିନିୟର ଭଲିବଲ ଦଳର ଏକମାତ୍ର ଓଡ଼ିଆ ଖେଳାଳି ମାସିଉଜ ଜମ୍ମା ଓ ଭଲିବଲ ପ୍ରଶିକ୍ଷିକା ସୁଷମା ନନ୍ଦଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଭାରତ ପାଇଁ ଚଳିତବର୍ଷ ଖେଳିଥିବା ମହିଳା ଭଲିବଲ ଖେଳାଳି ମମତା ନାଗ ଏବଂ ଲାସ୍ୟମୟୀ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟକୁ ଆୟୋଜକ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ରଜତ ତ୍ରିପାଠୀ, କାର୍ଯ୍ୟକାରିଣୀ ସଭାପତି ଶିବନାରାୟଣ ବାରିକ, ଟୁର୍ନାମେଣ୍ଟ ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ, ସୁବାସ ମିଶ୍ର, ନିହାର ମହାନ୍ତି ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଲିଙ୍ଗରାଜ ଚ୍ୟାଲେଞ୍ଜ ଭଲିବଲ ଉଦ୍‌ଯାପିତ

# ଭାରତୀୟ ଦଳରେ ଓଡ଼ିଶାର ୧୦ ଖେଳାଳି

## ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ୭ଏସ୍

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁଠାରେ ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୦ଓ ୧୧ ଦୁଇଦିନଧରି ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳିଙ୍କୁ ମିଶାଇ ଓଡ଼ିଶାର ମୋଟ ୧୦ ଖେଳାଳି ସାମିଲ ହୋଇଛନ୍ତି। ବାଳିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମାମା ନାଏକ, ତରୁଲତା ନାଏକ, ଆରତୀ ମୁର୍ମୁ, ପାର୍ବତୀ ହାଂସଦା ଓ ନିର୍ମାଲ୍ୟ ରାଉତ। ସେହିପରି ବାଳକ ଦଳରେ ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଂସଦା, ଗୁରୁ ମାଣ୍ଡ୍ରା, ଲାଚିମି ସେସା ଓ ମଙ୍ଗଲ ସୋରେନ ସାମିଲ ହୋଇଛନ୍ତି। ମାମା ନାୟକ ଭାରତୀୟ ବାଳିକା ଦଳର ନେତୃତ୍ୱ ନେବେ। ଭାରତୀୟ ଦଳର କ୍ୟାମ୍ପ ପୁଣେର ବେଲେୱାଡ଼ିସ୍ଥିତ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନଭେମ୍ବର ୮ରୁ ଆରମ୍ଭ ହୋଇଥିଲା। ଏହା ମଙ୍ଗଳବାର ଶେଷ ହେବ। ଭାରତୀୟ ଦଳ ୬ ତାରିଖରେ ନେପାଳ ଯାତ୍ରା କରିବ। ଭାରତୀୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।




ଭାରତୀୟ ରଗ୍‌ବୀ ଦଳରେ ସାମିଲ କିସ୍‌ର ୬ ଖେଳାଳି।



ଅତିଥିଙ୍କ ଗହଣରେ ରାଜ୍ୟ ବଧିର କ୍ରୀଡ଼ା ଚାମ୍ପିୟନ ଖୋର୍ଦ୍ଧା ଦଳ ।

# ରାଜ୍ୟ ସିନିୟର ବଧିର କ୍ରୀଡ଼ା: ଖୋର୍ଦ୍ଧା ଚାମ୍ପିୟନ

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)**

ଆଗାମୀ ଜାତୀୟ ବଧିର କ୍ରୀଡ଼ାକୁ ଦୃଷ୍ଟିରେ ରଖି ଓଡ଼ିଶା ଦଳ ଚୟନ ପାଇଁ ରାଜ୍ୟ ସିନିୟର ବଧିର କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ବାଲେଶ୍ୱର, ଖୋର୍ଦ୍ଧା, କଟକ, ବଲାଙ୍ଗୀର ଓ ସମ୍ବଲପୁର ଆଦି ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦ ଓ ୬୦୦ ମିଟର ରେସ୍ ସହ ଶଟ୍‌ପୁଟ୍, ଡିସ୍‌କସ୍ ଓ ଲଙ୍ଗଜମ୍ପ ଆଦି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଦଳଗତଭାବେ ଖୋର୍ଦ୍ଧା ଚାମ୍ପିୟନ ଓ ବାଲେଶ୍ୱର ରନର୍ସ ଅପ୍ ହୋଇଥିଲା। ଖୋର୍ଦ୍ଧାର ବିପିନ ବିହାରୀ ସାହୁ ବ୍ୟକ୍ତିଗତଭାବେ ଶ୍ରେଷ୍ଠ ଖେଳାଳିର ସମ୍ମାନ ପାଇଥିଲେ। ୨୦୨୩ ଫେବୃୟାରୀ ୧୫ରୁ ୧୯ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଇନ୍ଦୋରଠାରେ ୮ମ ଜାତୀୟ ଜୁନିୟର, ସବ୍‌ଜୁନିୟର ଓ ୨୫ତମ ଜାତୀୟ ସିନିୟର ବଧିର କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶାରୁ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ଶୃଙ୍ଖଳା ପାଇଁ ମନୋନୀତ ହୋଇଛନ୍ତି।

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅସିତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ଟ୍ରଫି, ମାନପତ୍ର ଓ ପଦକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଉଣ୍ଡ ଟେବୁଲ ଟ୍ରଷ୍ଟର ମାନିକ ହଂସ, ବଧିର ସଂଘ ସଭାପତି ଶିବନାରାୟଣ ବହିଦାର, ଆୟୋଜକ କମିଟି ସଭାପତି ବିଜୟ କୁମାର ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବରିଷ୍ଠ ସଦସ୍ୟ ତଥା ମାର୍ଗଦର୍ଶକ ନିରଞ୍ଜନ ଜୋଷୀ, ଯୋଗେଶ ନାରାୟଣ ବହିଦାର, ଖୋର୍ଦ୍ଧା ସମ୍ପାଦକ ପ୍ରଦୀପ ହୋତା, ସୁବୀର ନାୟକ, ରାମ୍‌ଜି ପଣ୍ଡା, ସଞ୍ଜୀବ ସାହୁ, ଜିତୁ ନନ୍ଦ, ସଞ୍ଜୟ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଭାରତୀୟ ଦଳକୁ ମ୍ୟାଚ ଫି'ର ୮୦ ପ୍ରତିଶତ ଜରିମାନା

**ମୀରପୁର, ୫।୧୨ (ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ବୋଲିଂ ପାଇଁ ଭାରତକୁ ଜରିମାନା କରାଯାଇଛି। ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୮୦ ପ୍ରତିଶତ ଜରିମାନା କରାଯାଇଛି। ରବିବାର ଅନୁଷ୍ଠିତ ଓପନିଂ ଗେମ୍‌ରେ ଭାରତ ଏକ ଉଇକେଟରେ ପରାଜିତ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ୪ ଓଭର ପଛୁଆ ରହିଥିଲା। ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରଞ୍ଜନ ମଦୁଗାଲେ ଏହି ଦଣ୍ଡବିଧାନ କରିଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମା ଦଣ୍ଡକୁ ଗ୍ରହଣ କରି ନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ବୁଧବାର ଖେଳାଯିବ।

# ଦିଲେଶ୍ୱରଙ୍କୁ ବ୍ରୋଞ୍ଜ ପଦକ



ପଦକ ସହ ଦିଲେଶ୍ୱର ରାଓ।

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି):** ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦିଲେଶ୍ୱର ରାଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ଡବଲ୍ସ ଇଭେଣ୍ଟରୁ ଏହି ସଫଳତା ପାଇଛନ୍ତି। ଦିଲେଶ୍ୱର ଓ ଆମେରିକାର ରିଚାର୍ଡ ଆଲକାରାଜ ଯୋଡ଼ି ସେମିଫାଇନାଲରେ ଭାରତର ନେହାଲ ଗୁପ୍ତା ଓ ବ୍ରାଜିଲର ବ୍ରେନୋ ଜୋହାନଙ୍କଠାରୁ ୧୬-୨୧,୮-୨୧ ପଏଣ୍ଟରେ ହାରିଯାଇଥିଲେ। ଫଳରେ ଦିଲେଶ୍ୱର-ଆଲକାରାଜ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦିଲେଶ୍ୱରଙ୍କୁ ଓଡ଼ିଶା ଦଳର କୋଚ୍ ଶିବପ୍ରସାଦ ଦାସ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


# Classified Everyday


0674-2580101, 2549949



automobile

SALE

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-520D-2011 Volkswagan Passat-2012 for details contact: 9827516256. D-74161



REAL ESTATE

SALE

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot sqft.-2199/-ରେ ମିଳୁଛି। 9439832956, 9438056978.** D-74164

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525.** D-2075

**Plot for sale at Daspur (Near Adarsh School), Bhubaneswar. 4.5KM from Kalinga Studio Square. 9776422211.** D-16379

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




**Full body massage by smart I expert therapist @ 999 only. 9078484455.** D-73666

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

## AFFIDAVIT

I, Jagannath Nayak, alias Jagabandhu Nayak aged about (43) S/o- Suka Nayak, Routaragadia, Badabarchikayan, Dist-Bhadrak. I have an LIC bearing Policy No. 587368949 wherein my name is Jagannath Nayak. That in my bank passbook my name is Jagabandhu Nayak. That I declare that Jagannath Nayak and Jagabandhu Nayak S/o- Suka Nayak same and One person. D-2170

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଓଁ ସାଇରାମ୍



୰ହୃଦାନନ୍ଦ ମହାପାତ୍ର
୧୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦
(ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦ ପଦ୍ମରେ ରହି ଆମମାନଙ୍କୁ ସଦା ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ବୁଲି, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲାଡୁ, ବିବେକ, ବାବାଲୀ ଓ ରୁଶାଲୀ।
ଧ-୨୧୪୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଜୀବନସାଥୀ....



**ମନ ପସନ୍ଦର ଜୀବନସାଥୀଟିଏ ମିଳିଗଲେ ଜୀବନ ଆହୁରି ସରସ ସୁନ୍ଦର ଲାଗେ। ଭଲ ଜୀବନସାଥୀ କିପରି ମିଳିବ, ତାକୁ କିପରି ଆପଣ ଚୟନ କରିବେ। କାହାକୁ ଦୃଷ୍ଟିରେ ରଖି ଭଲ ଜୀବନସାଥୀ ବାଛିବେ-ଏମିତି ଅନେକ ପ୍ରଶ୍ନଗୁଚ୍ଛ ସେହି ସମୟରେ ମନରେ ଉଙ୍କିମାରିବା ସ୍ୱାଭାବିକ। ଏ ସମ୍ପର୍କରେ କେତୋଟି ଟିପ୍ସ....**

ଏଟା'ଟା ଆମ ଝିଅ ପ୍ରସ୍ତୁତ କରିଛି, ଏ ରୁମ୍‌ରେ ଯେଉଁ ପେଣ୍ଟିଂଟା ଦେଖୁଛ ଏଇଟା ବି ଝିଅ କରିଛି। ଆଜି ବି ଏମିତି ପ୍ରଥା ଚାଲିଛି ଯେଉଁଠି ପୁଅଘର ଲୋକେ ଝିଅଘରକୁ ଆସି କେତୋଟି ପ୍ରଶ୍ନ ପଚାରନ୍ତି ତା'ର ଉତ୍ତର ଝିଅ ଦିଏ। ଏଭଳି ଏକ ପ୍ରଶ୍ନ-ଉତ୍ତର ସେସନ ଚାଲେ। ଝିଅ ମଧ୍ୟ ନିଜକୁ ଏଥିନେଇ ଅନେକାଂଶରେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥାଏ। ଯେମିତିକି ତାକୁ ରୋଷେଇ ଆସେ କି ନାହିଁ, ତୁମ ହବି କ'ଣ ? ହେଲେ ଜଣେ ମନ ପସନ୍ଦର ଜୀବନସାଥୀଟିଏ ପାଇବା ତ ଏତେ ସହଜ ନୁହେଁ। ତଥାପି ସବୁ ଦିଗକୁ ଦୃଷ୍ଟିଦେଲେ ନିଜର ଏଭଳି ଆଶା ଅନେକାଂଶରେ ପୂରଣ ହୋଇଥାଏ।

**ଦେଖାସାକ୍ଷାତ ସମୟରେ**

ଆପଣଙ୍କୁ ଲାଗୁଛି କି ଯଦି ଆପଣ ଆରେଞ୍ଜ ମ୍ୟାରେଜ କରୁଛନ୍ତି ଜୀବନସାଥୀ ଚୟନ କରିବା ସମୟରେ ଭାବିଛନ୍ତି ନିଷ୍ପତ୍ତି ନିଅନ୍ତୁ । ତରବର ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ। ଦୁଇଜଣ ଯଦି ଦେଖାସାକ୍ଷାତ କରୁଛନ୍ତି ତେବେ ନିଜ ଭିତରେ ପ୍ରଶ୍ନଗୁଡ଼ିକର ସମାଧାନ କରିଦିଅନ୍ତୁ। ଏହାଦ୍ୱାରା ବିବାହ ପୂର୍ବରୁ ଦୁହିଁଙ୍କ ଭିତରେ ବୁଝାମଣା ଦୃଢ଼ ହେବ। ତେବେ ଗୋଟିଏ କଥା, ଏଭଳି ଦେଖାସାକ୍ଷାତକୁ କେହି ଭିନ୍ନ ଦୃଷ୍ଟିରେ ଦେଖିପାରନ୍ତି, ହେଲେ ସେହି ସମୟରେ ନିଜ ଭିତରେ ଏକଥାକୁ ନେଇ ସନ୍ଦେହ ସୃଷ୍ଟି ନ ହେବା ଭଲ। ବିବାହ ପୂର୍ବରୁ ଦେଖାସାକ୍ଷାତ ହେଉଛି ଏପରି ଏକ ମାଧ୍ୟମ ଯାହାଦ୍ୱାରା ଦୁହେଁ ପରସ୍ପରକୁ ନିବିଡ଼ ଭାବରେ ଜାଣିପାରିଥାଆନ୍ତି।

**ବିବାହ ପୂର୍ବରୁ ଝିଅ ପୁଅ ଘରକୁ ଯିବା ଦରକାର**

ପୁଅଘର ଲୋକେ ଝିଅ ଘରକୁ ଆସି ଝିଅ ଚାଲିଚଳଣି, ରହଣି ସହଣୀ ବିଷୟରେ ଜାଣି ନିଅନ୍ତି। କିନ୍ତୁ ଝିଅକୁ ବି ପୁଅ ଘରକୁ ଯାଇ ତାଙ୍କର ଚାଲିଚଳଣି ଏସବୁ ବିଷୟରେ ଜାଣିବା ନିହାତି ଜରୁରୀ। ସେ ବି ତାଙ୍କ ପରିବାର ସହ ତାଙ୍କ ଘରକୁ ଯିବା ଜରୁରୀ। ସେ ବି ଦେଖିବ ଯେ ତାଙ୍କର ଘର ଓ ଚାଲିଚଳଣି ସମ୍ବନ୍ଧରେ। ଯେବେ ଆପଣ ପରିବାର ଲୋକଙ୍କ ସହ ମିଶିବେ ଆପଣ ଜାଣିପାରିବେ ତାଙ୍କ ପରିବାର ବିଷୟରେ। ଅନ୍ୟ ଅର୍ଥରେ କହିବାକୁ ଗଲେ ତାଙ୍କ ପିକ୍‌ଚର ଆପଣଙ୍କୁ କ୍ଲିୟର ଦେଖାଯିବ।

**ସୋସିଆଲ ମିଡିଆ ପ୍ରୋଫାଇଲ ବି ଦେଖନ୍ତୁ**

କୁହାଯାଏ ଆପଣଙ୍କ ବହୁତ ଜିନିଷ ଆପଣଙ୍କ ପର୍ସନାଲିଟିର ଆଇନା ହୋଇଥାଏ। ଯଦି ବିବାହ ପୂର୍ବରୁ ଦୁହେଁ ସୋସିଆଲ ମିଡିଆ ମାଧ୍ୟମରେ ନିଜ ନିବିଡ଼ତାକୁ ଦୃଢ଼ କରିବାକୁ ଚାହୁଁଛନ୍ତି ତେବେ ସେ କ୍ଷେତ୍ରରେ ଆଗେଇପାରନ୍ତି। କାରଣ ଏବେ ପରସ୍ପରକୁ ଜାଣିବା ଲାଗି ସୋସିଆଲ ମିଡିଆ ଏକ ଭଲ ପ୍ଲାଟ୍‌ଫର୍ମ। ଆପଣଙ୍କ ସାଙ୍ଗମାନେ ମଧ୍ୟ ଦୁହିଁଙ୍କୁ ନେଇ କିଛି ମେସେଜ ଦେଇପାରନ୍ତି। ତାହାକୁ ସକାରାତ୍ମକ ମାନସିକତାରେ ତର୍ଜମା କରନ୍ତୁ। ଦେଖନ୍ତୁ ଉଭୟଙ୍କ ଫ୍ରେଣ୍ଡଲିଷ୍ଟରେ କେଉଁମାନେ ଅଛନ୍ତି ସେମାନେ ସବୁ କ'ଣ କମେଣ୍ଟ ଦେଉଛନ୍ତି ଆଦି ଏସବୁ ଦିଗ ପ୍ରତି ଧ୍ୟାନଦେବା ମଧ୍ୟ ନିହାତି ଜରୁରୀ।

**ନିଜର ଖରାପ ଅଭ୍ୟାସ କୁହନ୍ତୁ**

ଆମେ ସମସ୍ତେ କର୍ପୋରେଟ୍ ୱାର୍ଲଡରେ ରହୁଛୁ। ଯେତେବେଳେ ଆମର ଇଣ୍ଟରଭ୍ୟୁ ରାଉଣ୍ଡ ହୁଏ ସେତେବେଳେ ଆମକୁ ଆମର ନେଗେଟିଭ୍ ପଏଣ୍ଟସ ବିଷୟରେ ପଚରାଯାଏ। ଆମେ ତାଙ୍କୁ କହିଥାଉ। ଆପଣଙ୍କର କିଛି ଯଦି ଦୋଷ ଦୁର୍ବଳତା ଅଛି ଏହି ବିଷୟରେ ଖୋଲାଖୋଲି ଭାବେ କଥା ହୁଅନ୍ତୁ। ଏପରି କରିବା ଦ୍ୱାରା ବିବାହ ପରେ ଆପଣ ଦୁଇଜଣଙ୍କ ମଧ୍ୟରେ କୌଣସି କଥା ମନାନ୍ତର ନ ହୋଇପାରେ। ଯେମିତିକି ମୁଁ ଜଲ୍‌ଦି ରାଗେ, ମୁଁ ବହୁତ ଏକଜିଦିଆ ଆଦି। ହେଲେ ବିବାହ ପରେ ଅନେକ କଥାରେ ପରିବର୍ତ୍ତନ ଆସିଥାଏ। ଯଦି କେବେ କିଛି ସମସ୍ୟା ସୃଷ୍ଟି ହେଲା, ତେବେ ଦୁହେଁ ଏ ବିଷୟରେ ପୂର୍ବରୁ ଜାଣିଥିଲେ ତାହାର ସହଜରେ ସମାଧାନ କରିପାରିବେ।

**ପ୍ରାଥମିକତା ଦିଅନ୍ତୁ**

ସବୁଠୁ ଜରୁରୀ କଥା ହେଲା-ଆପଣ ଯେମିତି ଭାବୁଥାନ୍ତି ସେହିପରି ଜୀବନସାଥୀଟିଏ ଯେ ମିଳିଯିବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ଯାହାକୁ ଜୀବନସାଥୀ କରିବାକୁ ଯାଉଛନ୍ତି ତାଙ୍କ ବିଷୟରେ ନିଜେ ପ୍ରଥମେ ଭଲ ଭାବରେ ଜାଣନ୍ତୁ। ତାଙ୍କର ଶିକ୍ଷାଗତ ଯୋଗ୍ୟତା, ସେ ଚାକିରି କରିଛନ୍ତି କି ନାହିଁ, ତାଙ୍କର ଆଉ କ'ଣ ଟେକ୍ନିକାଲ ଜ୍ଞାନ ରହିଛି ଆଦି ବିଷୟରେ ପ୍ରଥମେ ଜାଣିନେବା ଭଲ। କେତେକ ଝିଅ ବିବାହ ପୂର୍ବରୁ ଚାକିରି କରିଥାଆନ୍ତି। ଘର ସଂସାର କରିବା ପରେ ସେମାନେ ନିଜକୁ ସେହି ପ୍ରଫେସନରେ ଜଡ଼ିତ ରଖିବାକୁ ଚାହାନ୍ତି। ତେବେ ଏ ନେଇ ପ୍ରଥମେ ଦୁହିଁଙ୍କ ଭିତରେ ଆଲୋଚନା ହେବା ନିହାତି ଜରୁରୀ। ନ ହେଲେ ବିବାହ ପରେ ଏକଥାକୁ ନେଇ ହୁଏତ ମନୋମାଳିନ୍ୟ ହୋଇପାରେ। ଏ ବିଷୟରେ ପ୍ରଥମେ ନିଜେ ନିଷ୍ପତ୍ତି ନେବା ସହ ପରିବାର ସହିତ ଏ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରନ୍ତୁ। ହେଲେ ଜୀବନକୁ ଆପଣ ସରଳ କରିପାରିବେ।

**ଶୁଣାକଥାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ**

ନିଜର ଜୀବନସାଥୀ ଚୟନ ସମୟରେ ଅନ୍ୟମାନେ ଭିନ୍ନ ଭିନ୍ନ ମତ ଦେଇଥାଆନ୍ତି। ହେଲେ ସେହି କଥାକୁ ହଠାତ୍ ଗ୍ରହଣ କରିନେବା ବୋକାମିର ପରିଚୟ। କାରଣ ଏଭଳି କେତେକ କଥା ଅଛି, ଯାହା ପଛରେ ଟିକିଏ ହେଲେ ସତ୍ୟତା ନ ଥାଏ। ତେଣୁ କୌଣସି କଥାକୁ ଗୁରୁତ୍ୱ ଦେବା ପୂର୍ବରୁ ଏ ନେଇ ଭଲ ଭାବରେ ଚିନ୍ତାକରନ୍ତୁ। କିଏ କ'ଣ କହୁଛି ତାଙ୍କ ବିଷୟରେ ସେ ସମ୍ବନ୍ଧରେ ତର୍ଜମାକରି ଦେଖନ୍ତୁ। ସେମାନେ ଯେଉଁ କଥା କହୁଥିଲେ ତାହା କେତେଦୂର ସତ୍ୟ । ନିଜର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭରକରେ। ଶୁଣାକଥାକୁ ଗୁରୁତ୍ୱ ଦେଲେ ନିଜ ଜୀବନସାଥୀ ଚୟନରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି।

**ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରନ୍ତୁ**

କେହି କେହି ହୁଏତ ଭାବିଥାଆନ୍ତି ଯେ ବିବାହ ପରେ ମୁଁ କିଛି ନୂଆ ଜିନିଷ କରିବି ଚିନ୍ତା ଯୋଜନା କରୁଥାଇପାରନ୍ତି। ଏ କଥାକୁ ଦୁହେଁ ଭଲ ଭାବରେ ଆଲୋଚନା କରନ୍ତୁ। କାରଣ ମ୍ୟାରେଜ ପରେ ଯାହା କିଛି କରିବାକୁ ଚାହୁଁଛନ୍ତି ତାହା ଦୁହିଁଙ୍କର ସହମତିରେ ହେବା ଭଲ।

**ପରିବାର କଥାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ**

ଜୀବନସାଥୀ ଚୟନ ସମୟରେ ପରିବାର ସଦସ୍ୟ ନିଜର ମତ ରଖିଥାଆନ୍ତି। ତାହାକୁ ଅଗ୍ରାହ୍ୟ କରିବା ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ସେମାନେ ଯଦି ଚାହୁଁଛନ୍ତି ଆପଣ ନିଜେ ଯାଇ ନିଜ ଲାଇଫ ପାର୍ଟନର ସହ ସବୁ ବିଷୟରେ କଥା ହୁଅନ୍ତୁ, ତାହାକୁ ଗ୍ରହଣ କରିବା ଭଲ। କାରଣ ଆପଣ ହିଁ ଆଗକୁ ଘର ସଂସାର କରିବେ। ତେଣୁ ଦୁହେଁ ପରସ୍ପରକୁ ଭଲ ଭାବରେ ଜାଣିବା ନିହାତି ଦରକାର। କେତେକେ ପରିବାର କଥାକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ନିଜେ ସବୁକିଛି ନିଷ୍ପତ୍ତି ନିଅନ୍ତି। ଏମିତି ହୋଇପାରେ ଆପଣ ନେଉଥିବା କିଛି ନିଷ୍ପତ୍ତି ଆପଣଙ୍କ ବୈବାହିକ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏସବୁ ବିଷୟରେ ଭଲ ଭାବରେ ଦୃଷ୍ଟି ଦିଅନ୍ତୁ।



## କିପରି ଦୂରକରିବେ
# ପିଲାଙ୍କ ନକାରାତ୍ମକ ଚିନ୍ତାଧାରା

**ପିଲାଙ୍କୁ ଭଲ ମନ୍ଦ ମଧ୍ୟରେ ଫରକ ବୁଝାନ୍ତୁ:** ବେଳେବେଳେ ପିଲାଙ୍କୁ ନକାରାତ୍ମକ ଓ ସକାରାତ୍ମକ ମଧ୍ୟରେ ଥିବା ଫରକ ଜଣା ପଡ଼େନାହିଁ। ଏହାଦ୍ୱାରା ପିଲା ନକାରାତ୍ମକ ଚିନ୍ତାଧାରା ଆଡ଼କୁ ଆକର୍ଷିତ ହୁଅନ୍ତି। ଏମିତିରେ ପିଲାକୁ ଭଲ ମନ୍ଦ ବିଷୟରେ ବୁଝାନ୍ତୁ। ପିଲାକୁ ପଜିଟିଭ୍ ଏନର୍ଜି ପ୍ରତି ଅଧିକ ମୋଟିଭେଟ୍ କରିପାରନ୍ତି। ନେଗେଟିଭ୍ ଥିଙ୍କିଙ୍ଗ୍ ରଖିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ।

**ନିଜେ ପଜିଟିଭ୍ ରୁହନ୍ତୁ:** ପିଲାମାନେ ପ୍ରାୟ ପ୍ୟାରେଣ୍ଟସ୍ଙ୍କ କେତେକ ଅଭ୍ୟାସକୁ କପି କରିଦିଅନ୍ତି। ଏମିତିରେ ପିଲାଙ୍କ ନେଗେଟିଭିଟି ଦୂରିକରିବାକୁ ହେଲେ ମାତାପିତାଙ୍କୁ ପଜିଟିଭି ରହିବା ବହୁତ ଜରୁରୀ। ଏଥିପାଇଁ ପିଲାଙ୍କ ସାମ୍ନାରେ ସବୁ ଜିନିଷର ସକାରାତ୍ମକ ସାଇଡ୍ ଦେଖନ୍ତୁ। ସବୁ ଜିନିଷର ନେଗେଟିଭିଟିଠୁ ଦୂରେଇ ରୁହନ୍ତୁ। ଫଳରେ ପିଲା ଧୀରେ ଧୀରେ ପଜିଟିଭି ହେବାକୁ ଲାଗିବ।

**ପିଲାଙ୍କ ସମସ୍ୟାର କାରଣ କ'ଣ ଖୋଜି ବାହାର କରନ୍ତୁ:** ପିଲା ନେଗେଟିଭିଟିର କ'ଣ କାରଣ ରହିଛି ତାହାକୁ ଖୋଜି ବାହାର କରନ୍ତୁ। ପିଲାଙ୍କୁ ସବବେଳେ ନକାରାତ୍ମକ ଚିନ୍ତାଠାରୁ ଦୂରେଇ ରଖନ୍ତୁ। ପିଲାଙ୍କ ସବୁ କଥା ଶୁଣି ସାରିବା ପରେ ତାଙ୍କୁ ସକାରାତ୍ମକ ଭାବେ ବୁଝାନ୍ତୁ।

**ଭଲ ଜିନିଷରେ ଫୋକସ୍ କରିବା ଶିଖାନ୍ତୁ:** ନେଗେଟିଭ୍ ଥିଙ୍କିଙ୍ଗ୍ ରଖୁଥିବା ପିଲା ସବୁବେଳେ ଖରାପ ଜିନିଷ ପ୍ରତି ମନ ଦିଅନ୍ତି। ନେଗେଟିଭ୍ ଏନର୍ଜିରେ ଧ୍ୟାନ ଦେଉଥିବା ପିଲା ସବୁବେଳେ ଦୁଃଖୀ ରୁହନ୍ତି। ଏମିତିରେ ପିଲାଙ୍କୁ ଅଧିକରୁ ଅଧିକ ସକାରାତ୍ମକ ଚିନ୍ତାଧାରା ସହ ଜଡ଼ିତ ରଖିବାକୁ ଚେଷ୍ଟା କରାନ୍ତୁ। ଏହାଦ୍ୱାରା ପିଲା ଭଲ ଜିନିଷ ପ୍ରତି ଧ୍ୟାନଦେବ ଓ ଖୁସି ରହିବ।



# ଗ୍ରୀନ୍‌ମଟର କିପରି ଷ୍ଟୋର କରିବେ



-ଯଦି ଆପଣ ଅଧିକ ଦିନ ପର୍ଯ୍ୟନ୍ତ ମଟରକୁ ଷ୍ଟୋର କରିବାକୁ ଚାହୁଁଛନ୍ତି ତେବେ ଭଲ କ୍ୱାଲିଟିର ମଟର କିଣନ୍ତୁ।

-ଯଦି ଅଧିକ ମଟର ଆପଣ ଷ୍ଟୋର କରିବାକୁ ଚାହୁଁଛନ୍ତି ଏୟାର ଟାଇଟ୍ କଣ୍ଟେନର କିମ୍ବା ଏୟାରଟାଇଟ୍ ପଲିଥିନ୍‌ର ବ୍ୟବହାର କରିପାରିବେ। ଏହାପରେ ମଟରକୁ ଏଥିରେ ରଖି ଫ୍ରିଜରରେ ରଖିପାରିବେ। ଏହାଦ୍ୱାରା ମଟର ତାଜା ରହିବା ସହ ଏହା ଖରାପ ହୁଏ ନାହିଁ।

-ଆପଣ ମଟରକୁ କାଚଜାର୍‌ରେ ଷ୍ଟୋର କରିକି ମଧ୍ୟ ରଖିପାରିବେ। ଏଥିପାଇଁ ଆପଣ ମଟରଛୁଇଁରୁ ମଟର ବାହାର କରି କାଚଜାର୍‌ରେ ରଖନ୍ତୁ। ଏହି ଜାର୍‌ଟି ଯେପରି କୌଣସି ଥଣ୍ଡା ସ୍ଥାନରେ ରଖିବାକୁ ଭୁଲନ୍ତୁ ନାହିଁ।

-ଯେତେବେଳେ ଆପଣଙ୍କୁ ମଟର ବ୍ୟବହାର କରିବାର ଅଛି ତେବେ ଏହାକୁ ଜାର୍‌ରୁ କାଢ଼ି ଏୟାର ଟାଇଟ୍ ଡବାରେ ରଖିପାରିବେ। ଏବେ ଏହାକୁ ଆପଣ ଅଧିକ ସମୟ ପର୍ଯ୍ୟନ୍ତ ରଖିପାରିବେ।

-ଗ୍ରୀନ୍ ମଟର ବ୍ୟବହାର କରିବା ପୂର୍ବରୁ ନଖ ଉଷୁମ ପାଣିରେ ପକାଇ କିଛି ସମୟ ରଖି ଦିଅନ୍ତୁ। ତା'ପରେ ଏହାକୁ ଆପଣ ବ୍ୟବହାର କରିପାରିବେ।

**ଖାଦ୍ୟରୁଚି**

# ଅଣ୍ଡା ବିନା ଆମ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ**

ଅଟା/ବେସନ-୧ କପ
ସ୍ୱାଦ ଅନୁସାରେ ଲୁଣ
ସ୍ୱାଦ ପାଇଁ ଗୋଲମରିଚ ପାଉଡର
ହଳଦୀ ପାଉଡର ଅଳ୍ପ ମାତ୍ରାରେ
ପିଆଜ ଗୋଟିଏ ଛୋଟ , କଞ୍ଚାଲଙ୍କା ଦୁଇଟି , ଟମାଟୋ ଅଧାକପ୍ , ଧନିଆଁପତ୍ର ଏସବୁକୁ ଫ୍ରାଏ କରିବାକୁ ହେଲେ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ର ନିଅନ୍ତୁ। ସେଥିରେ ଅଟା କିମ୍ବା ବେସନ ସହ ହଳଦୀ ପାଉଡର, ପିଆଜ,କଞ୍ଚାଲଙ୍କା, ଟମାଟୋ, ଧନିଆଁପତ୍ର, ଲୁଣ, ଗୋଲମରିଚ ଗୁଣ୍ଡ ଆଦିକୁ ପାଣି ଦେଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ପକାନ୍ତୁ ତେଲ ଗରମ ହେଲା ପରେ ସେଥିରେ ଏହି ମିକ୍ସକୁ ପକାଇ ଗୋଲାକାର ସେପ୍ ଦିଅନ୍ତୁ। ଏହାପରେ ଓମ୍‌ଲେଟ୍ ଉପରେ ଟିକେ ତେଲ କିମ୍ବା ସାଇଡ୍‌ରେ ତେଲ ପକାନ୍ତୁ। ଫଳରେ ଆମ୍‌ଲେଟ୍‌କୁ ଓଲଟାଇବାକୁ ସୁବିଧା ହେବ। ଏବେ ଆପଣଙ୍କ ଆମ୍‌ଲେଟ୍ ପ୍ରସ୍ତୁତ। ଏହାକୁ ଆପଣ ଗରମ ଗରମ ଚା' ସହିତ ପରଷିପାରିବେ।



# ଶୀତଦିନରେ ଏପରି ନିଅନ୍ତୁ ତ୍ୱଚାର ଯତ୍ନ

**ଶୀତଦିନ ଆସିଲେ ତ୍ୱଚାର ଖାସ୍ ଯତ୍ନ ନେବାକୁ ପଡ଼େ। ଏଥିପାଇଁ କେତୋଟି ଟିପ୍ସ ଆପଣାଇବାକୁ ପଡ଼ିବ। ଆସନ୍ତୁ ଜାଣିବା ଏ ସମ୍ପର୍କରେ କେତୋଟି ଟିପ୍ସ....**

**ସ୍କିନ୍ କେୟାର ରୁଟିନ୍ ନିୟମିତ ରୂପେ କରନ୍ତୁ**

ଏହିଦିନରେ ନିୟମିତ ରୂପେ ନିଜ ତ୍ୱଚାର ଯତ୍ନ ନିଅନ୍ତୁ। ମୁହଁକୁ ଦିନରେ ଦୁଇଥର ସଫା କରନ୍ତୁ। ଥରେ ସକାଳ ସମୟରେ ଆଉ ଗୋଟେ ରାତିରେ ଶୋଇବା ପୂର୍ବରୁ। ଏହା ବ୍ୟତୀତ ମୁହଁକୁ କୌଣସି ଲାଇଟ୍ ମଶ୍ଚରାଇଜର ଆପ୍ଲାଏ କରିବାକୁ ଭୁଲନ୍ତୁ ନାହିଁ। ଏହା ଦ୍ୱାରା ଶୀତଦିନରେ ତ୍ୱଚା ଏତେଟା ଡ୍ରାଏ ହେବ ନାହିଁ। ରାତିରେ ମଶ୍ଚରାଇଜର ଲଗାଉଥିଲେ ଅଧିକ ମଶ୍ଚରାଇଜର ଲଗାଇଲେ କିଛି ଅସୁବିଧା ନାହିଁ। ଏହାକୁ ମୁହଁ ଧୋଇବାର ଅଳ୍ପ ସମୟ ଭିତରେ କରନ୍ତୁ।

**ଉଷୁମପାଣିରେ ଗାଧୋଉଥିଲେ**

ଶୀତଦିନରେ ଅଧିକାଂଶ ଉଷୁମପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। କିନ୍ତୁ ଗରମ ପାଣିରେ ଗାଧୋଇବା ପରେ କୌଣସି ଭଲ ମଶ୍ଚରାଇଜର ବ୍ୟବହାର କରନ୍ତୁ। ଯାହାଦ୍ୱାରା ଆପଣଙ୍କ ତ୍ୱଚା ଏତେଟା ଡ୍ରାଏ ହେବ ନାହିଁ। ଯଦି ଆପଣ ମଶ୍ଚରାଇଜର ଲଗାଉନାହାନ୍ତି ତେବେ ଏହା ତ୍ୱଚାକୁ ଡ୍ରାଏ କରିବା ଦ୍ୱାରା ତ୍ୱଚାରେ ଫାଟ ସୃଷ୍ଟି ହୋଇ ଯାହାର ପରିଣାମ ସ୍ୱରୂପ ଏକ୍‌ଜିମା ହେବା ମଧ୍ୟ ଆଶଙ୍କା ରହିଛି।

**ସନ୍‌ସ୍କ୍ରିନ୍‌ର ଉପଯୋଗ କରନ୍ତୁ**

ଶୀତଦିନରେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଭୁଲନ୍ତୁ ନାହିଁ। ଶୀତଦିନରେ ଖରାକୁ ବାହାରିବା ପୂର୍ବରୁ ଏହାକୁ ନିହାତି ଲଗାନ୍ତୁ। ଏହା କେବଳ ସୂର୍ଯ୍ୟଙ୍କ କ୍ଷତିକାରକ କିରଣଠୁ ରକ୍ଷା କରିଥାଏ ତା' ନୁହେଁ ଏହା ଅଧିକ ସମୟ ପର୍ଯ୍ୟନ୍ତ ସ୍କିନ୍ ଡ୍ରାଏ ହେବାକୁ ଦିଏ ନାହିଁ।



ଫୁରସତ୍

# ବାହାଘର ପାଇଁ ପୂରା ଫ୍ଲାଇଟ୍ ବୁକ୍

ବିବାହରେ ଯିବାଆସିବା ଖର୍ଚ୍ଚ କମ୍ କରିବାଲାଗି ଲୋକେ ପୂର୍ବରୁ ବଜେଟ ନିର୍ଦ୍ଧାରଣ କରନ୍ତି। ସେଥିପାଇଁ ବର ଓ କନିଆପକ୍ଷ ନିଜ ଘର ପାଖରେ ବିବାହ କରିବାକୁ ଚାହାଁନ୍ତି। ଏବେ ଡେଷ୍ଟିନେଶନ୍ ୱେଡିଂ ଟ୍ରେଣ୍ଡ ପାଲଟିଥିବାବେଳେ ଲୋକେ ଦେଶ ବାହାରକୁ ଯାଇ ମ୍ୟାରେଜ୍ କରୁଛନ୍ତି। ସେଥିପାଇଁ ଫ୍ଲାଇଟ୍‌ରେ ଯିବାକୁ ପଡୁଛି। କିନ୍ତୁ ଜେସାଲମେରରେ ବାହାଘର ପାଇଁ ଏକ ପରିବାର ସମ୍ପୂର୍ଣ୍ଣ ଫ୍ଲାଇଟ୍ ବୁକ୍ କରିଛନ୍ତି। ଶ୍ରେୟା ନାମକ ଜଣେ ଇନ୍‌ଷ୍ଟାଗ୍ରାମ ୟୁଜର ଏହାର ଏକ ଭିଡିଓ ଶେୟାର କରିଛନ୍ତି। ତାଙ୍କ ଭଉଣୀ ବାହାଘର ପାଇଁ ପ୍ଲେନ୍‌ରେ ତାଙ୍କ ସମ୍ପୂର୍ଣ୍ଣ ପରିବାର ବସିଥିବାର ଦେଖିବାକୁ ମିଳିଛି।

















# ଏଭରେଷ୍ଟ ବେସ୍ କ୍ୟାମ୍ପରେ ସର୍ବକନିଷ୍ଠ




କାଠମାଣ୍ଡୁ

ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସବୁ ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ସିଙ୍ଗାପୁରର ୬ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଓମ୍ ମଦନ ଗାର୍ଗ। ପର୍ବତାରୋହଣରେ ରୁଚି ରଖୁଥିବା ଓମ୍ ଏଭରେଷ୍ଟ ବେସ୍ କ୍ୟାମ୍ପ ଚଢ଼ି ଏବେ ଚର୍ଚ୍ଚା ସାଉଁଟିଛନ୍ତି। ନେପାଳରେ ଥିବା ବେସ୍ କ୍ୟାମ୍ପର ଉଚ୍ଚତା ୫,୩୬୪ ମିଟର ହୋଇଥିବାବେଳେ ୧୦ ଦିନରେ ଓମ୍ ବେସ୍ କ୍ୟାମ୍ପ ଆରୋହଣ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ତେବେ ଓମ୍ ତାଙ୍କ ମା'ବାପାଙ୍କ ସହ ଏହି ଟ୍ରେକିଂ କରିଛନ୍ତି। ସେ ସିଙ୍ଗାପୁରର କାନୋସ ସାଭିଲେ ପ୍ରିସ୍କୁଲରେ ପାଠ ପଢୁଛନ୍ତି। ମା'ବାପାଙ୍କ ସହ ଓମ୍ ପ୍ରଥମେ ଆସି ଲୁକଲାରେ ପହଞ୍ଚିଥିଲେ, ଯାହା ହେଉଛି ଏଭରେଷ୍ଟ ବେସ୍‌କ୍ୟାମ୍ପର ଷ୍ଟାର୍ଟିଂ ପଏଣ୍ଟ। ସେପ୍ଟେମ୍ବର ୨୮ରୁ ଗାର୍ଗ ପରିବାର ଟ୍ରେକିଂ ଆରମ୍ଭ କରିଥିବାବେଳେ ବେସ୍‌କ୍ୟାମ୍ପରେ ସେମାନେ ନଭେମ୍ବର ୭ରେ ପହଞ୍ଚିଥିଲେ। ସାଙ୍ଗରେ ସେମାନେ ଗାଇଡ୍ ନେଇଥିଲେ। ଲୁକଲାରୁ ସେମାନେ ଫାକଡିଙ୍ଗ ଆଡକୁ ବଢ଼ିଥିଲେ। ଏହାପରେ ସେମାନେ ନାମଚେ ବାଜାରରେ ପହଞ୍ଚିଥିଲେ, ଯାହା ଏଭରେଷ୍ଟ ରିଜିୟନ୍‌ର ଟ୍ରେଡ୍ ବା ବାଣିଜ୍ୟ କେନ୍ଦ୍ର ଭାବେ ଜଣାଯାଏ। ସେଠାରୁ ସେମାନେ ଟେଙ୍ଗବୋଚେ ଯାଇଥିଲେ, ପରିଶେଷରେ ଓମ୍ ଓ ତାଙ୍କ ପରିବାର ଏଭରେଷ୍ଟ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ଓମ୍ ସିଙ୍ଗାପୁର ପତାକା ଉଡ଼ାଇଥିଲେ। ବିଶ୍ୱର ସବୁଠାରୁ ବିଶାଳ ଗିରିଶୃଙ୍ଗ ଏଭରେଷ୍ଟର ବେସ୍‌କ୍ୟାମ୍ପରେ ଜଣେ ସର୍ବକନିଷ୍ଠ ପହଞ୍ଚିବା ବିରଳ ଘଟଣା ହୋଇଥିବାବେଳେ ଓମ୍‌ଙ୍କ ନାମ ସିଙ୍ଗାପୁର ବୁକ୍ ରେକର୍ଡରେ ସାମିଲ କରାଯାଇଛି। ପୂର୍ବରୁ ଭାରତର ୩ ବର୍ଷର ନାବାଳକ ହେୟାନ୍ସ କୁମାର ଏଭରେଷ୍ଟ ବେସ୍ କ୍ୟାମ୍ପ ଆରୋହଣ କରି ଚର୍ଚ୍ଚାକୁ ଆସିଥିଲେ।










# ‘ମନ ମୁତାବକ କାମ ମିଳୁନି’

ମୁମ୍ବାଇ

ମନ ମୁତାବକ କାମ ମିଳୁ ନ ଥିବା କହିଛନ୍ତି ହିନ୍ଦୀ ଜଗତର ନାମକରା ଅଭିନେତ୍ରୀ ସ୍ୱରା ଭାସ୍କର। ନିକଟରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଇଣ୍ଡଷ୍ଟ୍ରିରେ ସେ ଜଣେ ଦକ୍ଷ ଓ ଅଭିଜ୍ଞ ସମ୍ପନ୍ନ କଳାକାର ହୋଇଥିଲେ ହେଁ ତାଙ୍କୁ ଆବଶ୍ୟକତା ଅନୁସାରେ କାମ ମିଳୁନାହିଁ। ତାଙ୍କ ଅଭିନୀତ ୬ରୁ ୭ଟି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିବାବେଳେ ୱେବ୍ ସିରିଜ୍‌ରେ ମଧ୍ୟ ତାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏତେସବୁ ପରେ ମଧ୍ୟ ଇଣ୍ଡଷ୍ଟ୍ରିରେ ତାଙ୍କୁ କାମ ମିଳୁନାହିଁ। ସାମାଜିକ ପ୍ରସଙ୍ଗରେ ନିଜର ମତ ପ୍ରକାଶ କରି ଚର୍ଚ୍ଚାରେ ରହୁଥିବା ସ୍ୱରା ମାଧୋଲାଲ କିପ୍ ୱାକିଂ ଜରିଆରେ ୨୦୦୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିସହ ରାଞ୍ଝଣା, ପ୍ରେମ ରତନ ଧନ ପାୟୋ, ନିଲ ବଟେ ସନାଟା, ଅନାରକଲି ଅଫ୍ ଆର୍‌ହା ଆଦି ଫିଲ୍ମରେ ସେ ଅଭିନୟ କରିଛନ୍ତି। ଅନେକ ସମୟରେ ନିଜ ପସନ୍ଦ ଅନୁସାରେ ଫିଲ୍ମକୁ ବାଛିବା ନେଇ ତାଙ୍କୁ ବହୁ ଅସୁବିଧା ଦେଇ ଗତି କରିବାକୁ ପଡ଼ିଥିବା ସ୍ୱରା କହିଛନ୍ତି। କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହୋଇ ଏବେ ସ୍ୱରା ଲାଇମ୍ ଲାଇଟ୍‌ରେ ଅଛନ୍ତି। ଆଗାମୀ ଦିନରେ ସ୍ୱରାଙ୍କ ଅଭିନୀତ ମର୍ଡରମିଷ୍ଟ୍ରି ମୀମାଂସା ରିଲିଜ୍ ହେବାକୁ ଥିବାବେଳେ ନାରୀ କୈନ୍ଦ୍ରିକ ଡ୍ରାମା ଫିଲ୍ମ ମିସେସ୍ ଫଲାନିରେ ସେ ନଜରକୁ ଆସିବେ ।


ସ୍ୱରା ଭାସ୍କର












## ଶେୟାର ବଜାରରେ ଭିନ୍ନ ଫଳାଫଳ

**ନୂଆଦିଲ୍ଲୀ,୫।୧୨**

ଗତ କିଛି ଦିନ ହେବ ଷ୍ଟକ୍ ବଜାରର ଫଳାଫଳ ନିବେଶକଙ୍କୁ ଉତ୍ସାହିତ କରୁଥିଲା। ହେଲେ ବିଗତ ୨ଟି କାର୍ଯ୍ୟ ଦିବସ ନିବେଶକଙ୍କୁ ଆଶଙ୍କା ମଧ୍ୟରେ ରଖିଛି। ଏପରିକି ସୋମବାରର ଶେୟାର ବଜାର କାରବାର ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଛି। ଏପରିକି ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଭିନ୍ନ ରହିଛି। ସୋମବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୪(୩୩.୯୦) ପଏଣ୍ଟ ହ୍ରାସ ପାଇ ୬୨,୮୩୫ (୬୨,୮୩୪.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ୫(୪.୯୫) ପଏଣ୍ଟ ବୃଦ୍ଧି ଘଟି ୧୮,୭୦୧ (୧୮,୭୦୧.୦୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ରେନ୍ୟୁ ପାୱାର ସହ ଜେଏସ୍ଏଲ୍‌ର ଚୁକ୍ତିନାମା

**ନୂଆଦିଲ୍ଲୀ,୫।୧୨**




ଦେଶର ପ୍ରମୁଖ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍ଏଲ୍) ସହ ନବୀକରଣଯୋଗ୍ୟ ଶକ୍ତି କମ୍ପାନୀ ରେନ୍ୟୁ ପାୱାରର ନିକଟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏପରିକି ଯାଜପୁର ପ୍ଲାଣ୍ଟକୁ ଶକ୍ତି ଯୋଗାଣ ପାଇଁ ଏକ ୟୁଟିଲିଟି ସ୍କେଲ କ୍ୟାପ୍ଟିଭ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପର ବିକାଶ ପାଇଁ ଦେଶର ସର୍ବବୃହତ ନବୀକରଣଯୋଗ୍ୟ ଶକ୍ତି କମ୍ପାନୀ ରେନ୍ୟୁ ପାୱାର ସହ ଉକ୍ତ ଚୁକ୍ତିନାମା ହୋଇଥିବା ଜଣାପଡ଼ିଛି। ବିଶେଷ କରି ୧୦୦ମେଗାୱାଟର ଚୁକ୍ତିଭିତ୍ତିକ କ୍ଷମତା ପ୍ରତି ବର୍ଷ ୭୦୦ନିୟୁତ ୟୁନିଟ୍ ଶକ୍ତି ସୌର ଏବଂ ପବନ ଉତ୍ପାଦିତ ଶକ୍ତି ପ୍ରକଳ୍ପର ମିଶ୍ରଣ ମାଧ୍ୟମରେ ଉତ୍ପନ୍ନ ହେବ। ଏହି ଅଭିନବ ବାୟୁ-ସୌର ହାଇବ୍ରିଡ୍ ସମାଧାନ ସହ ଉଚ୍ଚକ୍ଷମତା ବ୍ୟବହାର କାରକ, ଚୁକ୍ତିଭିତ୍ତିକ କ୍ଷମତାର ୟୁନିଟ୍ ପିଛା ଯଥେଷ୍ଟ ଅଧିକ ଶକ୍ତି ଉତ୍ପାଦନ କରିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି। ଏଥି ସହିତ ରେନ୍ୟୁ ପାୱାର ତା'ର ରାଉଣ୍ଡ ଦ କ୍ଲକ୍ (ଆରଟିସି) ସମାଧାନକୁ ମଧ୍ୟ ବି୨ବି ସ୍ପେସକୁ ଆଣିଛି, ଯାହା ଗତ ବର୍ଷ ଆରମ୍ଭରେ ୟୁଟିଲିଟି ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା

ଏ ସମ୍ପର୍କରେ ଜେଏସଏଲର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତର ଶୂନ୍ୟ କାର୍ବନ ନିର୍ଗମନର ଲକ୍ଷ୍ୟ ସହ ତାଳ ମିଳାଇ ଜିନ୍ଦଲ ଷ୍ଟେନଲେସ କେବଳ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ମାଧ୍ୟମରେ ଭବିଷ୍ୟତର ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ବଦ୍ଧ ଏବଂ ଏହି ପଦକ୍ଷେପ ଆମର ସଂକଳ୍ପକୁ ଆହୁରି ଦୃଢ କରିଛି। ରେନ୍ୟୁ ପାୱାର ସହ ଆମର ପ୍ରକଳ୍ପ ୨୦୨୪ ମେ ସୁଦ୍ଧା ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିବ ଏବଂ ପ୍ରତିବର୍ଷ ୬.୫ ଲକ୍ଷ ଟନରୁ ଅଧିକ କାର୍ବନ ଅବରୋଧରେ ସାହାଯ୍ୟ କରିବ ବୋଲି ଆଶା କରୁଛୁ। ସେହିଭଳି ରେନ୍ୟୁ ପାୱାରର ପ୍ରତିଷ୍ଠାତା, ଚେୟାରମ୍ୟାନ୍ ତଥା ସିଇଓ ସୁମନ୍ତ ସିହ୍ନା କହିଛନ୍ତି, ଭାରତୀୟ ଉତ୍ପାଦନ କ୍ଷେତ୍ର ପାଇଁ ଅକ୍ଷୟ ଶକ୍ତି ଉତ୍ସ ବିକାଶରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସହ ଅଂଶୀଦାର ହୋଇ ଆମେ ବେଶ ଆନନ୍ଦିତ ଅଛୁ।

## ୫ ଲକ୍ଷ କୋଟି ଟଙ୍କା ଟପିଲା ଏସ୍‌ବିଆଇ ପିବିଏ

**ଭୁବନେଶ୍ୱର,୫।୧୨**

ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ପର୍ସନାଲ୍ ବ୍ୟାଙ୍କିଙ୍ଗ୍ ଆଡଭାନ୍ସ (ପିବିଏ) ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା ଜଣାପଡିଛି। ଏପରିକି ବ୍ୟାଙ୍କ୍ ମାତ୍ର ୧୨ ମାସ ମଧ୍ୟରେ ଏକ ଲକ୍ଷ କୋଟି ଟଙ୍କା (ଏକ ଟ୍ରିଲିଅନ୍ ଟଙ୍କା)ର ଅଭିବୃଦ୍ଧି ହାସଲ କରିପାରିଛି। ବ୍ୟାଙ୍କର ଏହି ସଫଳତା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ସେହିଭଳି ୨୦୧୫ ଜାନୁୟାରୀରେ ଏସ୍‌ବିଆଇର ପିବିଏ ପ୍ରଥମ ଥର ୧ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା ଏବଂ ୨୦୧୮ ଜାନୁୟାରୀରେ ୨ଲକ୍ଷ କୋଟି ଟଙ୍କା ହୋଇଥିଲା। ଏପରିକି ୨୦୨୦ ଅଗଷ୍ଟରେ ବ୍ୟାଙ୍କର ପିବିଏ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା ଏବଂ ୨୦୨୧ ନଭେମ୍ବରରେ ତାହା ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିଲା। ବିଶେଷ କରି ପିବିଏରେ ବ୍ୟକ୍ତିଗତ ଋଣ, ପେନ୍ସନ୍ ଋଣ, ଗାଡ଼ି ଋଣ, ଶିକ୍ଷା ଋଣ, ପି-ଗୋଲ୍ଡ ଲୋନ୍ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ଋଣ ଉତ୍ପାଦ ସାମିଲ ରହିଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏସ୍‌ବିଆଇ ଆଉ ଏକ ସଫଳତାର ମାଇଲଖୁଣ୍ଟ ହାସଲ କରିଥିବା ବିଷୟରେ ମୁଁ ଖୁସିର ସହ ଘୋଷଣା କରୁଛି। ଶିଳ୍ପରେ ଅଭିଳାଷପୂର୍ଣ୍ଣ ମାନଦଣ୍ଡ ଧାର୍ଯ୍ୟ କରିବା ଲାଗି ବ୍ୟାଙ୍କ୍ ସର୍ବଦା ଉଦ୍ୟମ କରୁଛି।















See Career Appointment on every **Wednesday & Saturday**





















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୬/୨୦୨୨ Rayagada, Tuesday, December 6/ 2022

# ରୋନାଲ୍ଡୋଙ୍କ ସମ୍ମୁଖରେ ନକ୍‌ଆଉଟ୍ ଚାଲେଞ୍ଜ

**ଦୋହା,୫।୧୨(ପି.ଟି.)**

ଫିଫା ବିଶ୍ୱକପର ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ମଙ୍ଗଳବାର ମୁହାଁମୁହିଁ ହେବେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଓ ସ୍ୱିଜରଲାଣ୍ଡ। ଚଳିତ ବିଶ୍ୱକପରେ ଗୋଲ ସ୍କୋର କରିବା ସହିତ କ୍ରମାଗତ ୫ ବିଶ୍ୱକପରେ ସ୍କୋର କରିବାର ରେକର୍ଡ ତାଙ୍କ ନାମରେ ରହିଛି। ତେବେ ଲିଓନେଲ ମେସି ଓ କିଲିଆନ୍ ଏମ୍‌ବାପେଙ୍କ ପରି ପ୍ରଦର୍ଶନ ଦେବାରେ ସେ ଅସମର୍ଥ ହୋଇଛନ୍ତି। ଏମ୍‌ବାପେ ଚଳିତ ସଂସ୍କରଣର ଟପ୍ ସ୍କୋରର ରହିଥିବା ବେଳେ ମେସି ମଧ୍ୟ କିଛି ଚମତ୍କାର ପ୍ରଦର୍ଶନ ଦେଇଛନ୍ତି। ପର୍ତ୍ତୁଗାଲର ପ୍ରଥମ ମ୍ୟାଚରେ ପେନାଲ୍ଟିରୁ ସ୍କୋର କରିବା ସହିତ କ୍ରମାଗତ ୫ ବିଶ୍ୱକପରେ ଗୋଲ ଦେବାର ରେକର୍ଡ କରିଛନ୍ତି ରୋନାଲ୍ଡୋ। ବିଶ୍ୱକପ କ୍ୟାରିୟରରେ ସମୁଦାୟ ୮ ଗୋଲ ସ୍କୋର କରିଥିଲେ ହେଁ ନକଆଉଟରେ ସେ ଗୋଟିଏ ବି ଗୋଲ ସ୍କୋର କରିନାହାନ୍ତି। ସ୍ୱିଜରଲାଣ୍ଡ ବିପକ୍ଷ ମ୍ୟାଚରେ ସେ ଏହି ଧାରା ଭାଙ୍ଗିବାକୁ ପ୍ରୟାସ କରିବେ। ୧୯୫୪ ପରଠାରୁ ସ୍ୱିଜରଲାଣ୍ଡ ବିଶ୍ୱକପ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିନାହିଁ। କିନ୍ତୁ ସମାନ ସ୍ୱିଜରଲାଣ୍ଡ ଦଳ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସକୁ ୟୁରୋ୨୦୨୨ର କ୍ୱାର୍ଟର ଫାଇନାଲରେ ହରାଇଥିଲା। ସ୍ୱିଜରଲାଣ୍ଡ ବିପକ୍ଷରେ ବିଜୟ ପାଇଁ ରୋନାଲ୍ଡୋଙ୍କ ନିକଟରୁ ଏକ ଭଲ ପ୍ରଦର୍ଶନ ଆଶା କରିବ ପର୍ତ୍ତୁଗାଲ।



ଫିଫା ବିଶ୍ୱକପରେ ସୋମବାର ଜାପାନ ଓ କ୍ରୋଏସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସ୍କାଲୋନିଙ୍କ ଦୃଢ଼ ନିଷ୍ପତ୍ତି



ଜୁଆନ ଭେରନ

ଲିଓନେଲ ସ୍କାଲୋନିଙ୍କ ଆର୍ଜେଣ୍ଟିନା ଏକ ବଡ଼ ବିଜୟ ସହ କାତାର ଫୁଟ୍‌ବଲ ବିଶ୍ୱକପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ବର୍ତ୍ତମାନ ସେମାନେ ଲୋଇସ୍ ଭାନ୍ ଗାଲ୍ (ନେଦରଲାଣ୍ଡ୍ସ କୋଚ୍)ଙ୍କ ଦଳ ସହିତ ମୁକାବିଲା କରିବେ। ଏହି ମ୍ୟାଚ ଲୁସେଲ ଷ୍ଟାଡିୟମରେ ଖେଳାଯିବ, ଯେଉଁଠାରେ ଲିଓନେଲ ମେସି ଓ ତାଙ୍କ ଦଳ ପ୍ରଥମ ଦୁଇ ଗ୍ରୁପ୍ ଷ୍ଟେଜ୍ ମ୍ୟାଚ ଖେଳିଥିଲା। ଦଳ ସାଉଦି ଆରବ ବିପକ୍ଷ ମ୍ୟାଚରେ ହାରିଯିବା ପରେ ମେକ୍ସିକୋକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନା ଜାତୀୟ ଦଳ କୋଚ୍ ସ୍କାଲୋନି ଦଳର ପ୍ରଦର୍ଶନରେ ଉନ୍ନତି ଆଣିବା ପରିପ୍ରେକ୍ଷୀରେ ଦଳର ଫରମେଶନରେ ପରିବର୍ତ୍ତନ ଲାଗି କଠୋର ନିଷ୍ପତ୍ତି ନେଇଥିଲେ। ଆରବ ବିପକ୍ଷ ମ୍ୟାଚ ପରେ ସେ ମେକ୍ସିକୋ ବିପକ୍ଷ ମ୍ୟାଚରେ ତାଙ୍କ ଫରମେଶନରେ ୫ ପରିବର୍ତ୍ତନ କରଇଥିଲେ। ପରେ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ୪ ପରିବର୍ତ୍ତନ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ସେ ଏହି ସମାନ ଫର୍ମେଶନରେ ଖେଳିବା ଲାଗି ସ୍ଥିର କରିଥିଲେ। ମାତ୍ର ଡି' ମାରିଆଙ୍କ ଇଞ୍ଜୁରି ପରେ ସେ ପପୁ ଗୋମେଜ୍‌ଙ୍କୁ ଦଳରେ ନେଇଥିଲେ। ପରିସ୍ଥିତିକୁ ଚାହିଁ ଖେଳର ଷ୍ଟାଇଲ ପରିବର୍ତ୍ତନ କରି ମ୍ୟାଚ ଜିତିବା ଆର୍ଜେଣ୍ଟିନାର ମୂଳ ଲକ୍ଷ୍ୟ। ଅନ୍ୟପକ୍ଷରେ କୋଚ୍ ଲୋଇସ୍ ଭାନ୍ ଗାଲ୍‌ଙ୍କ ଅଧୀନରେ ନେଦରଲାଣ୍ଡ୍ସ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ୪ଟି ଦଳ ମଧ୍ୟରେ ଅନ୍ୟତମ। ଅନ୍ୟ ଦଳଗୁଡ଼ିକ ହେଲା ଇଂଲଣ୍ଡ, ମରକ୍କୋ ଓ କ୍ରୋଏସିଆ। ରୁଷିଆ ୨୦୧୮ ସଂସ୍କରଣ ଖେଳିସାରିବା ପରେ ନେଦରଲାଣ୍ଡ୍ସ ଚଳିତ ବିଶ୍ୱକପ୍‌କୁ ଏକ ନୂଆ ଦଳ ନେଇ କରି ଆସିଛି। ବିଶ୍ୱକପ୍ ଧରି ଦଳ ଫେରିବ ବୋଲି ମନସ୍ଥ କରିଛି। କ୍ୱାର୍ଟରଫାଇନାଲରେ ଲୋକେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଏକ ହାଇ ଭୋଲ୍‌ଟେଜ ମୁକାବିଲା ଦେଖିବାକୁ ପାଇବେ। ବିଶ୍ୱକପ୍ ନକ୍‌ଆଉଟ ପର୍ଯ୍ୟାୟରେ ଦୁଇ ଦଳ ପ୍ରଥମ ଥର ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ଦୁଇଦଳ ଗ୍ରୁପ ପର୍ଯ୍ୟାୟରେ ପରସ୍ପରକୁ ଭେଟିଛନ୍ତି। ୧୯୬୬ ବିଶ୍ୱକପ୍‌ରେ ଇଂଲଣ୍ଡ ୨–୦ ଏବଂ ୧୯୮୨ ବିଶ୍ୱକପ୍‌ରେ ୩–୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ପୋଲାଣ୍ଡକୁ ୩–୧ ଗୋଲ୍‌ରେ ପରାସ୍ତ କରି ଫ୍ରାନ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଡିଡିଏର ଡେସଚାମ୍ପଙ୍କ ନେତୃତ୍ୱରେ ଏହି ଦଳକୁ ଚଳିତ ବିଶ୍ୱକପ୍‌ର ସବୁଠାରୁ ଶକ୍ତିଶାଳୀ ଦଳ ବିବେଚନା କରାଯାଉଛି। କିଲିଆନ ଏମ୍‌ବାପେ ହେଉଛନ୍ତି ଦଳର ପ୍ରମୁଖ ଖେଳାଳି। ଅନ୍ୟପକ୍ଷରେ ସେନେଗାଲ ବିପକ୍ଷ ମ୍ୟାଚ ୩–୦ ଗୋଲ୍‌ରେ ଜିତି ଇଂଲଣ୍ଡ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛି। ଏହି ବିଜୟ ସହ ଦଳ ଚଳିତ ବିଶ୍ୱକପ୍‌ର ଅନ୍ୟତମ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି।

–(ଟିଭୋକ ସ୍ପୋର୍ଟ୍ସ)

# ମଦ ଦୋକାନରେ ପାସ୍‌ପୋର୍ଟ ଯାଞ୍ଚ

**ଦୋହା,୫।୧୨(ପି.ଟି.)**

କାତାରରେ ଫିଫା ବିଶ୍ୱକପରେ ମଦ୍ୟପାନ ଉପରେ କଡା କଟକଣା ଜାରି କରାଯାଇଛି। କାତାର ସହର ବାହାରେ ଏକ ସ୍ଥାନରେ ସୁରକ୍ଷାକର୍ମୀ ମାନେ ଛିଡା ହେବା ସହିତ ସମସ୍ତ ଲୋକ ମାନଙ୍କର ପାସପୋର୍ଟ ଯାଞ୍ଚ କରିଥିଲେ। ପାସପୋର୍ଟ ଓ ପରମିଟ୍ ଯାଞ୍ଚ କରିବା ସହିତ ଭିତରକୁ ଯିବାକୁ ଅନୁମତି ପ୍ରଦାନ କରୁଥିଲେ। ମାତ୍ର ଏହା କୌଣସି ଜେଲ୍ କିମ୍ବା ହାଇ ସିକ୍ୟୁରିଟି ଏରିଆ ନଥିଲା ବରଂ ଏକ ମଦ ଦୋକାନ ଥିଲା। ଚଳିତ ବିଶ୍ୱକପ ପାଇଁ ମଦ୍ୟପାନ ଉପରେ କଟକଣା ଜାରି କରାଯାଇଥିବା ବେଳେ ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ମଦ ଦୋକାନ ସମ୍ମୁଖରେ ମଧ୍ୟ କଡା ସୁରକ୍ଷା ବ୍ୟବସ୍ଥା ରଖାଯାଇଛି। ଏଭଳି କଟକଣା ମଧ୍ୟରେ ଏହି ମୁସଲିମ ବହୁଳ ପ୍ରଦେଶରେ ମଦ ବିକ୍ରି ଉପରେ କୌଣସି ପ୍ରଭାବ ପଡିନାହିଁ। ବିଳାସପୂର୍ଣ୍ଣ ବକ୍ସ, ହୋଟେଲ, ବାର ଓ ନାଇଟ୍ କ୍ଲବ୍ ଗୁଡିକରେ ଫୁଟବଲ ଫ୍ୟାନ ମାନଙ୍କର ଭିଡ ଦେଖିବାକୁ ମିଳୁଛି। ଫିଫା ଫ୍ୟାନ୍ ଜୋନ୍‌ରେ ବିୟର ଗୁଡିକର ମୂଲ୍ୟ ମାତ୍ର ୧୪ ଡଲାର ରହିଥିବା ବେଳେ ସମଗ୍ର ବିଶ୍ୱର ଫୁଟବଲ ଫ୍ୟାନ ଏହାର ମଜା ନେଉଛନ୍ତି। ଏହା ସହିତ ଦୋହାରେ ବାର ଖୋଜିବା ପାଇଁ ଏକ ଆପ୍ଲିକେସନ ତିଆରି କରିଛନ୍ତି ଆମେରିକୀୟ ନାଗରିକ ଏଡ୍ ବଲ୍। ଏହି ଅନ୍‌ଲାଇନ୍ ମ୍ୟାପ ଜରିଆରେ କେହିବି ଦୋହାରେ ଥିବା ବାର ଗୁଡିକ ଖୋଜି ପାଇବାରେ ସମର୍ଥ ହେବେ। ଏହା ସହିତ ଅଣ ମୁସଲିମ ବହୁଳ ଇଲାକାରେ ମଧ୍ୟ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି।

# କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ

**ଦୋହା,୫।୧୨(ପି.ଟି.)**

ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସେନେଗାଲକୁ ଏକ ପାଖିଆ ଭାବର ପରାସ୍ତ କରି ଚତୁର୍ଥ ଦଳ ଭାବରେ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ଇଂଲଣ୍ଡ। ୧୯୬୬ ଚାମ୍ପିୟନ ଇଂଲଣ୍ଡ ସମ୍ପୂର୍ଣ୍ଣ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ବିଶେଷ କରି ଫରୱାର୍ଡ ହ୍ୟାରି କେନ୍ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ୪–୩–୩ କମ୍ବିନେଶନ ଓ ସେନେଗାଲ୍ ୪–୨–୩–୧ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିଲା। ତେବେ ମ୍ୟାଚର ୬୨ ପ୍ରତିଶତ ସମୟ ଇଂଲଣ୍ଡ ବଲକ ନିୟନ୍ତ୍ରଣରେ ରଖିଥିବା ବେଳେ ଗୋଲ କିପର ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋର୍ଡାନ ହେଣ୍ଡରସନ୍(୩୮), ହ୍ୟାରୀ କେନ୍(୪୫+୩) ଓ ବୁକାୟୋ ସାକା(୫୭) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚର ୩୮ ତମ ମିନିଟରେ ସେନେଗାଲର ୩ ଡିଫେଣ୍ଡରଙ୍କୁ ପରାସ୍ତ କରି ପୋଷ୍ଟର ନିକଟତର ହୋଇଥିଲେ। ତେବେ ଅନ୍ତିମ କ୍ଷଣରେ ସେ ହେଣ୍ଡରସନଙ୍କୁ ବଲ୍ ପାଶ କରିବା ସହିତ ଇଂଲଣ୍ଡ ୧–୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ହ୍ୟାରୀ କେନ୍ ଆଉ ଏକ ଗୋଲ ସ୍କୋର କରିଥିଲେ। ୧୯ ବର୍ଷୀୟ ଜୁଡ ବେଲିଂହାମ ପାଶ ଦେଇଥିବା ବେଳେ ଗୋଲ ସ୍କୋର କରିଥିଲେ କେନ୍। ଇଂଲଣ୍ଡ ଅଧିନାୟକ ଚଳିତ ବିଶ୍ୱକପରେ ନିଜର ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ଦଳ ୨–୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ୨–୦ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧରେ ବୁକାୟୋ ସାକା ସ୍କୋର କରିଥିଲେ ତୃତୀୟ ଗୋଲ। ।୩ ଜଣ ଡିଫେଣ୍ଡରଙ୍କୁ ମାତ ଦେଇ ସେ ଏହି ଗୋଲ ସ୍କୋର କରିଥିଲେ ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମାର୍ଦ୍ଧରେ ସେନେଗାଲ ପକ୍ଷରୁ ସାମାନ୍ୟ ସଂଘର୍ଷ ଦେଖିବାକୁ ମିଳିଥିଲେ ହେଁ ଦ୍ୱିତୀୟାର୍ଦ୍ଧ ବେଶ ଧୀମା ରହିଥିଲା।

**ଫିଫା ବିଶ୍ୱକପ୍**

**(ଆଜିର ମ୍ୟାଚ)**

**ମରକ୍କୋ ବନାମ ସ୍ପେନ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ,
ସମୟ: ରାତି ୮.୩୦

**ପର୍ତ୍ତୁଗାଲ ବନାମ ସୁଇଜରଲାଣ୍ଡ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୧୨.୩୦



ସୋମବାର ଫିଫା ବିଶ୍ୱକପ୍‌ର ପ୍ରିକ୍ୱାର୍ଟର ଫାଇନାଲ ଅବସରରେ କ୍ରୋଏସିଆ ପ୍ରଶଂସକ।

# ହେନରୀଙ୍କ ରେକର୍ଡ ଭାଙ୍ଗିଲେ ଗିରୁଡ

**ଦୋହା,୫।୧୨(ପି.ଟି.):** ଫ୍ରାନ୍ସ ପକ୍ଷରୁ ୧୨୩ଟି ମ୍ୟାଚ ଖେଳି ଷ୍ଟ୍ରାଇକର ଓଲିଭର ଗିରୁଡ୍ ୫୧ ଗୋଲ ସ୍କୋର କରିଥିବା ପୋଲାଣ୍ଡ ବିପକ୍ଷ ବିଜୟରେ ବେଳେ ୧୧୭ ତମ ମ୍ୟାଚରେ ଆଉ ଏକ ରେକର୍ଡ ନିଜ ନାମରେ ଗିରୁଡ୍ ତାଙ୍କୁ ଅତିକ୍ରମ କରିଛନ୍ତି। କରିଛନ୍ତି। ଜାତୀୟ ଦଳ ପାଇଁ ସର୍ବାଧିକ ଗୋଲ ଦେବାରେ ସେ ପୂର୍ବତନ ଫରୱାର୍ଡ ଥିଏରୀ ହେନରୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ପୋଲାଣ୍ଡ ବିପକ୍ଷ ୩–୧ ବିଜୟରେ ଗିରୁଡ ଫ୍ରାନ୍ସ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ଜାତୀୟଦଳ ପକ୍ଷରୁ ଏହା ତାଙ୍କର ୫୨ତମ ଗୋଲ ଥିଲା। ଚଳିତ ବିଶ୍ୱକପର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ବିପକ୍ଷରେ ସ୍କୋର କରିବା ସହିତ ହେନରୀଙ୍କ ରେକର୍ଡ ସହିତ ସମକକ୍ଷ ହୋଇଥିଲେ। ହେନରୀ ଫ୍ରାନ୍ସ

# ନେପାଳକୁ ପରାସ୍ତ କରି ରାଞ୍ଚି ବିଜୟୀ

**ଦେବଗଡ଼, ୫।୧୨(ଡି.ଏନ୍.ଏ.)**

**ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦେବଗଡ଼ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ସୋମବାର ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଝାଡ଼ଖଣ୍ଡ ରାଞ୍ଚିର ରାଜା ସ୍ପୋର୍ଟ୍ସ ଏବଂ ନେପାଳ କାଠମାଣ୍ଡୁର କାଞ୍ଚା ୟାୱରିଓର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଞ୍ଚି ଦଳ ୨–୦ ଗୋଲରେ ନେପାଳ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚରେ ରାଞ୍ଚି ଦଳର ଖେଳାଳି ରୋଶନ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ଦେବଗଡ଼ ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଜିଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ, ଜିଲା କ୍ରିକେଟ ସଂଘ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବରିଷ୍ଠ ସଦସ୍ୟ ସୁବାସଚନ୍ଦ୍ର ଭୋଇ, ବିକାଶ ପ୍ରଧାନ, କ୍ଲବର ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପାଦକ ସଞ୍ଜିବ ନାୟକ, କ୍ଲବର ସଦସ୍ୟ ବିକାଶ ଅଗ୍ରୱାଲ, ଅନନ୍ତ ମେହେର, ଶରତ ମେହେର, ରୂପକ ମାଝୀ, ପ୍ରଦୀପ ବେହେରା, କିଶୋର ବେହେରା, ଅଲେଖ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ ଥିଲେ। ଚଳିତବର୍ଷ ଟୁର୍ନାମେଣ୍ଟରେ ରାଜ୍ୟରୁ ୫ଟି ଏବଂ ରାଜ୍ୟ ବାହାରୁ ୩ଟି ଏହିପରି ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ୭ରେ ପ୍ରଥମ ସେମିଫାଇନାଲ, ୧୦ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୧ରେ ଫାଇନାଲ ଅନୁଷ୍ଠିତ ହେବ।




ଦେବଗଡ଼ରେ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଅତିଥି ଓ ଖେଳାଳି।

# ପାକିସ୍ତାନକୁ ହରାଇଲା ଇଂଲଣ୍ଡ

**ରାୱଲପିଣ୍ଡି, ୫।୧୨ (ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ୭୪ରନରେ ଜିତିନେଇଛି। ମ୍ୟାଚ ଜିତିବା ଲାଗି ସୋମବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ପାକିସ୍ତାନ ହାତରେ ୮ ଉଇକେଟ ଥାଇ ୨୬୩ ରନ ଆବଶ୍ୟକ କରୁଥିଲା। ଦଳ କିନ୍ତୁ ଜେମ୍ସ ଆଣ୍ଡରସନ (୪/୩୬) ଓ ପ୍ଲେୟର ଅଫ୍ ଦି ମ୍ୟାଚ ଓଲି ରବିନସନ (୪/୫୦)ଙ୍କ ରିଭର୍ସ ସୁଇଂର ମୁକାବିଲା କରି ନ ପାରି ଦ୍ୱିତୀୟ ଇନିଂସରେ ୨୬୮ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଫାଇନାଲ ସେସନ ଖେଳ ଆରମ୍ଭ ପୂର୍ବରୁ ପାକିସ୍ତାନର ସ୍କୋର ୨୫୭/୫ ରହିଥିଲା। ଚା'ପାନ ବିରତି ପରେ ଦଳର ଶେଷ ୫ ଉଇକେଟ ମାତ୍ର ୧୧ରନରେ ପତନ ଘଟିଥିଲା। ଇଂଲଣ୍ଡ ୧ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଦ୍ୱିତୀୟ ନୂଆ ବଲ୍ ବ୍ୟବହାର କରିଥିଲା। ଆଣ୍ଡରସନ ଓ ରବିନ୍‌ସନ ଉଭୟେ ପୁରୁଣା ବଲ୍‌ରେ ବିପକ୍ଷ ଦଳର କ୍ଷତି ଘଟାଇଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଆକ୍ରମଣାତ୍ମକ ଫିଲ୍ଡିଂ ସଜାଇଥିଲେ। ପାକିସ୍ତାନର ଅନ୍ୟତମ ପଦାର୍ପଣ ଖେଳାଳି ସାଉଦ୍ ଶକିଲ ଦଳ ପକ୍ଷରୁ ସର୍ବାଧିକ ୭୬ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ଇଂଲଣ୍ଡ ପ୍ରଥମ ଇନିଂସରେ ୬୫୭ ରନ କରିଥିଲା। ଜବାବରେ ପାକିସ୍ତାନ ୫୭୯ ରନ କରି ୮୭ରନ ପଛୁଆ ରହିଥିଲା। ଘାସ ବିହୀନ ପିଚ୍‌ରେ ଉଭୟ ଦଳର ମୋଟ ୭ଜଣ ବ୍ୟାଟର ଶତକ ହାସଲ କରିଥିଲେ। ଚତୁର୍ଥ ଦିବସ ଖେଳରେ ଇଂଲଣ୍ଡ ମାତ୍ର ୩୫.୫ ଓଭରରେ ୨୬୪/୭ ସ୍କୋର କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ପାକିସ୍ତାନ ପାଇଁ ୪ଟି ସେସନରେ ୩୪୩ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୬୫୭
ପାକିସ୍ତାନ ପ୍ରଥମ ଇନିଂସ: ୫୭୯
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୬୪/୭, ଘୋଷଣା।
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୬୮/ଅଲଆଉଟ (ସାଉଦ ଶକିଲ–୭୬, ମହମ୍ମଦ ରିଜୱାନ୍–୪୬, ଇମାମୁଲ ହକ୍–୪୮, ଆଘା ଅଲି–୪୦; ଜେମ୍ସ ଆଣ୍ଡରସନ–୪/୩୬, ଓଲି ରବିନସନ–୪/୫୦)।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ